୬ ବାଂଲାଦେଶକୁ ୪୧ ରନରେ ହରାଇ ଭାରତ ଚାମ୍ପିଅନ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00

● ବର୍ଷ-୩୧ ● ସଂଖ୍ୟା-୩୨୪ ● ୨୩ ଡିସେମ୍ବର ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-324 ● 23rd December 2024, Monday ● Bhubaneswar | Licensed to post without pre-payment of postage No- BN-60/25-27


# କୁଏତରେ ପ୍ରବାସୀ ଭାରତୀୟଙ୍କୁ ଓଡ଼ିଶା ଆସିବାକୁ ମୋଦିଙ୍କ ନିମନ୍ତ୍ରଣ

**କୁଏତ, ୨୨।୧୨**

କୁଏତରେ ପ୍ରବାସୀ ଭାରତୀୟଙ୍କୁ ଓଡ଼ିଶା ଆସିବାକୁ ନିମନ୍ତ୍ରଣ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । କୁଏତର ହାଲା ମୋଦି (ସ୍ୱାଗତ ମୋଦି) କାର୍ଯ୍ୟକ୍ରମରେ ଏହି ନିମନ୍ତ୍ରଣ କରିଛନ୍ତି ପ୍ରଧାନମନ୍ତ୍ରୀ । ଭୁବନେଶ୍ୱରରେ ଆସନ୍ତା ମାସରେ ଆୟୋଜିତ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସରେ ସାମିଲ ହେବାକୁ ସେ କୁଏତର ପ୍ରବାସୀ ଭାରତୀୟଙ୍କୁ କରିଛନ୍ତି ନିମନ୍ତ୍ରଣ । ଏଥିସହ କୁଏତୀ ବନ୍ଧୁଙ୍କୁ ମଧ୍ୟ ସାଥିରେ ଆଣିବାକୁ ସେମାନଙ୍କୁ ସେ କହିଛନ୍ତି।



ହାଲା ମୋଦି କାର୍ଯ୍ୟକ୍ରମରେ ହଜାର ହଜାର ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ବିକଶିତ ଭାରତର ଯାତ୍ରା ପ୍ରବାସୀ ଭାରତୀୟଙ୍କ ଭାଗିଦାରୀ ବିନା ଅସମ୍ଭବ। ମୁଁ ଆପଣ ସମସ୍ତଙ୍କୁ ବିକଶିତ ଭାରତର ସଂକଳ୍ପ ସହ ଯୋଡ଼ିହେବା ପାଇଁ ଆମନ୍ତ୍ରଣ କରୁଛି। ନୂଆବର୍ଷର ପ୍ରଥମ ମାସ ଅର୍ଥାତ ୨୦୨୫ ଜାନୁଆରୀ ଏଥର ଅନେକ ରାଷ୍ଟ୍ରୀୟ ଉତ୍ସବର ମାସ ହେବାକୁ ଯାଉଛି । ୮ ରୁ ୧୦ ଜାନୁଆରୀ ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସର ଆୟୋଜନ ହେବ । ମୁଁ ଆପଣ ସମସ୍ତଙ୍କୁ ଏହି କାର୍ଯ୍ୟକ୍ରମ ପାଇଁ ନିମନ୍ତ୍ରଣ କରୁଛି । ଏହି ଯାତ୍ରାରେ ଆପଣ ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ମଧ୍ୟ ନେଇପାରିବେ ବୋଲି କହିଛନ୍ତି ମୋଦି।

ଏହା ସହିତ ପ୍ରୟାଗରାଜରେ ମହାକୁମ୍ଭ ଓ ଗଣତନ୍ତ୍ର ଦିବସ ସମାରୋହରେ ସାମିଲ ହେବାକୁ ମଧ୍ୟ ସେ ପ୍ରବାସୀ ଭାରତୀୟଙ୍କୁ ଅପିଲ କରିଛନ୍ତି । ଏଥିସହ କୁଏତୀ ବନ୍ଧୁଙ୍କୁ ସାଥିରେ ନେଇ ଭାରତ ବୁଲାଇବାକୁ ମଧ୍ୟ କହିଛନ୍ତି ମୋଦି।

କୁଏତର ଆମିର ଶେଖ ମେଶଲ ଅଲ ଶବାଙ୍କ ନିମନ୍ତ୍ରଣରେ *(ପୃଷ୍ଠା ୭ରେ)*

# ୨୪ରୁ ବର୍ଷା : ବଢ଼ିଲା ଚାଷୀଙ୍କ ଚିନ୍ତା

**ଭୁବନେଶ୍ୱର, ୨୨।୧୨**
**ନ୍ୟୁଜ୍ ବ୍ୟୁରୋ**



ଗତ ୧୭ ତାରିଖ ଠାରୁ ୨୧ ତାରିଖ ଯାଏଁ ରାଜ୍ୟର ଅଧିକାଂଶ ସ୍ଥାନରେ ହୋଇଥିବା ବର୍ଷାକୁ ନେଇ ଚାଷୀକୁଳ ହଇରାଣ ହୋଇଥିବା ବେଳେ ପୁଣି ଥରେ ସେମାନେ ସମାନପ୍ରକାରର ପରସ୍ଥିତିର ସାମ୍ନା କରିବାକୁ ପଡ଼ିପାରନ୍ତି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ପୂର୍ବାନୁମାନ ଅନୁସାରେ ଆସନ୍ତା ୨୪ ତାରିଖ ଠାରୁ ଦୁଇଦିନ ଯାଏଁ ରାଜ୍ୟରେ ପୁଣି ବର୍ଷା ସହ ଘନ କୁହୁଡ଼ି ହୋଇପାରେ।

ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ପଶ୍ଚିମା ଝଡ଼ ପ୍ରଭାବରେ ବର୍ଷାର ସମ୍ଭାବନା ରହିଛି । ଫଳରେ ଡିସେମ୍ବର ୨୪ ତାରିଖରେ ରାଜ୍ୟର ୭ଟି ଜିଲ୍ଲାରେ ହାଲୁକରୁ ମଧ୍ୟମ ଧରଣର ବର୍ଷା ଆକଳନ କରାଯାଇଛି। କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ଗଜପତି ଓ ରାୟଗଡା ଜିଲ୍ଲାରେ ବର୍ଷା ହୋଇପାରେ। ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଢେଙ୍କାନାଳ, ନୟାଗଡ, କନ୍ଧମାଳ, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ମଧ୍ୟମଧରଣର ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି *(ପୃଷ୍ଠା ୭ରେ)*

# ପ୍ରଧାନମନ୍ତ୍ରୀ ମୋଦିଙ୍କୁ ମିଳିଲା କୁଏତର ସର୍ବୋଚ୍ଚ ସମ୍ମାନ

**କୁଏତ, ୨୨।୧୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମିଳିଲା କୁଏତର ସର୍ବୋଚ୍ଚ ବେସାମରିକ ସମ୍ମାନ। ଦୁଇ ଦିନିଆ କୁଏତ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ମୋଦିଙ୍କୁ ରବିବାର ଏହାର ସର୍ବୋଚ୍ଚ ସମ୍ମାନ ଅର୍ଡର ଅଫ ମୁବାରକ ଅଲ୍-କବୀର ପ୍ରଦାନ କରାଯାଇଛି। ଏହା ହେଉଛି କୌଣସି ଦେଶ ଦ୍ୱାରା ପ୍ରଧାନମନ୍ତ୍ରୀ ମୋଦିଙ୍କୁ ପ୍ରଦାନ କରାଯାଇଥିବା ୨୦ଶ ଅନ୍ତର୍ଜାତୀୟ ସମ୍ମାନ। ଅର୍ଡର ଅଫ ମୁବାରକ ଅଲ୍-କବୀର ସମ୍ମାନ ବନ୍ଧୁତାର ପ୍ରତୀକ ଭାବେ କୌଣସି ରାଷ୍ଟ୍ରର ମୁଖ୍ୟ କିମ୍ବା *(ପୃଷ୍ଠା ୭ରେ)*




TATA MOTORS
Light Commercial Vehicles Dealers
24 hours help line :
Sales : 7873770000


# ନୂଆବର୍ଷରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ

**ପୁରୀ, ୨୨।୧୨ : ନ୍ୟୁଜ୍ ବ୍ୟୁରୋ**

ନୂଆବର୍ଷରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ ଧାଡ଼ି ଦର୍ଶନ ପ୍ରକ୍ରିୟା। ୨୭ ଓ ୨୮ ସୁଦ୍ଧା ପରିବର୍ତ୍ତନ ପ୍ରକ୍ରିୟା କ୍ରିୟାନ୍ୱୟନ ହୋଇଯିବ। ୧ ତାରିଖରୁ ନିୟମିତ ଧାଡ଼ି ଦର୍ଶନ କରିବେ ଭକ୍ତ। ମୁଖ୍ୟ ପ୍ରଶାସକଙ୍କ ସହ ସମୀକ୍ଷା କରିବା ପରେ ଏହା କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

ସେ କହିଛନ୍ତି, ୨୭ ଓ ୨୮ ତାରିଖରେ ପରିବର୍ତ୍ତନ ପ୍ରକ୍ରିୟା କ୍ରିୟାନ୍ୱୟନ କରାଯିବ। ପରୀକ୍ଷା ମୂଳକ ଭାବେ ୩୦ ଏବଂ ୩୧ ତାରିଖରେ ଧାଡି ଦର୍ଶନ କରାଯିବ। ୧ ତାରିଖରୁ ନିୟମିତ ଧାଡ଼ି ଦର୍ଶନ କରିବେ ଭକ୍ତ। ଆଇନ ମନ୍ତ୍ରୀ ଆହୁରି କହିଛନ୍ତି, ଭକ୍ତମାନେ ସାତ *(ପୃଷ୍ଠା ୭ରେ)*




# ଚଳିତ ବର୍ଷରେ ଭୁଶୁଡ଼ି ପଡିଥିଲା ଆଇନ୍ ବ୍ୟବସ୍ଥା: ଗଡ଼ିଥିଲା ମୁଣ୍ଡ

**ପୁରୀ, ନ୍ୟୁଜ ବ୍ୟୁରୋ**

ଧାର୍ମିକ ସହର ଶ୍ରୀକ୍ଷେତ୍ର ଚଳିତ ବର୍ଷ ଅପରାଧୀଙ୍କ ପ୍ରତିଶୋଧ ଓ ପତିଆରା ପାଇଁ ବହୁବାର ରକ୍ତ ରଞ୍ଜିତ ହୋଇପଡ଼ିଛି । ପ୍ରତିଶୋଧ ଓ ପତିଆରା ଲଢ଼େଇରେ ଏକାଧିକ ଗ୍ୟାଙ୍ଗର ସଦସ୍ୟଙ୍କ ମୁଣ୍ଡ ଗଡ଼ିଥିଲା । ଏମିତିକି ଶ୍ରୀମନ୍ଦିର ଚାରିପାଶ୍ୱର୍ରୁ ଆରମ୍ଭ କରି ବଡ଼ଦାଣ୍ଡ ଓ ବେଳାଭୂମି ବି ରକ୍ତରେ ଭିଜିଥିଲା । ସୁରକ୍ଷା ଦେଉଥିବା ପୁଲିସ ବି ଅପରାଧୀଙ୍କ ଆକ୍ରମଣରେ ଲହୁଲୁହାଣ ହୋଇଥିଲା । ବର୍ଷର ଅର୍ଦ୍ଧରେ ନରେନ୍ଦ୍ର ଭଉଁରି ଯାତ୍ରାରେ ବାଣ ବିସ୍ଫୋରଣ ସାରା ସହରକୁ ଥରାଇ ଦେଇଥିଲା । ଦେଇଯାଇଥିଲା ଶ୍ରୀକ୍ଷେତ୍ରକୁ ଅସରନ୍ତି ଦୁଃଖ । ୧୭ ଜଣଙ୍କ ପ୍ରାଣ ହାନି ହୋଇଥିଲା । ଖାଲି ଯେ ଶ୍ରୀକ୍ଷେତ୍ରରେ ଅପରାଧୀଙ୍କ ଉତ୍ପାତ ସୀମା ଟପିଛି ତାହା ନୁହେଁ । ଜିଲ୍ଲାର ଅନ୍ୟ ଥାନା ଅଞ୍ଚଳରେ ବନ୍ଧୁକର ଗର୍ଜନ, ବୋମାମାଡ଼ ଅଶାନ୍ତି ଭରିଦେଇଥିଲା । ହତ୍ୟା, ଚୋରି, ଡକାୟତି, ବଳାତ୍କାର, ଛିନ୍ ?ତାଇ ଭଳି ଅପରାଧ ଘଟାଇ ଅପରାଧୀ ନିଜର ଅସ୍ତିତ୍ୱ ଜାହିର କରିଛନ୍ତି । ଅପରାଧକୁ ନିୟନ୍ତ୍ରଣ କରିବାରେ ପୁଲିସର ଉଦ୍ୟମ ମଧ୍ୟ କମ୍ ନଥିଲା । ବର୍ଷରେ ୨ ଜଣ ଏସ୍ପିଙ୍କ ବଦଳି ହୋଇଥିଲେ ମଧ୍ୟ ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ସାବାଡ଼୍ କରିବା ପାଇଁ ପୁଲିସ ବିଭିନ୍ନ ରଣନୀତି ଆପଣାଇ ସଫଳ ହୋଇଥିଲା । ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ଲୁଟେରା ଆତଙ୍କ ଚଳାଇଥିଲେ । ଚଳନ୍ତା ଗାଡ଼ିକୁ ଗୋଇଠା ମାରି ଲୁଟ୍‌ପାଟ୍ କରୁଥିଲେ । ମାର୍ଚ୍ଚ ୨୨ରେ ଚନ୍ଦନପୁର ବାଇପାସ୍‌ରେ ସ୍ୱାମୀଙ୍କ ସହ ଏକ ଗିଅର ବିହୀନ ସ୍କୁଟର ଯାଉଥିବା ଗୀତାଞ୍ଜଳି ସାମନ୍ତରାୟଙ୍କ ବେକରୁ ଚେନ୍ ଛିଣ୍ଡାଇ ଥିଲେ । ଫଳରେ ସେ ଗାଡ଼ିରୁ ପଡ଼ି ଗୁରୁତର ହୋଇଥିଲେ । ସେହିପରି ମେ ୧୨ରେ ସତ୍ୟବାଦୀ ବ୍ଲକ୍ ଛକଠାରେ ଦୁର୍ବୃତ୍ତମାନେ ଚଳନ୍ତା ବାଇକକୁ ଗୋଇଠା ମାରିବାରୁ ଶିଶୁପୁତ୍ର ସହ ଦମ୍ପତି ପଡ଼ି ଗୁରୁତର ଆହତ ହୋଇଥିଲେ । ପରଦିନ ଚନ୍ଦନପୁର ବାଇପାସ୍‌ରେ ଚଳନ୍ତା ବାଇକକୁ ଗୋଇଠା ମାରି ଲୁଟିଥିଲେ ଦୁର୍ବୃତ୍ତ । ଏଥିରେ ଭାଇ ଭଉଣୀ ପଡ଼ି ଗୁରୁତର ଭାବେ ଆହତ ହୋଇଥିଲେ । ଭଉଣୀ ହାତରୁ ମୋବାଇଲ୍ ନେଇ ଯାଇଥିଲେ ଲୁଟେରା । ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ୍ ଦେଇ ବରିଷ୍ଠ ସୁପରଭାଇଜର ହରଚଣ୍ଡୀ ସାହିର ବକ୍ସି ରାମଚନ୍ଦ୍ର ପ୍ରତିହାରୀଙ୍କୁ ଅକ୍ଟୋବର ୧୮ ରେ ପଶ୍ଚିମ ଦ୍ୱାର ନିକଟରେ ଦୁର୍ବୃତ୍ତ ହାଣିଥିଲେ । ବର୍ଷ ଶେଷ ସମୟରେ ଶ୍ରୀମନ୍ଦିର ସିସିଟିଭି ଯାଞ୍ଚ କରି ଶ୍ରୀମନ୍ଦିର ଥାନା ପୁଲିସ ଏକ ୭ ଜଣିଆ ବଙ୍ଗୀୟ ଲୁଟେରାଙ୍କୁ ଧରିଥିଲା । ନାଟମଣ୍ଡପ ଭିତରେ ବୟସ୍କ ମହିଳା ଶ୍ରଦ୍ଧାଳୁଙ୍କ ବେକରୁ ସୁନା ଚେନ୍ ଝିଙ୍କି ନେବା ପରେ ଧରାପଡ଼ିଥିଲେ । ଏପ୍ରିଲ୍ ୨୭ରେ ବେଆଇନ୍ କଫ୍‌ସିରପ୍‌ର ଏକ ର୍ୟାକେଟ୍‌ର ପର୍ଦ୍ଦାଫାସ୍ କରିଥିଲା



ସିଟି ପୁଲିସ । ୧୬ ହଜାର ୬୬୦ ବୋତଲ ବେଆଇନ୍ କଫ୍‌ସିରପ୍ ଜବତ କରିଥିଲା । ଏହାର ବଜାର ମୂଲ୍ୟ ୩୩ ଲକ୍ଷ ୩୨ ହଜାର ଟଙ୍କା । ଏହି ଘଟଣାରେ ପୁଲିସ୍ ୫ ଜଣଙ୍କୁ ବାନ୍ଧିଥିଲା । ଅକ୍ଟୋବର ୧୯ ତାରିଖରେ ୪୦୪ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରି ଜେଲ୍ ଫେରନ୍ତା ମହିଳା ଓ ତାଙ୍କ ପୁଅକୁ ଗିରଫ କରିଥିଲା ପୁଲିସ । ବ୍ରାଉନ୍‌ସୁଗରର ମୂଲ୍ୟ ୪୦ ଲକ୍ଷ ୪୦ ହଜାର ଟଙ୍କା । ବର୍ଷର ଅତି ଦୁଃଖ ଓ କଷ୍ଟ ଦାୟକ ଅଘଟଣ ଥିଲା ମେ ୨୯ ତାରିଖ ମହାପ୍ରଭୁଙ୍କ ଭଉଁରୀ ଯାତ୍ରା ବେଳେ ନରେନ୍ଦ୍ରରେ ବାଣ ବିସ୍ଫୋରଣ । ଦଶତୁଠାରେ ବେଆଇନ୍ ଭାବେ ବାଣ ଫୁଟାଯାଉଥିଲା ବେଳେ ବାଣ ବସ୍ତାରେ ନିଆଁ ଝୁଲ ପଡ଼ିବାରୁ ଏକକାଳୀନ ବିସ୍ଫୋରଣ ହୋଇଥିଲା । ଏଥିରେ ୩୦ରୁ ଅଧିକ ଶ୍ରଦ୍ଧାଳୁ ପୋଡ଼ି ଯାଇଥିଲେ । ଜଳୁଥିବା ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା । ନରେନ୍ଦ୍ରରେ ଆତଙ୍କ ଖେଳି ଯାଇଥିଲା । ସମସ୍ତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ କଟକ ଓ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା । ଏହି ଭୟଙ୍କର ବିସ୍ଫୋରଣରେ ଗୋଟିଏ ପରେ ଗୋଟିଏ ଜୀବନ ଦୀପ ଲିଭିଥିଲା । ୧୫ ଦିନ ମଧ୍ୟରେ ଚିକିତ୍ସାଧୀନ ଥିବା ୧୭ ଜଣ ପ୍ରାଣ ହରାଇଥିଲେ । ଏଥିରେ ନିରୀହ ଶିଶୁଙ୍କଠାରୁ ବୟସ୍କ ଥିଲେ । ଏନେଇ ମାମଲା ରୁଜୁ ହୋଇଥିବା ବେଳେ ୫ ଜଣ ଗିରଫ ହୋଇଥିଲେ । ଏହି ଅଘଟଣ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା । ଏବେବି ପୀଡ଼ିତଙ୍କ ପରିବାର ନ୍ୟାୟ ପାଇଁ ଲଢ଼େଇ ଜାରି ରଖିଛନ୍ତି । ଅପରାଧୀମାନେ ସେମାନଙ୍କ ପତିଆରା ଜାହିର କରିବା ଲାଗି ଏକାଧିକ ସ୍ଥାନରେ ବୋମାମାଡ଼ କରି ଆତଙ୍କ ରଚିଥିଲେ ଅପରାଧୀ । ଏପ୍ରିଲ୍ ୩ ତାରିଖରେ ପେଣ୍ଟକଟା ମେରାଇନ୍ ଥାନା ଅଧୀନ ଗୋପାଳପୁର ଛକରେ ବରିଷ୍ଠ ଆଇନ୍‌ଜୀବୀଙ୍କୁ ବୋମାମାଡ଼ ହୋଇଥିଲା । ଏପ୍ରିଲ୍ ୫ରେ ଲୋକନାଥ ରୋଡ୍‌ରେ ବୋମାମାଡ଼ ହୋଇଥିଲା । ଏପ୍ରିଲ ୨୨ ରାତିରେ ଚନ୍ଦନପୁର ଥାନା ଅଧୀନ ସିଡ଼ି ଛକଠାରେ ସିମେଣ୍ଟ ଗୋଦାମକୁ ବୋମାମାଡ଼ ହୋଇଥିଲା । ଏପ୍ରିଲ୍ ୨୮ରେ ସଦର ଥାନା ଅଧୀନ ବଳଭଦ୍ରପାଟଣାର ନିକଟ ଜଙ୍ଗଲରେ ୨ ଜଣ ମହିଳାଙ୍କ ଉପରକୁ ବୋମାମାଡ଼ ହୋଇଥିଲା । ମେ ୧୬ରେ ଶ୍ରୀକ୍ଷେତ୍ର କଲୋନୀରେ ବୋମା ନେଇ ଯାଉଥିବା ବେଳେ ପକେଟରୁ ଖସିପଡ଼ି ବିସ୍ଫୋରଣ ହୋଇଥିଲା । ଏଥିରେ ୨ ଜଣ ରକ୍ତାକ୍ତ ହୋଇଥିଲେ । ମେ ୨୩ ରାତିରେ ଚନ୍ଦନପୁର ଥାନା ଅଧୀନ ବସନ୍ତପାଟଣା ଗ୍ରାମରେ ଜଣଙ୍କ ଘରକୁ ବୋମାମାଡ଼ ହୋଇଥିଲ । ମେ ୨୪ରେ ପେଣ୍ଟକଟା ତାରିଣୀ ବସ୍ତିରେ ବୋମାମାଡ଼ ହୋଇଥିଲା । ଜୁନ୍ ୨୫ ରାତିରେ ଡେଲାଙ୍ଗ ଥାନା ଅଧୀନ ଘୋରଡ଼ିଆ ଗ୍ରାମରେ ହିନ୍ଦୁ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ମଧ୍ୟରେ ବିବାଦକୁ କେନ୍ଦ୍ରକରି ବୋମାମାଡ଼ ହୋଇଥିଲା । ଅଗଷ୍ଟ ୧୦ ରାତିରେ ଚନ୍ଦନପୁର ଥାନା ଅଧୀନ ପିତେଇପୁରରେ ବୋମାମଡ଼ ହୋଇଥିଲା ।

# ଯୁକ୍ତ ଦୁଇ ପିଲାଙ୍କ କଲେଜ ବଦଳି ଆବେଦନ ଆରମ୍ଭ

## ୨୮ ଯାଏ ଚାଲିବ ପ୍ରକ୍ରିୟା: ଜାନୁଆରୀ ୪ରୁ ନାମଲେଖା



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏକାଦଶ ଶ୍ରେଣୀ (ଯୁକ୍ତ ୨ ପ୍ରଥମ ବର୍ଷ) ଶିକ୍ଷାର୍ଥୀଙ୍କ କଲେଜ ବଦଳି ଆବେଦନ ପ୍ରକ୍ରିୟା ଆରମ୍ଭ । ୨୮ ଯାଏ ସାମ୍ସ ପୋର୍ଟାଲ୍‌ରେ ଆବେଦନ ପ୍ରକ୍ରିୟା ଚାଲିବ । ୩୦ ଯାଏ କଲେଜ ସ୍ତରରେ ଆବେଦନର ଯାଞ୍ଚ ହେବ । ଉଚ୍ଚ ମାଧ୍ୟମିକ ସ୍କୁଲର ସାମ୍ସ ଜିଲ୍ଲା ନୋଡାଲ ଅଧିକାରୀ ୨୦୨୫ ଜାନୁଆରୀ ୨ ମଧ୍ୟରେ ଯାଞ୍ଚ କରିବେ । ଜାନୁଆରୀ ୩ରୁ ୧୦ ଯାଏ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟରେ ଆବେଦନପତ୍ରରେ ସମୀକ୍ଷା ହେବ । ଏହାପରେ ବଦଳି ପାଇଁ ଅନୁମତି ମିଳିବ । ୪ରୁ ୧୩ ତାରିଖ ମଧ୍ୟରେ ବଦଳି ହୋଇ ପିଲା ଚାହୁଁଥିବା କଲେଜରେ ନାମଲେଖାଇବ । ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଯୁକ୍ତ ଦୁଇ କଲେଜ ଅଧ୍ୟକ୍ଷଙ୍କୁ ଚିଠି କରାଯାଇଛି । କଲେଜ ବଦଳି ପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ ପ୍ରକାଶ ପାଇଛି । ଯେଉଁଥିରେ ପିଲାଟି ଯିବାକୁ ଚାହୁଁଥିବା କଲେଜରେ ସେ ପଢୁଥିବା ଷ୍ଟ୍ରିମ୍‌ରେ ସିଟ୍ ଥିବା ଆବଶ୍ୟକ । ୫ଟି କାରଣରେ ପିଲା ନିଜର କଲେଜ ବଦଳି କରିପାରିବ । ପିଲାର ବାପା କିମ୍ବା ମାଙ୍କ ଚାକିରିରେ ବଦଳି ବା ବାପା କିମ୍ବା ମା' ଅବସର ଗ୍ରହଣ କରିଥାନ୍ତି ତେବେ ତାର ଦସ୍ତାବିଜ ଆଧାରରେ କଲେଜ ବଦଳି କରାଯାଇପାରିବ । ବାପା, କିମ୍ବା ମାଙ୍କର ଯଦି ମୃତ୍ୟୁ ହୋଇଥାଏ ସେ ଆଧାରରେ ମଧ୍ୟ କଲେଜ ବଦଳି କରିପାରିବେ । ଝିଅ ଶିକ୍ଷାର୍ଥୀ ଯଦି ବିବାହ କରିଥାନ୍ତି ତେବେ ସେ ଆଧାରରେ ମଧ୍ୟ ବଦଳି ପାଇଁ ଆବେଦନ କରିପାରିବେ । ଏହା ଛଡ଼ା ଶାରୀରିକ ଅସୁସ୍ଥତା ଦର୍ଶାଇ ମଧ୍ୟ ବଦଳି ପାଇଁ ଆବେଦନ କରିପାରିବେ । ତେବେ ଏଥିପାଇଁ ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ(ସିଡିଏମ୍‌ଓ) କିମ୍ବା ତାଙ୍କ ର୍ୟାଙ୍କ୍‌ର ଡାକ୍ତରଙ୍କ ଠାରୁ ମିଳିଥିବା ପ୍ରମାଣପତ୍ର ଆଧାରରେ ମଧ୍ୟ କଲେଜ ବଦଳି ପାଇଁ ଆବେଦନ କରିପାରିବେ ।

## ଷ୍ଟିଲ ସିଟିରେ ପୁଣି ଲଜ୍ଜ୍ୟା : ନାବାଳିକାକୁ ଗଣ ଦୁଷ୍କର୍ମ ଅଭିଯୋଗ

**ରାଉରକେଲା, ନ୍ୟୁଜ ବ୍ୟୁରୋ**

ଷ୍ଟିଲ ସିଟିରେ ପୁଣି ଲଜ୍ଜ୍ୟା । ନାବାଳିକାକୁ ଗଣ ଦୁଷ୍କର୍ମ ଅଭିଯୋଗ । ଉଦିତ ନଗର ଥାନାରେ ଗଣ ଦୁଷ୍କର୍ମ ନେଇ ଅଭିଯୋଗ ହୋଇଛି । ଗତ ୧୭ ତାରିଖ ଅପରାହ୍ନରେ ଷ୍ଟେସନ ଅଞ୍ଚଳର ବୁଲା ବୁଲି କରିଥିଲେ ନାବାଳିକା । ଖାଇବାକୁ ଦେବାକୁ କହି ଦୁଇ ଯୁବକ କୌଶଳ କ୍ରମେ ନେଇଯାଇଥିଲେ ନାବାଳିକାକୁ । ୨୦କିଲୋମିଟର ଦୂର ବିଶ୍ରା ଅଞ୍ଚଳ ଏକ ଝାଟି ମାଟି ଘରେ ରଖି ଦୁଇ ଯୁବକ ସହ ଆଉ ଜଣେ ଯୁବକ ମୋଟ ତିନି ଜଣ ଗଣ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି ଉଦିତ ନଗର ଥାନାରେ । ଆଜି ସକାଳେ ନାବାଳିକାଙ୍କୁ ବିଶ୍ରା ଛକରେ ଛାଡ଼ି ଦେବା ସହ ଘଟଣା ପ୍ରଘଟ ନ କରିବାକୁ ଧମକ ଦେଇଥିଲେ । ପରେ ନାବାଳିକା ଜଣକ ପୋଲିସ କର୍ମଚାରୀଙ୍କ ସହାୟତାରେ ଘରେ ପହଞ୍ଚିଥିଲେ । ପରେ ପରିବାର ଲୋକଙ୍କୁ ସମସ୍ତ ଘଟଣା ବିଷୟରେ କହିଥିଲେ । ପରିବାର ଲୋକଙ୍କ ସହାୟତାରେ ନାବାଳିକା ଉଦିତ ନଗର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ତନା ଘନା କରୁଛି ।

## ପୋଲିସ ପାଇଁ ବଡ ଟେନ୍‌ସନ୍ ପାଲଟିଛି ନିଶାସକ୍ତ ଯୁବତୀଙ୍କ ଉତ୍ପାତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସାଙ୍ଗ ହୋଇ ବାର୍‌କୁ ଆସିଲେ । ବର୍‌ରେ ଜମାଇଲେ ମଦର ଆସର । ନିଶା ହୋଇ ଯିବାରୁ ଯୁବତୀଙ୍କୁ ଏକା ଛାଡିଦେଇ ଚାଲିଗଲେ ପୁରୁଷ ବନ୍ଧୁ । ନିଶାରେ ଚୁର୍ ଯୁବତୀ ରାତିସାରା ରାଜରାସ୍ତାରେ କଲେ ହାଇଡ୍ରାମା । ଫୁଟପାଥ୍‌ରେ ପଡ଼ିଥିବା ଯୁବତୀଙ୍କୁ ଉଠାଇବା ବେଳେ ପୋଲିସକୁ ଗାଳି ଗୁଲଜ ଓ କଲେ ଦୁର୍ବ୍ୟବହାର । ଯୁବତୀଙ୍କୁ ବୁଝାସୁଝା ବେଳେ ମହିଳା ପୋଲିସ କର୍ମଚାରୀଙ୍କୁ କଲେ ଆକ୍ରମଣ । ମହିଳା ପୋଲିସ କର୍ମଚାରୀଙ୍କ ଫାଟିଲା ମୁଣ୍ଡ । ଚନ୍ଦ୍ରଶେଖରପୁର ଥାନା ପୋଲିସ ଓ ପିଶିଆର୍ ଟିମ୍‌ଙ୍କ ୨ଘଣ୍ଟାର ପରିଶ୍ରମ ପରେ ଆୟତକୁ ଆସିଥିଲେ ଯୁବତୀ । ଶେଷରେ ମୂର୍ମୁଷ ଅବସ୍ଥାରେ ପଡ଼ିଥିବା ଯୁବତୀଙ୍କୁ ମେଡିକାଲ ପଠାଇଲେ ପିସିଆର୍ ଟିମ୍ । ସୂଚନା ମୁତାବକ, ଦୁଇ ଦିନର ବ୍ୟବଧାନ ପରେ ରାଜଧାନୀରେ ପୁଣି ଆଉ ଜଣେ ନିଶାସକ୍ତ ଯୁବତୀଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳିଛି । ସ୍ଥାନୀୟ ଚନ୍ଦ୍ରଶେଖରପୁର ଥାନା ସ୍ଥିତ ଡମଣା ଛକରେ ଥିବା ବସ୍ ଷ୍ଟପ୍‌ରେ ଜଣେ ଯୁବତୀ ନିଶାସକ୍ତ ଅବସ୍ଥାରେ ଶୋଇ ରହିଥିଲେ । ଯାହାର ଖବର ପାଇ ସ୍ଥାନୀୟ ଥାନା ପିସିଆର୍ ପହଞ୍ଚିଥିଲେ । ହେଲେ ପୋଲିସକୁ ଯୁବତୀ ଜଣକ ଅସଭ୍ୟ ଭାଷାରେ ଗାଳି କରିଥିଲେ । ପରେ ଥାନାକୁ ଜଣାଇବା ପରେ ଥାନାରୁ ଜଣେ ମହିଳା କନେଷ୍ଟବଳ ଆସିଥିଲେ । ଦୀର୍ଘ ଦୁଇ ଘଣ୍ଟାର କସରତ ପରେ ମଧ୍ୟ ପୋଲିସ ପରିସ୍ଥିତିକୁ ଆୟତ୍ତ କରି ପାରି ନଥିଲା । ସେପଟେ ଯୁବତୀଙ୍କ ପୁରୁଷ ବନ୍ଧୁ ଛାଡି ପଳାଇଥିବା ବେଳେ ମଉକା ଦେଖି ଯୁବତୀଙ୍କୁ ବାରରୁ ଆଣିଥିବା ବନ୍ଧୁ ପୋଲିସ ଜିମା ଦେଇ ଖସି ଯିବାକୁ ଚେଷ୍ଟା କରିଥିଲେ । ହେଲେ ପିଶିଆର ଏହି ବାବଦରେ ଥାନା ଅଧିକାରୀଙ୍କୁ ଜଣାଇବା ସହ ଯୁବକ ଏବଂ ତାଙ୍କ ଗାଡ଼ିକୁ ଥାନାକୁ ଆଣିଥିଲେ ଓ ଯୁବତୀଙ୍କୁ ମେଡିକାଲ ନେଇ ଚିକିତ୍ସା କରାଇଥିଲେ । ରାଜଧାନୀରେ ରାତିରେ ଲୁଟପାଟ ବଢୁଥିବା ବେଳେ ପୋଲିସ ଏବଂ ପିସିଆର ଚାରିଆଡ଼େ ପଇଁତରା ମାରୁଛନ୍ତି । ହେଲେ ବାରମ୍ବାର ନିଶାସକ୍ତ ଯୁବତୀ ମାନଙ୍କ ଉତ୍ପାତ ହେବାର ଦୃଶ୍ୟ ଚୋରି ଓ ଲୁଟ୍ ଅପେକ୍ଷା ପୋଲିସ ପାଇଁ ବଡ ଟେନ୍‌ସନ୍ ପାଲଟିଛି ।

# ସବୁଜ ବିପ୍ଳବର କର୍ଣ୍ଣଧାର 'ସ୍ୱର୍ଣ୍ଣ', ଭାତହାଣ୍ଡିରୁ ସ୍ୱର୍ଣ୍ଣିମ ଯାତ୍ରାର ବିଦାୟ

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ହୀରାକୁଦ ସେଚାଞ୍ଚଳକୁ ଦୀର୍ଘ ୪ ଦଶନ୍ଧି ଧରି ସମୃଦ୍ଧ କରି ଆସିଥିଲା 'ସ୍ୱର୍ଣ୍ଣ' । ଓଡ଼ିଶା ସମେତ ଦେଶର ୧୨ରୁ ଉର୍ଦ୍ଧ୍ୱ ରାଜ୍ୟରେ ସବୁଜ ବିପ୍ଳବର ଅନ୍ୟତମ କର୍ଣ୍ଣଧାର ସାଜିଥିଲା ଏହି ଶସ୍ୟ । ଅନ୍ନଦାତାର ଆର୍ଥିକ ମେରୁଦଣ୍ଡକୁ ଯେତିକି ମଜଭୁତ କରିଥିଲା ରାଜ୍ୟ ଓ ଦେଶର ରାଜକୋଷକୁ ବି ସେତିକି ବିତ୍ତଶାଳୀ କରିଥିଲା । ହେଲେ ଭାତହାଣ୍ଡିରୁ ସ୍ୱର୍ଣ୍ଣିମ ଯାତ୍ରାର ଅନ୍ତ ଘଟାଇ ବିଦାୟ ନେବାକୁ ଯାଉଛି 'ସ୍ୱର୍ଣ୍ଣ' । ରୋଗ-ପୋକ କାରଣରୁ ହୀରାକୁଦ ସେଚାଞ୍ଚଳ ଚାଷୀ ଏହି ଧାନ ଚାଷରୁ ବିମୁଖ ହୋଇଛନ୍ତି । ୧୯୮୨ରେ ଆନ୍ଧ୍ରପ୍ରଦେଶର ଗୋଦାବରୀ ଉପତ୍ୟକାରୁ ଜନ୍ମ ନେଇଥିଲା ଶଙ୍କର ଜାତୀୟ ଧାନ ବିହନ ଏମ୍‌ଟିୟୁ-୭୦୨୯ । ଏହାର ପ୍ରଚଳିତ ନାମ ରଖାଯାଇଥିଲା 'ସ୍ୱର୍ଣ୍ଣ' । କୃଷି ବୈଜ୍ଞାନିକ ଭି. ରାମଚନ୍ଦ୍ର ରାଓ ଥିଲେ ଏହାର ଜନ୍ମଦାତା । ୧୩୫ରୁ



୧୪୦ଦିନ ମଧ୍ୟରେ ଅମଳ, ବନ୍ୟା-ମରୁଡ଼ି ଓ ରୋଗ ସହନଶୀଳ ଶକ୍ତି ଏବଂ ଉତ୍ପାଦନ କ୍ଷମତା କାରଣରୁ ଏହା ଚାଷୀଙ୍କ ପ୍ରଥମ ପସନ୍ଦ ଥିଲା । ଏଥିରୁ ପ୍ରସ୍ତୁତ ଉଭୟ ଅରୁଆ, ଉଷୁନା ଚାଉଳର ସ୍ୱାଦ ଥିଲା ନିଆରା । ମୁଢ଼ି ପାଇଁ ଏହାର ଚାଉଳ ଅଧିକ ପ୍ରଯୁଜ୍ୟ ହୋଇପାରିଥିଲା । ସମ୍ବଲପୁର ଜିଲ୍ଲାର ଚିପିଲିମାସ୍ଥିତ ଓୟୁଏଟିର ଧାନ ଗବେଷଣା କେନ୍ଦ୍ର ଏହାକୁ ଓଡ଼ିଶାରେ ଲୋକପ୍ରିୟ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ଅନୁଷ୍ଠାନର ତତ୍କାଳୀନ ବୈଜ୍ଞାନିକ ପ୍ରଫେସର ସତ୍ୟରଞ୍ଜନ ଦାସ ଏହି ଧାନ ଉପରେ ଦୀର୍ଘ ବର୍ଷ ଧରି ଗବେଷଣା କରିଥିଲେ । ୧୯୮୫ ବେଳକୁ ଏହି ଧାନ ହୀରାକୁଦ ସେଚାଞ୍ଚଳରେ ଛାଇ ଯାଇଥିଲା । ନବେ ଦଶକର ଶେଷ ଆଡ଼କୁ ହୀରାକୁଦ ସେଚାଞ୍ଚଳରେ ଚାଷୀଙ୍କ ମେରୁଦଣ୍ଡକୁ ସଶକ୍ତ କରିବାରେ ପ୍ରମୁଖ ଭୂମିକା ନେଇଥିଲା । ଆଗରୁ ଦେଶୀ ତଥା ଅନ୍ୟ ହାଇଲିଂ କିସମ ଧାନରେ ଉତ୍ପାଦନ ଏକର ପିଛା ୧୫ରୁ ୨୦ କ୍ୱିଣ୍ଟାଲ ଡେଉଁ ନ ଥିଲା । 'ସ୍ୱର୍ଣ୍ଣ' ବିହନରୁ ଉତ୍ପାଦନ ୩୦ କ୍ୱିଣ୍ଟାଲ ଡେଇଁଥିଲା । 'ଆଗ୍ରାଓ'ର ରିପୋର୍ଟ ମୁତାବକ ଆନ୍ଧ୍ରପ୍ରଦେଶର ମୋଟ କୃଷି ଉତ୍ପାଦ ମୂଲ୍ୟ (ଏଜିଭିଏ) ର ୧.୦୯ ପ୍ରତିଶତ ଏବଂ ଜିଡିପିର ୦.୯୯ ପ୍ରତିଶତ କେବଳ 'ସ୍ୱର୍ଣ୍ଣ' ଧାନ ମାଡ଼ି ବସିଥିଲା । ଓଡ଼ିଶାର ମୋଟ କୃଷି ଉତ୍ପାଦର ପ୍ରାୟ ୫୫ ପ୍ରତିଶତ କେବଳ 'ସ୍ୱର୍ଣ୍ଣ' ଧାନ ଆବୋରି ନେଇଥିଲା । ହୀରାକୁଦ ସେଚାଞ୍ଚଳ ଅନ୍ତର୍ଗତ ବରଗଡ଼, ସମ୍ବଲପୁର ଏବଂ ସୋନପୁର ଜିଲ୍ଲାରେ ନବେ ଦଶକ ବେଳକୁ ମୋଟ୍ ଉତ୍ପାଦିତ ଧାନର ୯୦ ପ୍ରତିଶତ ଥିଲା 'ସ୍ୱର୍ଣ୍ଣ' । କେବଳ ଏତିକି ନୁହେଁ ଏକଦା ଏହାର ଚାହିଦା ଏଭଳି ଥିଲା ଯେ ସରକାର ଏହି ବିହନ ଯୋଗାଇ ପାରୁ ନ ଥିଲେ । ହେଲେ ରୋଗ ସହଣି ଶକ୍ତି ହରାଇବା ପରେ ରୋଗ-ପୋକ ପ୍ରାଦୁର୍ଭାବରୁ ଚାଷୀ 'ସ୍ୱର୍ଣ୍ଣ'ରୁ ବିମୁଖ ହୋଇପଡ଼ିଛନ୍ତି । 'ସ୍ୱର୍ଣ୍ଣ'ର ସ୍ଥାନ ନେଇଥିବା 'ପ୍ରତୀକ୍ଷା' ମଧ୍ୟ ମାତ୍ର କିଛି ବର୍ଷ ମଧ୍ୟରେ ଲୋକପ୍ରିୟତା ହରାଇ ସାରିଛି । ଏବେ ପ୍ରାୟ ୫ ବର୍ଷ ହେଲା ଆନ୍ଧ୍ରପ୍ରଦେଶର 'ଯମୁନା' ବିଶ୍ୱାସ ଜିତିଥିବା ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକର ତବଲା ଅଞ୍ଚଳର ଚାଷୀ ଦେବେନ୍ଦ୍ର ପ୍ରଧାନ କହିଛନ୍ତି । 'ସ୍ୱର୍ଣ୍ଣ' ଭଳି 'ଯମୁନା'ର ଉତ୍ପାଦନ କ୍ଷମତା ରହିଛି । ତେଣୁ ଚାଷୀ ଏହା ଉପରେ ଅଧିକ ଭରସା କରୁଛନ୍ତି । କିନ୍ତୁ 'ସ୍ୱର୍ଣ୍ଣ' ଭଳି ୪ ଦଶନ୍ଧି ଧରି ବିଲରେ ଏହା ରାଜ୍ କରିବ ସେହି ଆଶା ନାହିଁ ବୋଲି ସେ କହିଛନ୍ତି । ଧାନ ଉପରେ ଗବେଷଣା କରିଥିବା ଓୟୁଏଟିର ଅବସରପ୍ରାପ୍ତ କୃଷି ବୈଜ୍ଞାନିକ ପ୍ରଫେସର ସତ୍ୟରଞ୍ଜନ ଦାସ କହିଛନ୍ତି, କୌଣସି ବିହନର ରୋଗ ସହନଶୀଳତା ଓ ଗୁଣବତ୍ତା ୧୫ବର୍ଷ ଯାଏ ସୀମିତ ରହିଥାଏ । ଏହି ଦୃଷ୍ଟିରୁ 'ସ୍ୱର୍ଣ୍ଣ' ରୋଗ ସହନଶୀଳତା କ୍ଷମତା ହରାଇ ସାରିଲାଣି । ବାରମ୍ବାର ରୋଗ-ପୋକ ପ୍ରାଦୁର୍ଭାବରୁ ଚାଷୀ ଏହି ଧାନ ଚାଷ ଛାଡ଼ିବାକୁ ବାଧ୍ୟ ହେଉଛନ୍ତି । ହେଲେ ଦେଶର କୃଷି ଅଭିବୃଦ୍ଧିରେ ଏହାର ଅବଦାନ ସବୁଦିନ ପାଇଁ ଅମର ହୋଇରହିବ ବୋଲି ସେ କହିଛନ୍ତି ।

# ଚଳିତ ବର୍ଷରେ ଓଡ଼ିଶା ହାଇକୋର୍ଟଙ୍କ ଅନେକ ବଡ଼ ନିଷ୍ପତ୍ତି

**କଟକ, ନ୍ୟୁଜ ବ୍ୟୁରୋ**

୨୦୨୪ ମସିହାରେ ରାଜ୍ୟର ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଓଡ଼ିଶା ହାଇକୋର୍ଟଙ୍କୁ କରିବାକୁ ପଡ଼ିଥିଲା ହସ୍ତକ୍ଷେପ । ଅନେକ ବିବାଦରେ ଅଦାଲତଙ୍କ ରାୟ ସମାଧାନର ବାଟ ଦେଖାଇଥିଲା, ପ୍ରଶାସନିକ ମନ୍‌ମାନିକୁ ନିୟନ୍ତ୍ରଣ କରିଥିଲା । ଶିକ୍ଷା ବ୍ୟବସ୍ଥାଠାରୁ ସ୍ୱାସ୍ଥ୍ୟ ସେବା, ଜନସ୍ୱାର୍ଥ ସମ୍ବଳିତ ମାମଲାଠାରୁ ନିର୍ବାଚନୀ ବିବାଦ ପର୍ଯ୍ୟନ୍ତ ଅନେକ କ୍ଷେତ୍ରରେ ହାଇକୋର୍ଟ ଦେଇଥିଲେ ଗୁରୁତ୍ୱପୂର୍ଣ୍ଣ ରାୟ । ସେହିପରି ଅନେକ କ୍ଷେତ୍ରରେ ଅଦାଲତଙ୍କ ଦୃଷ୍ଟାନ୍ତମୂଳକ କଟକଣା ପୂରା ବ୍ୟବସ୍ଥାକୁ ସଜାଡିବାରେ ସହାୟକ ହୋଇଥିଲା । ରାଜ୍ୟରେ ସାଂସଦ ଏବଂ ବିଧାୟକଙ୍କ ବିରୋଧରେ ୨୦୨୩ ଡିସେମ୍ବର ସୁଦ୍ଧା ୪୨୩ଟି ଫୌଜଦାରୀ ମାମଲା ବିଚାରାଧୀନ ରହିଛି । ଏହି ସବୁ ମାମଲାର ତ୍ୱରିତ ବିଚାର କରିବାକୁ ହାଇକୋର୍ଟ ଚଳିତବର୍ଷ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ହାଇକୋର୍ଟ ନିଜଆଡୁ ଏହି ମାମଲା ରୁଜୁ କରିଥିଲେ । ଖାସ୍ ଏହି ସବୁ ମାମଲାର ଶୁଣାଣି ପାଇଁ ବିଭିନ୍ନ ସ୍ଥାନରେ ଗଠନ ହୋଇଥିବା ସ୍ୱତନ୍ତ୍ର ଅଦାଲତ ପାଇଁ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦେବାକୁ ମଧ୍ୟ ହାଇକୋର୍ଟ ଜିଲ୍ଲାଜଜ୍ କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟରେ ବିଭିନ୍ନ ବାଲିଘାଟରୁ ମନମୁଖି ଭାବେ ବାଲି ଉଠୁଥିଲାବେଳେ ଏହା ଉପରେ ଅଙ୍କୁଶ ଲଗାଇଥିଲେ ହାଇକୋର୍ଟ । ବାଲିଘାଟରୁ କିପରି ବାଲି ଉଠିବ, ଏଥିପାଇଁ କ'ଣସବୁ ନିୟମକୁ ପାଳନ କରିବାକୁ ପଡ଼ିବ ସେଥିପାଇଁ ଅଦାଲତ ନିର୍ଦ୍ଦେଶନାମା ଜାରି କରିଛନ୍ତି । ମେସିନ୍ ବ୍ୟବହାର କରି ବାଲିଘାଟରୁ ମନମୁଖି ଭାବେ ବାଲି ଉଠାଯାଇପାରିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ । ଯଦି କୌଣସି ସ୍ଥାନରେ ବାଲିଘାଟରୁ ମେସିନ୍ ଜରିଆରେ ବାଲି ଉଠାଇବାକୁ ପଡ଼େ ତାହେଲେ ଏଥିପାଇଁ ପରିବେଶ ଅନୁମତି ନିହାତି ଆଣିବାକୁ ପଡ଼ିବ । ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ବାଲି ଚାଲାଣ ଉପରେ ହାଇକୋର୍ଟ ସମ୍ପୂର୍ଣ୍ଣ ରୋକ୍ ଲଗାଇଥିଲେ । ଚଳିତବର୍ଷ ଏକାଧିକ ଅପରାଧିକ ମାମଲାରେ ହାଇକୋର୍ଟ ଅଭିଯୁକ୍ତମାନଙ୍କୁ ଜାମିନ୍ ପ୍ରଦାନ ବେଳେ ବୃକ୍ଷରୋପଣ ପାଇଁ ସର୍ତ୍ତାରୋପ ଭଳି ଅନନ୍ୟ ଆଦେଶ ଦେଇଛନ୍ତି । ଅଭିଯୁକ୍ତମାନଙ୍କୁ ଜାମିନ ପାଇଁ ଅନ୍ୟାନ୍ୟ ସର୍ତ୍ତ ସହ ଅତି କମ୍‌ରେ ନିଜ ଗ୍ରାମରେ ଥିବା ସରକାରୀ ଜାଗାରେ ଶହେ ଗଛ ଲଗାଇବା ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ । ଏପରିକି ଏହି ଗଛଗୁଡ଼ିକର ଦୁଇବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ମଧ୍ୟ ଅଭିଯୁକ୍ତ କରିବେ । ଏଭଳି ସର୍ତ୍ତ ଦ୍ୱାରା ଅଭିଯୁକ୍ତ ନିଜକୁ ସୁଧାରିବା ସହ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିବା ପାଇଁ ପ୍ରବର୍ତ୍ତାଇଥିଲା । ହାଇକୋର୍ଟଙ୍କ ଏଭଳି ଆଦେଶକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଥିଲା । ମହାନଦୀ ଚିତ୍ରୋତ୍ପଳା ଇରିଗେସନ୍ ଡିଭିଜନ୍-୨ରେ ଜଣେ ଅସ୍ଥାୟୀ କର୍ମଚାରୀଙ୍କୁ ଛଟେଇ କରିଦେବା ଅଭିଯୋଗରେ ଶ୍ରମ ଅଦାଲତ ତାଙ୍କୁ କାର୍ଯ୍ୟରେ ପୁନର୍ବାର ନିଯୁକ୍ତି ପାଇଁ ଆଦେଶ ଦେଇଥିଲାବେଳେ ସେହି ଆଦେଶ ବିରୋଧରେ ରାଜ୍ୟ ସରକାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଏହି ମାମଲାର ଶୁଣାଣି କରି କର୍ମଚାରୀ ପ୍ରେମାନନ୍ଦ ମହାନ୍ତିଙ୍କୁ ୫ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହାଇକୋର୍ଟଙ୍କ ଏହି ଆଦେଶ ଫଳରେ ୨୧ ବର୍ଷ ପରେ ଶ୍ରୀ ମହାନ୍ତିଙ୍କୁ ନ୍ୟାୟ ମିଳି ପାରିଥିଲା । ୨୦୦୦ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ମନୋନୀତ ତିନିଜଣ ବିଶିଷ୍ଟ ସାହିତ୍ୟକ ଡ. ଗୋବିନ୍ଦ ଭୂୟାଁ, ଡ. ଅର୍ଚ୍ଚନା ନାୟକ ଏବଂ ସଦାଶିବ ଦାଶଙ୍କୁ ଚଳିତ ବର୍ଷ ପୁରସ୍କାର ମିଳିଲା । ଏହା ଉପରେ ରହିତାଦେଶ ଥିବାରୁ ଦୀର୍ଘ ୨୪ ବର୍ଷ ଧରି ପୁରସ୍କାର ପ୍ରଦାନ କରାଯାଇନଥିଲା । ତେବେ ହାଇକୋର୍ଟ ଚଳିତବର୍ଷ ରହିତାଦେଶ ହଟାଇଥିଲେ । ହାଇକୋର୍ଟଙ୍କ ଏହି ଆଦେଶ ଫଳରେ ଦୀର୍ଘବର୍ଷ ପରେ ଏହି ତିନି ଲେଖକଙ୍କୁ ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା । ୨୦ ହଜାର କନିଷ୍ଠ ଶିକ୍ଷକ ନିଯୁକ୍ତିକୁ ନେଇ ଲାଗି ରହିଥିବା ବିବାଦର ଚଳିତବର୍ଷ ଅନ୍ତ ଘଟାଇଥିଲେ ହାଇକୋର୍ଟ । ହାଇକୋର୍ଟ ଏହି ନିଯୁକ୍ତି ପ୍ରକ୍ରିୟାକୁ ରଦ୍ଦ ପାଇଁ ମନା କରି ଦେବା ଫଳରେ କନିଷ୍ଠ ଶିକ୍ଷକଙ୍କ ନିଯୁକ୍ତି ପାଇଁ ବାଟ ଫିଟିଥିଲା । ଜଣିକିଆ ବିଚାରପତି ପୂର୍ବରୁ ପ୍ରକାଶ ପାଇଥିବା ମେଧା ତାଲିକାକୁ ରଦ୍ଦ କରିଦେଇଥିବାବେଳେ ହାଇକୋର୍ଟର ଖଣ୍ଡପୀଠ ଏଥିରେ ସଂଶୋଧନ କରିଥିଲେ । ଭଦ୍ରକରେ ଏକ ଅନର କିଲିଂ ଘଟଣାରେ ପୁଲିସ ହେପାଜତରେ ଥିବା ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହେବା ଘଟଣାରେ ହାଇକୋର୍ଟ ପୁଲିସ୍ ଅଧିକାରୀଙ୍କୁ ଏଥିପାଇଁ ଦାୟୀ କରିବା ସହ ଏହା ଏକ ହାଜତ ମୃତ୍ୟୁ ବୋଲି କହିଥିଲେ । କୌଣସି ଗିରଫ ବ୍ୟକ୍ତି ହେପାଜତରେ ଥିବାବେଳେ ତାହାର ସମ୍ପୂର୍ଣ୍ଣ ସୁରକ୍ଷା ଦାୟିତ୍ୱ ହେଉଛି ପୁଲିସ୍ ବା ଜେଲ୍ କର୍ତ୍ତୃପକ୍ଷଙ୍କର । ସିପାହୀ, କନଷ୍ଟେବଲ୍ ପଦରେ ନିଯୁକ୍ତି ପାଇଁ ସର୍ବୋଚ୍ଚ ବୟସ ସୀମାକୁ ୬ ବର୍ଷ କୋହଳ କରିଛନ୍ତି ହାଇକୋର୍ଟ । ଏହି ପଦ ଲାଗି ସର୍ବନିମ୍ନ ବୟସ ସୀମା ୧୮ବର୍ଷ ରହିଥିଲାବେଳେ ସର୍ବୋଚ୍ଚ ବୟସ ସୀମା ୨୩ ବର୍ଷ ଧାର୍ଯ୍ୟ କରିଥିଲେ ରାଜ୍ୟ ସରକାର । ଏହି ବିଜ୍ଞପ୍ତିକୁ ଚାଲେଞ୍ଜ କରି ହାଇକୋର୍ଟରେ ଏକାଧିକ ମାମଲା ରୁଜୁ ହୋଇଥିଲା । ହାଇକୋର୍ଟ ଏହି ମାମଲାମକୁ ବିଚାର ପାଇଁ ଗ୍ରହଣ କରି ଆଶାୟୀ ପ୍ରାର୍ଥୀଙ୍କ ବୟସ ସୀମା କୋହଳ ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାଦ୍ୱାରା ଅନେକ ଆଶାୟୀଙ୍କୁ ଆଶ୍ୱସ୍ତି ମିଳିଥିଲା । ଆଇନଜୀବୀମାନେ କୋର୍ଟର ଅଫିସର ଅଟନ୍ତି । ସେମାନେ ବିଚାର ବ୍ୟବସ୍ଥାର ଚକ । ବାର ଏବଂ ବେଞ୍ଚ ମଧ୍ୟରେ ବିଶ୍ୱାସ ଯୋଗୁ ନ୍ୟାୟିକ ବ୍ୟବସ୍ଥା ଚାଲିଛି । ଗୁଡ୍ ଫେଥ୍‌ରେ ଆଇନଜୀବୀଙ୍କ ଉପରେ ଅଦାଲତ ବିଶ୍ୱାସ ରଖିଥାନ୍ତି । ଏହି ବିଶ୍ୱାସକୁ ନେଇ ଯେତେବେଳେ ଜଣେ ଆଇନଜୀବୀ କୌଣସି ସତ୍ୟପାଠ ଦାଖଲ କରନ୍ତି ତାହାକୁ ଦ୍ୱିତୀୟ ଥର ତର୍ଜମା ନକରି ଅଦାଲତରେ ଗ୍ରହଣ କରିଥାନ୍ତି । ଏଭଳି ସ୍ଥିତିରେ ଆଇନଜୀବୀ ଅର୍ଥାତ୍ କୋର୍ଟର ଅଫିସରମାନେ ସେମାନଙ୍କ ଉପରେ ଥିବା ବେଞ୍ଚର ବିଶ୍ୱାସକୁ ଆଘାତ ଦିଅନ୍ତୁ ନାହିଁ କିମ୍ବା ବିଚାରପତିଙ୍କୁ ଦୃଷ୍ଟିହୀନ ଭାବନ୍ତୁ ନାହିଁ ବୋଲି ହାଇକୋର୍ଟ କ୍ଷୋଭ ପ୍ରକାଶ କରି କହିଥିଲେ । ଜାଲ୍ ଡକ୍ୟୁମେଣ୍ଟ ଦେଇ ଜାମିନ୍ ପାଇଁ କରାଯାଇଥିବା ଆବେଦନକୁ ଖାରଜ କଲା ବେଳେ ହାଇକୋର୍ଟ ଏଭଳି ମନ୍ତବ୍ୟ ଦେଇଥିଲେ । ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅଞ୍ଚଳରେ ନାବାଳିକା ଗଣବଳାତ୍କାର ଓ ହତ୍ୟା ମାମଲାରେ ନିମ୍ନ ଅଦାଲତଙ୍କ ଦ୍ୱାରା ଫାଶୀ ଦଣ୍ଡାଦେଶ ପାଇଥିବା ଦୁଇ ଆସାମୀ ଅସିଫ୍ ଅଲ୍ଲୀ ଓରଫ ଅସିଫ୍ ଇକ୍‌ବାଲ୍ ଏବଂ ଅକିଲ୍ ଅଲ୍ଲୀକୁ ହାଇକୋର୍ଟ ଜୀବନଦାନ ଦେଇଥିଲେ । ହାଇକୋର୍ଟ ଅସିଫ୍ ଅଲ୍ଲୀକୁ ଫାଶୀ ଦଣ୍ଡାଦେଶ ପରିବର୍ତ୍ତେ ଆଜୀବନ କାରାଦଣ୍ଡ ଭୋଗିବ ବୋଲି ନିର୍ଦ୍ଦେଶ ଦେଇଥିବାବେଳେ ଅକିଲ ଅଲ୍ଲୀକୁ ନିର୍ଦ୍ଦୋଷରେ ଖଲାସ କରିଦେଇଥିଲେ । ଜବରଦଖଲ ଉଚ୍ଛେଦକୁ ନେଇ ମାଜିଷ୍ଟ୍ରେଟଙ୍କ କ୍ଷମତା ଥିଲାବେଳେ ସେମାନେ ଏହାର ବ୍ୟବହାର କରୁନଥିବାରୁ ମହକିଲମାନେ ଅଦାଲତକୁ ଆସୁଛନ୍ତି । ତେଣୁ ଏହି ପରିପ୍ରେକ୍ଷୀରେ ମାଜିଷ୍ଟ୍ରେଟ୍‌ମାନେ ଜବରଦଖଲ ଉଚ୍ଛେଦକୁ ନେଇ ସେମାନଙ୍କ କ୍ଷମତାର ପ୍ରୟୋଗ କରିବା ଆବଶ୍ୟକ ବୋଲି ହାଇକୋର୍ଟ କହିଥିଲେ । ବ୍ଲକ୍ ଗ୍ରାଣ୍ଟ କଲେଜ ଅଧ୍ୟାପକ ଓ କର୍ମଚାରୀଙ୍କୁ ପେନସନ୍ ପ୍ରଦାନ ପାଇଁ ହାଇକୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ରାଜ୍ୟ ସରକାର ଏକ ବିଜ୍ଞପ୍ତି ପ୍ରକାଶ କରି ପେନସନ୍ ପରିବର୍ତ୍ତେ ଅବସର ପରେ ଏକକାଳୀନ ପ୍ରାପ୍ୟ ପ୍ରଦାନ ଲାଗି ବିଜ୍ଞପ୍ତି ଜାରି କରିଥିଲେ । ହାଇକୋର୍ଟ ଚଳିତବର୍ଷ ଏହି ବିଜ୍ଞପ୍ତିକୁ ରଦ୍ଦ କରିବା ସହ କର୍ମଚାରୀଙ୍କୁ ପେନସନ୍ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । କୋଭିଡ୍ ସମୟରେ ନିଜ ଜୀବନକୁ ବାଜି ଲଗେଇ କାମ କରିଥିବା ଉଭୟ ସରକାରୀ ଏବଂ ଘରୋଇ ନର୍ସିଂ କର୍ମଚାରୀଙ୍କ ମଧ୍ୟରେ ରାଜ୍ୟ ସରକାର ପ୍ରଭେଦ ସୃଷ୍ଟି କରିପାରିବେ ନାହିଁ । ଘରୋଇ ମେଡିକାଲରେ ନର୍ସିଂ କର୍ମଚାରୀ ଭାବେ ନିଯୁକ୍ତି ପାଇଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ବି ସରକାରୀ ନର୍ସିଂ କର୍ମଚାରୀଙ୍କ ପରି ନିଯୁକ୍ତି ପ୍ରକ୍ରିୟାରେ ଅଧିକ ୫% ମାର୍କ ଦେବାଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ସରୋଗାସି ଜରିଆରେ ଯେଉଁମାନେ ମା' ହେଉଛନ୍ତି ସେମାନଙ୍କୁ ମଧ୍ୟ ପ୍ରସବକାଳୀନ ଛୁଟି ଦିଆଯିବା ଆବଶ୍ୟକ । ଫଳରେ ପିଲାର ସେମାନେ ଯତ୍ନ ନେଇପାରିବେ । ତେଣୁ ଏନେଇ ଯେଉଁ ପୁରୁଣା ଆଇନ ରହିଛି ତାହାକୁ ସାମ୍ପ୍ରତିକ ସ୍ଥିତିର ଆଧାରରେ ତର୍ଜମା କରି ଏଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ଙ୍କ ଆଦେଶକୁ ହାଇକୋର୍ଟରେ ଚାଲେଞ୍ଜ କରାଯାଇପାରିବ । କିନ୍ତୁ କେତେକ ସ୍ୱତନ୍ତ୍ର ବା ବ୍ୟତିକ୍ରମ ମାମଲାରେ ଏଭଳି ହୋଇପାରିବ । ଯଦି କୌଣସି ମାମଲାରେ ମୌଳିକ ଅଧିକାର କ୍ଷୁଣ୍ଣ ହେଉଥିବ, ସାଧାରଣ ଆଇନର(ନାଚୁରାଲ ଜଷ୍ଟିସ୍) ଉଲ୍ଲଙ୍ଘନ ହେଉଥିବ ସେଭଳି କ୍ଷେତ୍ରରେ ହାଇକୋର୍ଟ ଏନ୍‌ଜିଟି ଆଦେଶ ବିରୋଧରେ ଶୁଣାଣି କରିପାରିବେ । ଏନ୍‌ଡିପିଏସ୍ (ନାରକୋଟିକ୍‌ସ୍ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରପିକ୍ ସବ୍‌ଷ୍ଟାନ୍‌ସେସ୍ ଆକ୍ଟ) ମାମଲାର ଶୁଣାଣି ଆସିଷ୍ଟାଣ୍ଟ ସେସନ୍ସ ଜଜ୍‌ଙ୍କ ଅଦାଲତରେ ହୋଇପାରିବ ନାହିଁ । ଏକ ଏନ୍‌ଡିପିଏସ୍ ମାମଲାରେ ୩୩ବର୍ଷ ତଳେ ଜୟପୁର ଆସିଷ୍ଟାଣ୍ଟ ସେସନ୍ସ ଜଜ୍ ଦେଇଥିବା ଆଦେଶକୁ ହାଇକୋର୍ଟ ରଦ୍ଦ କରିବା ପରିପ୍ରେକ୍ଷୀରେ ଏଭଳି ରାୟଦେଇଥିଲେ । ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ଙ୍କ ବିରୋଧରେ ଜିଲ୍ଲାପାଳ କୌଣସି ପ୍ରକାର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ନାହିଁ । ଯେହେତୁ ଜଣେ ନିର୍ବାହୀ ଅଧିକାରୀ ପଞ୍ଚାୟତ ଅଧୀନରେ କାର୍ଯ୍ୟ କରୁଛନ୍ତି ତାଙ୍କ ବିରୋଧରେ ଗ୍ରାମ ପଞ୍ଚାୟତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ବୋଲି ଓଡ଼ିଶା ହାଇକୋର୍ଟ ଏକ ରାୟରେ ସ୍ପଷ୍ଟ କରିଥିଲେ । ଗତ ସାଧାରଣ ନିର୍ବାଚନରେ ରାଜନୈତିକ ପ୍ରସଙ୍ଗ ପାଲଟିଥିବା ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ଓ ଅଳଙ୍କାର ଗଣତିକ୍ମଣତି ପାଇଁ ସରକାର ପଦକ୍ଷେପ ନେଇଛନ୍ତି । ଏଥିପାଇଁ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରାଯାଇଛି । ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ଗଠିତ ଅଧ୍ୟକ୍ଷତାରେ ଗଠିତ ଏହି କମିଟି ରତ୍ନଭଣ୍ଡାର ଖୋଲାଯିବାଠାରୁ ଆରମ୍ଭ କରି ଯାଞ୍ଚ ଆଦି କାର୍ଯ୍ୟ ଜାରି ରହିଛି । ବିହାର ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ୍ ସିଂ ଚଳିତବର୍ଷ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ । ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ପଦରୁ ଜଷ୍ଟିସ୍ ଶୁଭାଶିଷ ତାଳପତ୍ର ଅବସର ଗ୍ରହଣ କରିବା ପରେ ବରିଷ୍ଠ ବିଚାରପତି ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କୁ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ । ଏହାପରେ ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂଙ୍କୁ ହାଇକୋର୍ଟର ମୁଖ୍ୟ ବିଚାରପତି ପଦରେ ନିଯୁକ୍ତି ମିଳିଥିଲା । ଏବେ ସେ ଏହି ପଦରେ ରହିଛନ୍ତି । ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଚଳିତବର୍ଷ ଝାଡ଼ଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ପଦରେ ନିଯୁକ୍ତି ପାଇଥିଲେ । ସେ ମାସକରୁ ମଧ୍ୟ କମ୍ ସମୟ ପାଇଁ ସେଠାରେ ମୁଖ୍ୟ ବିଚାରପତି ପଦରେ ରହି ଅବସର ଗ୍ରହଣ କରିଥିଲେ । ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ୍ ଦେବବ୍ରତ ଦାଶ ଅକ୍ଟୋବର ୯ ତାରିଖରେ ଅବସର ଗ୍ରହଣ କରିଥିଲେ । ଗୋଟେ ଗୋଟେ ଦିନରେ ବହୁ ମାମଲାରେ ରାୟ ପ୍ରଦାନ କରି ସେ ଏକ ରେକର୍ଡ ସୃଷ୍ଟି କରିଥିଲେ । ଚଳିତବର୍ଷ ସାଧାରଣ ନିର୍ବାଚନ ପରେ ହାଇକୋର୍ଟରେ ନିର୍ବାଚନ ମାମଲା ରୁଜୁ ହେବାରେ ଏକପ୍ରକାର ରେକର୍ଡ ସୃଷ୍ଟି ହୋଇଛି । ନିର୍ବାଚନରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଓ ବିଧାୟକ ଭାବେ ନିର୍ବାଚିତ ପ୍ରାର୍ଥୀଙ୍କ ଜିତାପଟକୁ ଅସିଦ୍ଧ ଘୋଷଣା କରିବାକୁ ପ୍ରାର୍ଥନା କରି ୩୦ଟି ମାମଲା ଦାଏର ହୋଇଛି । ୨୦୧୯ ନିର୍ବାଚନରେ ଅଧିକ ନିର୍ବାଚନୀ ମାମଲା ଦାଏର ହୋଇନଥିବାବେଳେ ୨୦୧୪ ସାଧାରଣ ନିର୍ବାଚନ ପରେ ସର୍ବାଧିକ ୨୧ଟି ମାମଲା ରୁଜୁ ହୋଇଥିଲା । ଚଳିତବର୍ଷ କିନ୍ତୁ ନୂଆ ରେକର୍ଡ ସୃଷ୍ଟି ହୋଇଛି । ଦୁଇଟି ସଂସଦୀୟ କ୍ଷେତ୍ର ପାଇଁ ମଧ୍ୟ ମାମଲା ଦାଏର ହୋଇଛି । ଏତେ ସଂଖ୍ୟକ ନିର୍ବାଚନୀ ମାମଲା ଦାଏର ହେବା ଏକ ରେକର୍ଡ ବୋଲି ବୋଲି ଦୀର୍ଘବର୍ଷ ଧରି ନିର୍ବାଚନ ମାମଲା ପରିଚାଳନା କରି ଆସୁଥିବା ଆଇନଜୀବୀ ତରଣୀକାନ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି । ଚଳିତ ବର୍ଷ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ଏବଂ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ଦୁଇଟି ନିର୍ବାଚନୀ ମାମଲା ରୁଜୁ ହୋଇଛି । ସେହିପରି ବିଧାନସଭା କ୍ଷେତ୍ର ଭାବେ ରାଉରକେଲା ନିର୍ବାଚନକୁ ନେଇ ସର୍ବାଧିକ ୪ଟି ମାମଲାର ବିଧାୟକ ସାରଦା ନାୟକଙ୍କ ବିରୋଧରେ ରୁଜୁ ହୋଇଛି । ଏହାବାଦ୍ ନର୍ଲା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଧାୟିକା ମନୋରମା ମହାନ୍ତି, ସୋର ବିଧାୟକ ମାଧବ ଧଡ଼ା, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ସୁକିନ୍ଦା ବିଧାୟକ ପ୍ରଦୀପ ବଳ ସାମନ୍ତ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଭୁବନେଶ୍ୱର(କେନ୍ଦ୍ର) ବିଧାୟକ ଅନନ୍ତ ନାରାୟଣ ଜେନା, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ୍, ବିଞ୍ଝାରପୁର ବିଧାୟକ ପ୍ରମିଳା ମଲ୍ଲିକ, ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ବୀରମିତ୍ରପୁର ବିଧାୟକ ରୋହିତ ଯୋଶେଫ ତିର୍କି, ଏକାମ୍ର ବିଧାୟକ ବାବୁ ସିଂ, ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ପାଟଣାଗଡ଼ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂହଦେଓ, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢ଼ୋଲକିଆ, ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ବିରୋଧରେ ନିର୍ବାଚନୀ ମାମଲା ରୁଜୁ ହୋଇଛି । ଏହି ନିର୍ବାଚନ ମାମଲାର ଫଳାଫଳ ଯଦି ବିଧାୟକମାନଙ୍କ ବିରୋଧରେ ଯାଏ ତେବେ ରାଜ୍ୟ ସରକାର ଅଡୁଆରେ ପଡିବାର ଆଶଙ୍କା ରହିଛି ।





# ଗୋନାସିକା କେନ୍ଦୁଝରର ମହୋତ୍ସବର ଚତୁର୍ଥ ସନ୍ଧ୍ୟା

## ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର ଚିତ୍ତାକର୍ଷକ ନୃତ୍ୟ ଏବଂ ଶୁଭୋଦୀପ ଓ ଅନନ୍ୟାଙ୍କଗୀତରେ ଝୁମିଲେ ଦର୍ଶକ




**କେନ୍ଦୁଝର, ନ୍ୟୁଜ**

ତୃତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମ ବର୍ଷାରେ ବାଧାପ୍ରାପ୍ତ ହେବା ପରେ ଚତୁର୍ଥ ସନ୍ଧ୍ୟାରେ ଦୁଲୁକିଛି ଗୋନାସିକା କେନ୍ଦୁଝର ମହୋତ୍ସବର ମଞ୍ଚ। ପ୍ରଥମ ପର୍ଯ୍ୟାୟରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ, ଆସାମର କଳାକାରମାନଙ୍କ ଦ୍ୱାରା ବିହୁ ନୃତ୍ୟ ଏବଂ ଗୁଜରାଟର କଳାକାରମାନଙ୍କ ଦ୍ୱାରା ଦାଣ୍ଡିଆ ନୃତ୍ୟ ପରିବେଷଣ କରାଯାଇଥିଲା । ସମସ୍ତ ନୃତ୍ୟ ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇଥିଲା ବେଳେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର କଳାକାର ମାନଙ୍କ ଦ୍ୱାରା ପ୍ରଦର୍ଶିତ ଚିତ୍ତାକର୍ଷକ କଳାତ୍ମକ ନୃତ୍ୟ ସମୟରେ ଦର୍ଶକଙ୍କ ତାଳି ବନ୍ଦ ହେବାର ନାଁ ନେଇ ନଥିଲା । ଗୋନାସିକା ମହୋତ୍ସବର ପୂର୍ବ ବର୍ଷରୁ ଚାଲି ଆସୁଥିବା ପରମ୍ପରା ଅନୁଯାୟୀ କେନ୍ଦୁଝର ଜିଲ୍ଲାପରିଷଦର ସଭ୍ୟ ସଭ୍ୟାମାନଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା । ଲୋକପ୍ରତିନିଧି ହିସାବରେ ନିଜ ଅଞ୍ଚଳର ଉନ୍ନତି ଓ ଲୋକଙ୍କ ସେବାରେ ନିଜକୁ ନିରନ୍ତର ନିୟୋଜିତ କରି ରଖିଥିବାରୁ ଆଶିଷ ଚକ୍ରବର୍ତ୍ତୀ, ଛଇଳବାଳା ନାୟକ, କେଦାର ଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ ଚନ୍ଦ୍ର ନାଏକ, ସୌଭାଗ୍ୟ ମଞ୍ଜରୀ ନାୟକ, ରୁନୁ ମହାନ୍ତ, ଶାନ୍ତିଲତା ରଣା, ଅରୁଣ କୁମାର ବାରିକ, ଶଶିକାନ୍ତ ଖିଲାର, ଡମ୍ବରୁଧର କୁଦାଦା ଓ ଶ୍ରୀ ଲକ୍ଷ୍ମୀଧର କିଷାନଙ୍କୁ ସମ୍ମାନପୂର୍ବକ ମଞ୍ଚ ଉପରକୁ ପାଛୋଟି ନିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ଜାତୀୟସ୍ତରର ଏକ ଟିଭି ଚ୍ୟାନେଲର ଡ୍ୟାନ୍ସ ରିଏଲିଟି ସୋରେ ସଫଳତାପୂର୍ବକ ଫାଇନାଲରେ ପ୍ରତିଦ୍ୱନ୍ଦିତା କରିଥିବା କେନ୍ଦୁଝରର ଝିଅ ସୁଶ୍ରୀ ଚିରଶ୍ରୀ ସାଗରିକାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ସନ୍ଧ୍ୟାର ଅନ୍ତିମ ପର୍ଯ୍ୟାୟରେ ବଲିଉଡ୍ କଳାକାର ଶୁଭଦୀପ ଦାସ ଓ ଅନନ୍ୟା ପାଲଙ୍କ ସଂଗୀତ ଉପସ୍ଥିତ ଦର୍ଶକଙ୍କୁ ବେଶ ଅମୋଦିତ କରିଥିଲା। ସୂଚନାଯୋଗ୍ୟ ଗୋନାସିକା କେନ୍ଦୁଝରର ଅନ୍ତିମ ସନ୍ଧ୍ୟା ଉଦଯାପନୀ ସମାରୋହରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

## ଚଳିତ ଖରିଫ ବର୍ଷ ୨୦୨୪-୨୫ ଧାନ ସଂଗ୍ରହ ନିମନ୍ତେ ସମୀକ୍ଷା ବୈଠକ

# ଅସାଧୁଙ୍କ କବଳରୁ ଚାଷୀଙ୍କୁ ମୁକ୍ତକରି ଧାନ ସଂଗ୍ରହ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ ପାଇଁ ମନ୍ତ୍ରୀଙ୍କ ପରାମର୍ଶ

**କଟକ, ନ୍ୟୁଜ ବ୍ୟୁରୋ**

ସମଗ୍ର କଟକ ଜିଲ୍ଲାରେ ସୁରୁଖୁରୁରେ ତଥା ସ୍ୱଚ୍ଛତାର ସହ ଧାନ ସଂଗ୍ରହ ପ୍ରକ୍ରିୟା ନିମନ୍ତେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତକଳା ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଜିଲ୍ଲାର ବାରଙ୍ଗ, କଣ୍ଟାପଡା ବ୍ଲକ ସ୍ଥିତ ପ୍ରମୁଖ ମଣ୍ଡିଗୁଡିକର ପରିଦର୍ଶନ କରିଥିଲେ। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ମନ୍ତ୍ରୀ ସମୀକ୍ଷା ବୈଠକରେ ଯୋଗଦେଇ ଶୃଙ୍ଖଳତାର ଧାନ ସଂଗ୍ରହ ନିମନ୍ତେ ଚାଷୀ ମାନଙ୍କର ସମସ୍ତ ସୁବିଧାକୁ ଗୁରୁତ୍ୱ ଦେଇ ଆଗାମୀ ଦିନମାନଙ୍କରେ ପର୍ଯ୍ୟବେକ୍ଷକ ତଥା ନିୟୋଜିତ ହୋଇଥିବା ନୋଡାଲ ଅଧିକାରୀମାନେ ମଣ୍ଡି ଗୁଡିକୁ ବାରମ୍ବାର ଗସ୍ତକରି ଆବଶ୍ୟକ ପଦକ୍ଷେପ ଗ୍ରହଣ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ଧାନ ମଣ୍ଡିଗୁଡିକରେ ନୂତନ ବ୍ୟବସ୍ଥା ଅବଲମ୍ବନ ହେଉଥିବାରୁ ମଣ୍ଡିମନଙ୍କରେ ବ୍ୟବସ୍ଥାକୁ ସୁଦୃଢ଼ କରିବା ତଥା ସମାନତା ରକ୍ଷା ପୂର୍ବକ ସମସ୍ତ ଚାଷୀଙ୍କ ଠାରୁ ଧାନ ସଂଗ୍ରହ, ଆସାଧୁ ବେପାରୀଙ୍କ କବଳରୁ ଚାଷୀ ମାନଙ୍କୁ ମୁକ୍ତକରି ଧାନ ସଂଗ୍ରହ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ ସହ ମଣ୍ଡି ଗୁଡ଼ିକର ଭିତ୍ତିଭୂମିକୁ ସୁଦୃଢ଼ କରାଯିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ ତଥା ଅସ୍ଥାୟୀ ବିଶ୍ରାମାଗାର ନିର୍ମାଣ କରିବା ପାଇଁ ସମୀକ୍ଷା ପୂର୍ବକ ବୈଠକରେ ମନ୍ତ୍ରୀ ମତବ୍ୟକ୍ତ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ନୂତନ ଭାବେ ପ୍ରଚଳିତ ବ୍ୟବସ୍ଥାରେ ମାନସିକ ସ୍ତରରେ ପ୍ରସ୍ତୁତ ହୋଇ ଚାଷୀ ମାନଙ୍କ ହିତରେ ସମସ୍ତ କାର୍ଯ୍ୟ କରିବାପାଇଁ କହିଥିଲେ। ସମୀକ୍ଷା ବୈଠକରେ, ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ଧାନ ସଂଗ୍ରହ ଓ କ୍ରୟ ପ୍ରକ୍ରିୟାରେ ସମାନତା ପୂର୍ବକ କ୍ଷୁଦ୍ରଚାଷୀମାନଙ୍କୁ ବିଶେଷ ଗୁରୁତ୍ୱ ଦେବା ଉପରେ ଆଲୋଚନା କରି ସ୍ୱଚ୍ଛତା ଅବଲମ୍ବନ ନିମନ୍ତେ କୌଣସି ମଧ୍ୟସ୍ଥତା ତଥା ଅସାଧୁ କାରବାର ରୋକିବା ନିମନ୍ତେ ପ୍ରଶାସନିକ ବ୍ୟବସ୍ଥା ମାଧ୍ୟମରେ ନିୟୋଜିତ ନୋଡାଲ ଅଧିକାରୀମାନେ ତତ୍ପରତା ସହ ମଣ୍ଡିମାନଙ୍କରେ ପରିଦର୍ଶନ କରି କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସ୍ୱାଗତ ପୂର୍ବକ ବୈଠକ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିବା ସହ ଜିଲ୍ଲାରେ ସ୍ୱଚ୍ଛତାର ସହ ଧାନ ସଂଗ୍ରହ ଓ କ୍ରୟ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଥିବା ତଥା ମଣ୍ଡିମାନଙ୍କରେ ଏବଂ ଜିଲ୍ଲାରେ ଆବଶ୍ୟକ ନୋଡାଲ ଅଧିକାରୀ ନିୟୋଜିତ ହେବା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଏଥିସହ ଧାନର ଗୁଣାତ୍ମକମାନ ବାବଦରେ ଚାଷୀମାନଙ୍କୁ ଅବଗତ ତଥା ଅସାଧୁ ବେପାର ରୋକାଯିବା ସମ୍ବନ୍ଧରେ ବୈଠକରେ ନେଇ ଜିଲ୍ଲାପାଳ ସୂଚନା ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜ ସମୀକ୍ଷା ବୈଠକରେ ଯୋଗଦେଇ କହିଲେ ଯେ ଆସନ୍ତା ମଙ୍ଗଳବାଳ ସୁଦ୍ଧା ସମସ୍ତ ପ୍ରସ୍ତୁତି ସହ ଧାନ ମଣ୍ଡିମାନଙ୍କରେ ଧାନ କ୍ରୟ ନିମନ୍ତେ ସମସ୍ତ ସୁବ୍ୟବସ୍ଥା କରାଯାଇ ଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନିତ କରାଯିବ। ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ନେଇ ମଣ୍ଡି ପରିଦର୍ଶନ ପୂର୍ବକ ସମସ୍ତ ତଥ୍ୟ ଉପଲବ୍ଧ କରି ରାଜ ମତବ୍ୟକ୍ତ କରିଥିଲେ। ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ବିଭୁ ପ୍ରସନ୍ନ ଆଚାର୍ଯ୍ୟ ଜିଲ୍ଲାର ଧାନ ସଂଗ୍ରହ ସମ୍ବନ୍ଧରେ ସୂଚନା ପ୍ରଦାନ କରିବା ସହ ୧୨ ଜଣ ମିଲରଙ୍କ ମାଧ୍ୟମରେ ୨୧୫ ଟି ପ୍ରାଥମିକ କୃଷି ସମବାୟ ସମିତି, ୩ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତଥା ୨୧ ଟି ପ୍ରାଥମିକ କୃଷି ସମବାୟ ସମିତି ଉପକେନ୍ଦ୍ର ଦ୍ୱାରା ଧାନ ସଂଗ୍ରହ କରାଯିବା ନେଇ ସୂଚନା ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟ ଚଳିତ ୨୦୨୪-୨୫ ବର୍ଷ ପାଇଁ ୧୫,୧୦,୪୪୧.୧୭ କି.ଗ୍ରା ଧାନ ସଂଗ୍ରହ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଏବଂ ଆଜି ପର୍ଯ୍ୟନ୍ତ ୬୬,୫୦୫ ଜଣ ପଞ୍ଜୀକୃତ ଚାଷୀଙ୍କର ଯାଞ୍ଚ ପ୍ରକ୍ରିୟା ସମାପ୍ତ ହୋଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲ୍ଲାପାଳ ଡ଼ ଦିବ୍ୟଲୋଚନ ମହାନ୍ତ, ଆଠଗଡ ଉପ-ଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ବାଙ୍କୀ ଉପ-ଜିଲ୍ଲାପାଳ ଦେବିପ୍ରସାଦ ମହାନ୍ତି, ସଦର ଉପ-ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କ ସମେତ କୃଷି ଅଧିକାରୀ ଓ କର୍ମଚାରୀଙ୍କ ସମେତ ସମସ୍ତ ଉପଖଣ୍ଡର ଡି.ଆର.ସି.ଏସ, ଏ.ଆର.ସି.ଏସ, ନିୟନ୍ତ୍ରଣ ବଜାର କମିଟି ସମ୍ପାଦକମାନେ ଯୋଗଦେଇଥିଲେ।



# ଗ୍ୟାସ୍ ବିତରଣ କେନ୍ଦ୍ରରେ କଳାବଜାରୀ : ଖାଉଟି ହନ୍ତସନ୍ତ

## ପ୍ରଶାସନ ଦୃଷ୍ଟି ନଦେଲେ ଆଗକୁ ଆନ୍ଦୋଳନ ଚେତାବନୀ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ମା'ମାନଙ୍କୁ ଚୁଲି ଧୁଆଁରୁ ମୁକ୍ତ କରିବା ପାଇଁ କେନ୍ଦ୍ର ସରକାର ଘରେ ଘରେ କିପରି ରନ୍ଧନ ଗ୍ୟାସ ପହଞ୍ଚିବ ବ୍ୟାପକ ବ୍ୟବସ୍ଥା କରିଛନ୍ତି। ଏପରିକି ଆର୍ଥିକ ଅନଗ୍ରସର ତଳେ ରହିଥିବା ମହିଳାମାନଙ୍କୁ ଉଜ୍ଜ୍ୱଳା ଯୋଜନାରେ ମାଗଣା ଗ୍ୟାସ ଯୋଗାଇ ଦେଇଛନ୍ତି। ଏହି ରନ୍ଧନ ଗ୍ୟାସ କିପରି ମହିଳାମାନଙ୍କ ପାଖରେ ସଠିକ ସମୟରେ ପହଞ୍ଚିବ ସେଥିପାଇଁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସହିତ ଏକ ସ୍ୱତନ୍ତ୍ର ବିଭାଗକୁ ମଧ୍ୟ ସରକାର ଯୋଡିଛନ୍ତି । ଘରେ ଘରେ ଗ୍ୟାସ ସିଲିଣ୍ଡର ପହଞ୍ଚାଇବା ପାଇଁ ଗ୍ୟାସ ଡିଷ୍ଟ୍ରିବ୍ୟୁଟରମାନଙ୍କୁ ଟ୍ରାନପୋର୍ଟିଂ ଚାର୍ଜ ମଧ୍ୟ ସରକାର ଭରଣା କରୁଛନ୍ତି। ମାତ୍ର ଜଗତସିଂହପୁର ଜିଲ୍ଲାରେ ଏଥିରେ ବହୁ ମାତ୍ରାରେ ବ୍ୟତିକ୍ରମ ଦେଖାଦେଇଛି। ଗ୍ୟାସ ବିତରକ ଦାୟିତ୍ୱରେ ଥିବା ବିଭିନ୍ନ ସଂସ୍ଥା ସାଧାରଣ ଖାଉଟି ବା ହିତାଧୀକାରୀମାନଙ୍କୁ ବିଭିନ୍ନ ଉପାୟରେ ଶୋଷଣ କରୁଥିବା ଅଭିଯୋଗ ହେଉଛି। ଜଗତସିଂହପୁର ଜିଲ୍ଲାର ଜିଲ୍ଲାରେ ବ୍ୟାପକ ଭାବରେ ଗ୍ୟାସ କଳାବଜାରୀ ହେଉଥିବା ଦେଖାଯାଇଛି । ଗ୍ୟାସ ବିତରକମାନେ ଘରୋଇ ସିଲିଣ୍ଡର ଗୁଡିକୁ ସଠିକ ସମୟରେ ଖାଉଟିଙ୍କୁ ନଦେଇ କଳାବଜାରୀ କରି ହୋଟେଲ, ଜଳଖିଆ ଦୋକାନ ଆଦିକୁ ଚଢା ଦରରେ ବିକ୍ରି କରୁଛନ୍ତି । ଜଗତସିଂହପୁର ଜିଲ୍ଲାରେ ୮ଟି ବ୍ଲକରେ ୧୫ ଜଣ ଗ୍ୟାସ ବିତରକଙ୍କୁ ବଣ୍ଟନ ଦାୟିତ୍ୱ ଦିଆଯାଇଛି । କେତେକ ସ୍ଥାନରେ ମହିଳା ସ୍ୱୟଂ ସହାୟକ ଗ୍ରୁପ ଗୁଡିକ ମଧ୍ୟ ବିତରକ ଦାୟିତ୍ୱରେ ରହିଛି । ମହିଳା ସ୍ୱୟଂ ସହାୟକ ଗ୍ରୁପ ଗୁଡିକୁ ଢାଲ କରି କେତେକ ମୁଷ୍ଟିମେୟ ଲୋକ, ରାଜନେତା ଗ୍ୟାସ କଳାବଜାରୀ କରି ବେଶ ହାତଚିକଣ କରୁଛନ୍ତି । ଜଗତସିଂହପୁର ବ୍ଲକର ସାଁପୁର ନିକଟରେ ଥିବା ଗ୍ୟାସ ବିରତକ ସଂସ୍ଥାରୁ ବ୍ୟାପକ ଭାବରେ ରନ୍ଧନ ଗ୍ୟାସ କଳାବଜାରୀ ହେଉଥିବା ବେଳେ ସାଧାରଣ ଖାଉଟି ଗ୍ୟାସ ସିଲିଣ୍ଡର ଗୋଟିଏ ପାଇବା ପାଇଁ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି । ଏହି ଗ୍ୟାସ ବିତରକ ସଂସ୍ଥା ଉପରେ ଜଗତସିଂହପୁର, ରଘୁନାଥପୁର ଓ ତିର୍ତ୍ତୋଲ ବ୍ଲକର ବହୁତ ହିତାଧିକାରୀ ନିର୍ଭର କରୁଥିବା ବେଳେ ସଂସ୍ଥାର ମନମାନିରେ ଲୋକେ ଅସନ୍ତୁଷ୍ଟ ହୋଇ ବହୁବାର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗରେ ଅଫିସରଙ୍କୁ ଭେଟି ଅଭିଯୋଗ କରିଛନ୍ତି । ସଂପୃକ୍ତ ଗ୍ୟାସ ବିତରକ ସଂସ୍ଥାରେ ନିଜର ନିକଟ ସଂପର୍କୀୟଙ୍କୁ ସଭାପତି, ସଂପାଦକ ଆସନରେ ବସାଇ ଜଣେ ଶାସକ ଦଳର ନେତା ନିଜେ ଜଣେ ସାଧାରଣ ମେମ୍ବର ଭାବରେ ରହିଛନ୍ତି । ତେଣୁ ଏଭି କଳାବଜାରି ବାବଦରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାରେ ଅଭିଯୋଗ କଲେ ମଧ୍ୟ କିଛି ଲାଭ ମଧ୍ୟ ହୁଏନାହିଁ ବୋଲି ଖାଉଟି ମାନେ ଅଭିଯୋଗ କରିଛନ୍ତି । ଏପରିକି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ଅଫିସରେ ସଂପୃକ୍ତ ଗ୍ୟାସ ବିତରକ ସଂସ୍ଥାର ପ୍ରଚ୍ଛଦ ପଟରେ ରହିଥିବା କରିତକର୍ମା ରାଜନେତା ଜଣକ ମନ୍ତ୍ରୀଙ୍କୁ କହିବ ବୋଲି ଧମକ ଦେଉଥିବାରୁ ଅଫିସରମାନେ ମଧ୍ୟ ଡରି ରହିଥିବା ଆଲୋଚନା ହେଉଛି । ସରକାର ମହିଳାମାନଙ୍କ ନିକଟରେ ତଥା ଘରେ ଘରେ ଗ୍ୟାସ ସିଲିଣ୍ଡର ପହଞ୍ଚାଇବା ପାଇଁ ଡେଲିଭରି ଚାର୍ଜ ମଧ୍ୟ ଦେଉଛନ୍ତି । ଆଇଓସିଏଲ ପ୍ରତ୍ୟେକ ଘରୋଇ ସିଲିଣ୍ଡର ପିଛା ଖାଉଟିଙ୍କ ପାଇଁ ୮୩୮.୫୦ ଟଙ୍କା ଧାର୍ଯ୍ୟ କରିଥିବା ବେଳେ ଡିଲର ପ୍ରାଇସ ୮୦୬.୯୦ ଟଙ୍କା ରହୁଛି। ପ୍ରତି ସିଲିଣ୍ଡର ପିଛା ଡିଲର ୩୧.୬୦ଟଙ୍କା ଲାଭ ପାଉଛି । ଏହା ସହିତ ଟ୍ରାନସପୋଟେସନ ପାଇଁ ପ୍ରତି କିଲୋମିଟର ପିଛା ୧୦ ରୁ ୨୦ ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ବ୍ଲକର ଦୂରତା ଅନୁଯାୟୀ ରେଟ ଧାର୍ଯ୍ୟ କରାଯାଇଛି । ମାତ୍ର ସଂପୃକ୍ତ ଗ୍ୟାସ ବିତରକ ସଂସ୍ଥା ଘରେ ପହଞ୍ଚାଇବା ପାଇଁ ସେମିତି କିଛି ନିୟମ ନଥିବା ହିତାଧୀକାରୀମାନଙ୍କୁ କହିବା ସହିତ ସିଲିଣ୍ଡର ପିଛା ଧାର୍ଯ୍ୟ ମୁଲ୍ୟ ଠାରୁ ୫୦ ଟଙ୍କା ଅଧିକ ନେଇ ସାଁପୁର ଛକ ଦୋକାନରୁ ଗ୍ୟାସ ନେବା ପାଇଁ କହୁଥିବାର ଅଭିଯୋଗ ହେଉଛି । ଫଳରେ ସିଲିଣ୍ଡର ପିଛା ହାରାହାରି ୮୦ ଟଙ୍କା ଲାଭ କରି ଖାଉଟିଙ୍କୁ ଶୋଷଣ କରୁଥିବାର କହିଛନ୍ତି ଖାଉଟି । ଏହା ସହିତ ଗ୍ୟାସ ପାଇବା ପାଇଁ ଲାଇନରେ ଆଗୁଆ ଖାଲି ସିଲିଣ୍ଡର ଦେଇ ଦୁଇ ତିନି ଦିନ ଅପେକ୍ଷା କରିବାକୁ ପଡୁଛି ବୋଲି ଲୋକେ କହୁଛନ୍ତି। ଦିର୍ଘ ଦିନରୁ ଏପରି ହୋଇ ଆସୁଥିବାରୁ ସ୍ଥାନୀୟ ଲୋକେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାରେ ଅଭିଯୋଗ କରିଥିଲେ । ଏହାକୁ ନେଇ ଏକ ବିବାଦର ସୂତ୍ରପାତ ହେବାରୁ ସଂପୃକ୍ତ ସଂସ୍ଥାର ସଂଶ୍ଳିଷ୍ଟ ଥିବା ରାଜନେତା ଜଣକ ମନ୍ତ୍ରୀଙ୍କୁ କହି ଅଫିସରଙ୍କୁ ନାଲି ଆଖି ଦେଖାଇଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଆଗକୁ ଗ୍ୟାସ ବିତରଣ ବ୍ୟବସ୍ଥିତ ଢଙ୍ଗରେ ଚାଲିବ ବୋଲି ମନ୍ତ୍ରୀଙ୍କ ନିକଟରେ ସଂପୃକ୍ତ ସଂସ୍ଥାର ମୁଖ୍ୟ ଓ ରାଜନେତା ଜଣକ ପ୍ରତିଶ୍ରୁତି ଦେବା ପରେ ମନ୍ତ୍ରୀଙ୍କ କହିବା ଅନୁସାରେ ପୁଣି ସଂପୃକ୍ତ ସଂସ୍ଥା ଗ୍ୟାସ ବିତରଣ କରୁଥିବାର ଦେଖାଯାଇଛି । ତେବେ ସେଭଳି ଗ୍ୟାସ ବିତରକ ସଂସ୍ଥା ବାବଦରେ ଲୋକଙ୍କ ଅଭିଯୋଗକୁ ଆଧାର କରି ଜିଲ୍ଲାପାଳ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ସଂପୃକ୍ତ ସଂସ୍ଥାକୁ କଳାତାଲିକା ଭୁକ୍ତ କରିବାକୁ ସାଧାରଣରେ ଦାବୀ ହେଉଛି । ଯଦି ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ନଦିଏ ତେବେ ଆଗାମୀ ଦିନରେ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ବୋଲି ସ୍ଥାନୀୟ ଖାଉଟି ଚେତାବନୀ ଦେଇଛନ୍ତି ।

# ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଜିଲ୍ଲାର ୪ ପ୍ରକଳ୍ପ ଜୋନ୍‌ସ୍ତରକୁ ମନୋନୀତ



**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ କେନ୍ଦ୍ରାପଡା ଜିଲ୍ଲାର ୪ ପ୍ରକଳ୍ପ ଜୋନ୍‌ସ୍ତରକୁ ମନୋନୀତ ହୋଇଥିବା ଜଣାପଡିଛି। ବରଗଡ ଜିଲ୍ଲାର ବରପାଲୀ ସରକାରୀ ବାଳକ ବିଦ୍ୟାଳୟରେ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ୩ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଜିଲ୍ଲାସ୍ତରକୁ ଯାଇଥିବା ୭ଟି ପ୍ରକଳ୍ପ ମଧ୍ୟରୁ ୪ଟି ପ୍ରକଳ୍ପକୁ ଶ୍ରେଷ୍ଠ ବିବେଚନା କରାଯାଇ ଜୋନ୍‌ସ୍ତରକୁ ମନୋନୀତ କରାଯାଇଛି। ତରାଣ୍ଡୋସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଏକାଦଶ ଶ୍ରେଣୀର ଛାତ୍ରୀ ସ୍ୱାତୀପ୍ରଜ୍ଞା ରଥଙ୍କ ଖାଦ୍ୟ ସ୍ୱାସ୍ଥ୍ୟ ଉପବିଷୟବସ୍ତୁ ପ୍ରଥମସ୍ଥାନ, ପଚାମୁଣ୍ଡାଇ ଗଙ୍ଗାରାମପୁର ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ପ୍ରାଣକୋଷ ପ୍ରଧାନଙ୍କ ବିପର୍ଯ୍ୟୟ ପରିଚାଳନା ପ୍ରଥମସ୍ଥାନ ପାଇଥିବାବେଳେ ଇନ୍ଦୁପୁର ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ରଶ୍ମିରଂଜନ ସାହୁଙ୍କ ବର୍ଯ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ଓ ଗୋଜାବନ୍ଧର ଗାନ୍ଧୀ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ସନ୍ତୋଷ ବାରିକଙ୍କ ପରିବହନ ଓ ଯୋଗାଯୋଗ ପ୍ରକଳ୍ପ ଜୋନ୍‌ସ୍ତରକୁ ମନୋନୀତ ହୋଇଛନ୍ତି। ଏହି ୪ ବୈଜ୍ଞାନିକଙ୍କ ପ୍ରକଳ୍ପ ଜାନୁଆରୀ ୭ ରୁ ୯ ତାରିଖ ପର୍ଯ୍ୟନ୍ତ କଲିକତାର ବିଆଇଟିଏମ୍ ଜୋନ୍ ପ୍ରଦର୍ଶନୀରେ ଭାଗ ନେବେ। ଏହି ସଫଳତା ପାଇଁ ଜିଲ୍ଲା ଶିକ୍ଷାଅଧିକାରୀ ପ୍ରଦୀପ୍ତ କୁମାର ନାଗ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ଜିଲ୍ଲା ବିଜ୍ଞାନ ପରିଦଶକ ନିଷିଧ କୁମାର ବାରିକ ବରପାଲିଠାରେ ପହଁଚି କୁନି ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିଥିଲେ।

# 'ପିଲାଙ୍କୁ ଉତ୍ତମ ଶିକ୍ଷାଦାନ ନିମନ୍ତେ 'ନିପୁଣ ଓଡ଼ିଶା' କାର୍ଯ୍ୟକାରୀ କରାଯାଉଛି'

## ଜିଲ୍ଲା ଶିକ୍ଷା ବିଭାଗର ପ୍ରକଳ୍ପ ପରିଚାଳନା ୟୁନିଟର ବୈଠକ



**ରମ୍ଭା, ନ୍ୟୁଜ ବ୍ୟୁରୋ**

ଜିଲ୍ଲା ଶିକ୍ଷା ବିଭାଗର ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟ୍ (ଡିପିଏମୟୁ)ର ବୈଠକ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ )ସୁଧାଂଶୁ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଓ ତାଲିମ୍ ଅନୁଷ୍ଠାନ ଖଲ୍ଲିକୋଟ ଗଞ୍ଜାମର ଅଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ପରିଡା ପ୍ରଥମ ଶ୍ରେଣୀରୁ ତୃତୀୟ ଶ୍ରେଣୀ ପିଲାଙ୍କୁ କିପରି ଶିକ୍ଷାଦାନ କରାଯାଇପାରିବ ତାହା ଉପରେ ଉପସ୍ଥିତ ପ୍ରଧାନ ଶିକ୍ଷକ/ପ୍ରଧାନ ଶିକ୍ଷୟିତ୍ରୀ, ବ୍ଲକ ଶିକ୍ଷା ଅଧିକାରୀ, ସି.ଆର.ସି.ସି. ତଥା ସମସ୍ତ ସଦସ୍ୟଙ୍କୁ ଉପସ୍ଥାପନା କରିଥିଲେ । ପିଲାମାନଙ୍କର ଭାଷା ଓ ଗଣିତ ଜ୍ଞାନର ବିକାଶ କିପରି ହୋଇ ପାରିବ ତାହାହିଁ ଥିଲା ବୈଠକର ମୂଳ ଉଦ୍ଦେଶ୍ୟ । ପିଲାମାନଙ୍କୁ ଉତ୍ତମ ଶିକ୍ଷାଦାନ ନିମନ୍ତେ ନିପୁଣ ଓଡିଶା କାର୍ଯ୍ୟକାରୀ କରାଯାଉଛି । ସଂଖ୍ୟା ପରିଚୟ, ଶୂନ୍ୟସ୍ଥାନ ପୂରଣ, ସଂଖ୍ୟାକ୍ରମ, ଅଧଃ କ୍ରମରେ ଓ ଉର୍ଦ୍ଧ୍ୱ କ୍ରମରେ ସଂଖ୍ୟାଲିଖନ, ସଂଖ୍ୟାର କ୍ରମ ଓ ରୂପ, ସଂଖ୍ୟାର ସ୍ଥାନୀୟମାନ, ପୁସ୍ତକ ପଠନ, ଯୋଗ, ବିୟୋଗ, ଜ୍ୟାମିତିକ ଆକୃତି, ଶବ୍ଦ ସଂଯୋଜନା ଆଦି ଶିଶୁ ମାନେ କିପରି ସହଜରେ ବୁଝି କରିପାରିବେ ତାହା ଉପରେ ତାଲିମ୍ ପ୍ରଦାନ କରିଥିଲେ । ସି.ଆର.ସି.ସିମାନେ ପ୍ରତ୍ୟେକ ମାସରେ କ୍ଲଷ୍ଟର ସ୍ତରୀୟ ବୈଠକ କରି ତାଲିମ ପ୍ରଦାନ କରିବାକୁ ସ୍ଥିର କରାଯାଇଛି । ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟକୁ ଉତ୍ତମ ଶିକ୍ଷାଦାନ ନିମନ୍ତେ ଶିକ୍ଷା ଉପକରଣ ଓ ସଂଖ୍ୟା ପରିଚୟ ଉପକରଣ କିଟ୍ ପ୍ରଦାନ କରାଯିବା ପାଇଁ ସ୍ଥିର କରାଯାଇଛି । ବ୍ଲକ୍ ସ୍ତରରେ ଓ କ୍ଲଷ୍ଟର ସ୍ତରରେ ନିୟମିତ ପ୍ରଫେସନାଲ ଲର୍ଣ୍ଣିଂ କମ୍ୟୁନିଟି ବୈଠକ କରି ଶିକ୍ଷାଦାନ କିପରି କରାଯାଉଛି ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ଶିକ୍ଷା ଓ ତାଲିମ୍ ଅନୁଷ୍ଠାନ ଖଲ୍ଲିକୋଟ ଗଞ୍ଜାମର ଅଧ୍ୟକ୍ଷ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ୍ ଶିକ୍ଷାଧିକାରୀ ଏବଂ ସି.ଆର.ସି.ସି, ମାନେ ତାହାର ତଦାରଖ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଶିକ୍ଷା ବର୍ଷକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି । ପ୍ରଥମଟି ବିଦ୍ୟାଳୟ ପ୍ରସ୍ତୁତି କାର୍ଯ୍ୟକ୍ରମ ଯାହାକି ପିଲା ମାନଙ୍କୁ ୱାର୍କ ବୁକ୍ ଯୋଗାଇ ଦିଆଯିବା ସହିତ କ୍ରିୟାକଳାପ ମାଧ୍ୟମରେ ପୂର୍ବ ପାଠର ଆଲୋଚନା କରାଯିବ । ଦ୍ୱିତୀୟଟି ଗ୍ରେଡ୍ ଲେବୁଲ୍ ପ୍ୟାକେଜ୍ । ଏଥିରେ ପିଲା ମାନଙ୍କୁ ବିଷୟ ଭିତ୍ତିକ ଶିକ୍ଷାଦାନ କରାଯିବା ସହ ପିଲା ମାନଙ୍କର ଶିକ୍ଷା କ୍ଷେତ୍ରରେ କିପରି ଉନ୍ନତି ହୋଇଛି ତାହାର ମୂଲ୍ୟାଙ୍କନ କରାଯିବ । ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି ନିମନ୍ତେ ଏଫ୍.ଏଲ୍.ଏନ୍. ( ଫାଉଣ୍ଡେସନ୍ ଲିଟେରାସି ଆଣ୍ଡ ନ୍ୟୁମେରାଶି ) ହବ୍ ଛତ୍ରପୁରର କୌଣସି ଏକ ବିଦ୍ୟାଳୟରେ ସ୍ଥାପନ କରାଯିବା ପାଇଁ ସ୍ଥିର କରାଯାଇଛି । ବୈଠକରେ ଜିଲ୍ଲା ଶିକ୍ଷାଧିକାରୀ ଅମୀତା ପଟ୍ଟନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଆବିଦା ପରବୀନ୍, ଛତ୍ରପୁର ବ୍ଲକ୍ ଶିକ୍ଷାଧିକାରୀ, ଜିଲ୍ଲା ଶିକ୍ଷା ଓ ତାଲିମ୍ ଅନୁଷ୍ଠାନ ଖଲ୍ଲିକୋଟ ଗଞ୍ଜାମର ପ୍ରଶିକ୍ଷିକା ଡ. ନିହାରିକା ସାମନ୍ତରାୟ, ଶୈକ୍ଷିକ ସଂଯୋଜକ ସନ୍ତୋଷ କୁମାର ପଣ୍ଡା, ସି.ଆର.ସି.ସି. ରାଜପୁର ଲକ୍ଷ୍ମଣ ସେଠୀ, ବଙ୍କିପଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାଶ ଶବର, କତୁରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ବେହେରା, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, କ୍ୟୁରେସ୍ ପ୍ରକଳ୍ପ ପରିଚାଳକ, ଛତ୍ରପୁର ରାମ କୃଷ୍ଣ ପଣ୍ଡା ଓ ଅନ୍ୟାନ୍ୟ ଅଧିକାରୀଗଣ ଉପସ୍ଥିତ ଥିଲେ ।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା : ନାବାଳକ ମୃତ, ୨ ଗୁରୁତର

**ବାଲିଗୁଡା, ନ୍ୟୁଜ ବ୍ୟୁରୋ**

କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ଥାନା ୫୯ ନଂ ଜାତୀୟ ରାଜପଥର ଡାବୁଲୁମାହା ଠାରେ ଶନିବାର ରାତ୍ରରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଦୁଇ ଗୁରୁତରଙ୍କୁ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଜଣେ ସୁସ୍ଥ ଅଛନ୍ତି। ପ୍ରକାଶ ଯେ, ବାଇକ ନଂ. ଓଡି-୧୨-ଇ -୬୪୮୬ ସିମନବାଡି ଅଞ୍ଚଳରୁ ସୁଲୁମାହା ଗ୍ରାମକୁ ଫେରୁଥିବା ବେଳେ ଦାରିଙ୍ଗବାଡିରୁ ସିମନବାଡି ଅଭିମୁଖେ ଯାଉଥିବା ବୁଲେଟ ନଂ. ଓଡି- ୦୭- ଏସି-୭୫୭୬ ସହ ମୁହାଁମୁହିଁ ଧକ୍କା ହେବା ଯୋଗୁ ସୁଲୁମାହା ଗ୍ରାମର ଜଣେ ନାବାଳକ ଛାତ୍ର ଯାକ୍ୟୁସ ପ୍ରଧାନଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି। ଖବର ପାଇ ଦାରିଙ୍ଗବାଡି ଆଇଆଇସି ଅଶୋକ କୁମାର ହାଁସଦା ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ସହ ୨ ବାଇକ କୁ ଜବତ କରି ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି।

# ବର୍ଷା ଓ କୋହଲା ପାଗ କାରଣରୁ ଭୁବନେଶ୍ୱର ପଥ ଉତ୍ସବ ସ୍ଥଗିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**


ରବିବାରରେ ହେବାକୁ ଥିବା ପଥ ଉତ୍ସବକୁ ବର୍ଷା ଯୋଗୁ ସ୍ଥଗିତ କରାଯାଇଛି। ଭୁବନେଶ୍ୱର ମୁନିସିପାଲ୍ କର୍ପୋରେସନ୍ (ବିଏମସି) ପକ୍ଷରୁ ଏକ୍ସ ହ୍ୟାଣ୍ଡଲରେ ଏହି ସମ୍ପର୍କରେ ସୂଚନା ଦିଆଯାଇଛି । ବିଏମସିଙ୍କ ଆଧିକାରିକ ଟ୍ୱିଟରେ ଲେଖା ଯାଇଛି ଯେ, ଏହି କାର୍ଯ୍ୟକ୍ରମର ନୂତନ ତାରିଖ ଓ ସ୍ଥାନ ଶୀଘ୍ର ଘୋଷଣା କରାଯିବ। ବିଏମସିଙ୍କ ସୋସିଆଲ୍ ମିଡିଆ ପୋଷ୍ଟରେ କୁହାଯାଇଛି, "ଭୁବନେଶ୍ୱର ପଥ ଉତ୍ସବ ରବିବାର ସ୍ଥଗିତ କରାଯାଇଛି। ପରବର୍ତ୍ତୀ ତାରିଖ ଓ ସ୍ଥାନ ଶୀଘ୍ର ସୂଚିତ କରାଯିବ।"

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**






**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ


**ତା୨୩।୧୨।୨୦୨୪, ପୌଷ ଦି୮ନ, ସୋମବାର**


**ସୂର୍ଯ୍ୟୋଦୟ-** ଘ୬।୧୮।୦୧ **ଚନ୍ଦ୍ରୋଦୟ-** ରାଘ ୧୨।୨୫।୧୩


**ଅଷ୍ଟମୀ-** ସଂଘ ୫।୦୮ ପର୍ଯ୍ୟନ୍ତ । **ଉତ୍ତରା ଫାଲ୍‌ଗୁନି ନକ୍ଷତ୍ର ମଳ-** ଦିଘ ୯।୦୯ ପର୍ଯ୍ୟନ୍ତ । **କନ୍ୟା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ସଂଘ ୫।୦୮ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୨ ଗତେ ଘ ୭।୪୩ ମଧ୍ୟେ । ଦିଘ ୯।୧୫ ଗତେ ଘ ୧୧।୨୪ ମଧ୍ୟେ ।


**ମେଷ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହୋଇପାରନ୍ତି। ନିଜର ଅନିଚ୍ଛା ସତ୍ତ୍ୱେ ହଠାତ୍ ଦୂରକୁ ଯାତ୍ରା କରିବାକୁ ପଡିପାରେ। ରୋଜଗାର ସ୍ଥିର ରହିବ। ଘରେ ଆନନ୍ଦ ଦେଖାଦେବ।



**ବୃଷ:** ଦୁଃସାଧ କାର୍ଯ୍ୟ କରି ସହଯୋଗ ଲାଭ କରିବେ। ଆୟ ଓ ବ୍ୟୟ ସମାନ ରହିବ।, ବନ୍ଧୁଙ୍କ ସହଯୋଗ ଲାଭ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ମାଲିମୋକଦମାରେ ଶୁଣାଣି ବିଳମ୍ବ ହୋଇପାରେ।



**ମିଥୁନ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଯାନବାହାନ ଚାଳନାରେ ସାମାନ୍ୟ ସତର୍କତା ଅବଲମ୍ବନୀୟ । ଦେହ ଓ ମନ ଭଲ ରହିବ। ଆୟର ପରିମାଣ ବଢ଼ିପାରେ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।



**କର୍କଟ:** ଶୁଭ ଖବର ପାଇ ଆନନ୍ଦିତ ହେବେ। ବ୍ୟବସାୟ ମଧ୍ୟମ ଧରଣର ହେବ। ପରିବାର ମଧ୍ୟରେ ଆନନ୍ଦର ଲହରୀ ଖେଳିବ। ଖର୍ଚ୍ଚର ମାତ୍ରା ବଢ଼ିପାରେ। ମାନସିକ ଦୁଶ୍ଚିନ୍ତା ମନକୁ ଆସିପାରେ।


**ସିଂହ:** ଅନେକ ଦିନରୁ ଅଟକି ରହିଥିବା କାମଟି ହେବାର ସମ୍ଭାବନା। ଦେହ ଓ ମନ ଭଲ ରହିବ। ପାରିବାରିକ ଜୀବନ ସୁଖମୟ ହେବ। ଅପେକ୍ଷା କରିଥିବା ଖବରଟି ପାଇପାରନ୍ତି। ଅୟ ଯୋଗ ମଧ୍ୟ।


**କନ୍ୟା:** ବ୍ୟବସାୟରେ ଆପଣଙ୍କୁ କ୍ଷତି ସହିବାକୁ ପଡିପାରେ। କୁ ଭୋଜନ କରି ଉଦର ପୀଡା ଦେଖାଦେଇପାରେ। ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। ଘରେ କଳହ ଦେଖାଦେବାର ସୂଚନା।


**ତୁଳା:** ବ୍ୟବସାୟରୁ ଲାଭବାନ ହେବେ। ପାରିବାରିକ ଜୀବନ ହସିଲା ପୂରିଲା ହେବ। ବନ୍ଧୁଙ୍କ ସହ ଭେଟ ସହିତ ଆମୋଦ ପ୍ରମୋଦ ଲାଗିପାରେ। ଆୟ ଓ ବ୍ୟୟ ସମାନ ରହିବାର ସୂଚନା।


**ବିଛା:** ଶତ୍ରୁ ପରାସ୍ତ ହେବେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। ଭ୍ରମଣ ଯୋଗ ରହିଛି। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ମନ ଭଲ ରହିବ।


**ଧନୁ:** ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦିତ ହୋଇପାରନ୍ତି। ଧର୍ମ କାର୍ଯ୍ୟ ନିମନ୍ତେ ଦିନଟି ଭଲ ଅଟେ। ପାରିବାରିକ ଜୀବନ ଶାନ୍ତି ମୟ ହେବ। ଆୟର ପରିମାଣ ବଢ଼ିବାର ସୂଚନା।


**ମକର:** ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ। ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ। ବ୍ୟୟର ପରିମାଣ ଅଧିକ ହେବ। ଘରେ ବିଶୃଙ୍ଖଳା ଓ ଅଶାନ୍ତି ଦେଖାଦେଇପାରେ।


**କୁମ୍ଭ:** ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ବନ୍ଧୁ ଓ ପରିବାର ସହ ଖୁସିରେ ମାତିବେ। କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ। ଦାମ୍ପତ୍ୟ ଜୀବନ ମଧୁରମୟ ହେବ। ରୋଜଗାର ଭଲ ହେବ।


**ମୀନ:** ବିବାଦୀୟ କ୍ଷେତ୍ରରେ ବିଜୟୀ ହେବେ। ଶରୀର ସୁସ୍ଥ ରହିବ। ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ ହେବ। ଆୟ ମଧ୍ୟମ ଧରଣର ହେବ। ଘରେ ଶାନ୍ତିର ବାତାବରଣ ରହିବ। ମହିଳାମାନେ ସୁଖୀ ହେବେ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୪।୧୨।୨୦୨୪, ପୌଷ ଦି୯ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ-** ଘ୬।୧୮।୨୯ **ଚନ୍ଦ୍ରୋଦୟ-** ରାଘ ୧।୧୩।୧୨

**ନବମୀ-** ରାଘ ୭/୫୩ ପର୍ଯ୍ୟନ୍ତ । **ହସ୍ତାନକ୍ଷତ୍ର -** ଦିଘ ୧୨। ୧୭ ପର୍ଯ୍ୟନ୍ତ। **କନ୍ୟାଚନ୍ଦ୍ର-** ରାଘ ୧। ୫୦ ପର୍ଯ୍ୟନ୍ତ। **ଚନ୍ଦ୍ରସୁଦ୍ଧି-**ମେଷ, ମିଥୁନ, କର୍କଟ, ସିଂହ, କନ୍ୟା, ତୁଳା, ବିଛା, ଧନୁ ଓ ମୀନ ରାଶିର , ରାଘ ୧।୫୦ ଗତେ ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ ଓ ମକର ରାଶିର । **ଘାତ ଚନ୍ଦ୍ର-** ରାଘ ୧।୫୦ ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧଖାଦ୍ୟ-** ଲାଉ ରାଘ ୭/୫୩ ପରେ କଳମ୍ବ ଶାଗ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ. ୬।୨୨ ଗତେ ଘ ୭।୫ ମଧ୍ୟେ, ଦିଘ ୯।୦୪ ଗତେ ଦିଘ ୧୧।୨୫ ମଧ୍ୟେ। **ପର୍ବୋତ୍ସବ-** ରାଷ୍ଟ୍ରୀୟ ଉପଭୋକ୍ତା ଦିବସ।

ସମ୍ପାଦକୀୟ

30 YEARS

ସମ୍ବାଦ କଳିକା

# ଭାରତର କମ୍ କର୍ମଚାରୀ କାମରେ ସଫଳ

ଭାରତରେ କାର୍ଯ୍ୟ କରୁଥିବା ଲୋକମାନେ ନିଜ କାମରେ ବିଶେଷ ସନ୍ତୁଷ୍ଟ ନାହାନ୍ତି। ଅଧିକାଂଶ କର୍ମଚାରୀ ନିଜର ଜୀବନକୁ ସଂଘର୍ଷରତ ଓ ଦୁଃଖମୟ ବୋଲି କହିଛନ୍ତି। ଗ୍ୟାଲପ୍ର ବିଶ୍ୱ କର୍ମକ୍ଷେତ୍ର ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି। କାର୍ଯ୍ୟକ୍ଷେତ୍ରରେ ସନ୍ତୁଷ୍ଟିକୁ ନେଇ ଭାରତର ପ୍ରଦର୍ଶନ ନେପାଳଠାରୁ ବି ଖରାପ ରହିଛି। ଗ୍ୟାଲପ୍ ରିପୋର୍ଟ ଅନୁସାରେ ଭାରତରେ ମାତ୍ର ୧୪ ପ୍ରତିଶତ କର୍ମଚାରୀ କାମରେ ସଫଳ ଥିବା କହିଛନ୍ତି। ଅବଶିଷ୍ଟ ୮୬ ପ୍ରତିଶତ କର୍ମଚାରୀ କର୍ମକ୍ଷେତ୍ରରେ ସଂଘର୍ଷ କରୁଥିବା କିମ୍ବା ଦୁଃଖୀ ଥିବା କହିଛନ୍ତି। କେବଳ ଭାରତ ନୁହେଁ ସମଗ୍ର ଦକ୍ଷିଣ ଏସିଆରେ ଏଭଳି ସ୍ଥିତି ରହିଛି। ବିଶ୍ୱସ୍ତରରେ ହାରାହାରି ଭାବେ ୩୪ ପ୍ରତିଶତ କର୍ମଚାରୀ ନିଜକୁ ସଫଳ ବିବେଚନା କରୁଥିବା ବେଳେ ଦକ୍ଷିଣ ଏସିଆରେ ଏହି ହାର ଯଥେଷ୍ଟ କମ୍ ରହିଛି।

ଏହି ସର୍ବେକ୍ଷଣରେ ଭାଗ ନେଇଥିବା ୩୫ ପ୍ରତିଶତ ଭାରତୀୟ କହିଛନ୍ତି ଯେ ପ୍ରତିଦିନ ସେମାନଙ୍କୁ ରାଗ ଲାଗୁଛି ଯାହା ଦକ୍ଷିଣ ଏସିଆରେ ସର୍ବାଧିକ। ୩୨ ପ୍ରତିଶତ କର୍ମଚାରୀ କହିଛନ୍ତି ଯେ ସେମାନେ ଚାପରେ ଅଛନ୍ତି। ଏହି ହାର କିନ୍ତୁ ସବୁଠୁ କମ୍ ରହିଛି। ଶ୍ରୀଲଙ୍କାର ୬୨ ପ୍ରତିଶତ ଏବଂ ଆଫଗାନିସ୍ତାନର ୫୮ ପ୍ରତିଶତ କର୍ମଚାରୀ ଚାପରେ ଥିବା କହିଛନ୍ତି। ଭାରତୀୟ କର୍ମଚାରୀମାନେ କାମକୁ ନେଇ ଏତେଟା ସନ୍ତୁଷ୍ଟ ନଥିଲେ ମଧ୍ୟ କାମ ସହିତ ଯୋଡ଼ିହୋଇରହିବାରେ ସେମାନେ ଅନ୍ୟ ଦେଶର କର୍ମଚାରୀଙ୍କଠାରୁ ଆଗରେ ରହିଛନ୍ତି। ଭାରତରେ କର୍ମଚାରୀ ସମ୍ପୃକ୍ତି ହାର ୩୨ ପ୍ରତିଶତ ରହିଛି ଯାହା ବିଶ୍ୱର ହାରାହାରି ହାର ୨୩ ପ୍ରତିଶତଠାରୁ ଅଧିକ। ଗ୍ୟାଲପ୍ ପକ୍ଷରୁ ବିଭିନ୍ନ ଦେଶର କର୍ମଚାରୀମାନଙ୍କ ଶାରିରୀକ ଓ ମାନସିକ ସ୍ଥିତିକୁ ଅନୁଶୀଳନ କରି ସେମାନଙ୍କୁ ସଫଳ, ସଂଘର୍ଷରତ ଓ ଦୁଃଖୀ ଭଳି ତିନିଟି ବର୍ଗରେ ଭାଗ କରାଯାଇଛି। ଯେଉଁମାନେ ନିଜର ବର୍ତ୍ତମାନ ଓ ଭବିଷ୍ୟତ ସମ୍ଭାବନାକୁ ନେଇ ସକାରାତ୍ମକ ମତ ଦେଇଥିଲେ ସେମାନଙ୍କୁ ସଫଳ ବର୍ଗରେ ରଖାଯାଇଛି। ଯେଉଁମାନେ ନକାରାତ୍ମକ ମତ ଦେଇଥିଲେ ଏବଂ ଦୈନିକ ଚାପ ଓ ଆର୍ଥିକ ସମସ୍ୟା ଦେଇ ଗତି କରୁଥିବା କହିଥିଲେ ସେମାନଙ୍କୁ ସଂଘର୍ଷରତ ବର୍ଗରେ ରଖାଯାଇଛି। ଶାରିରୀକ ଓ ମାନସିକ ଯନ୍ତ୍ରଣା ଭୋଗୁଥିବା କହିଥିବା କର୍ମଚାରୀମାନଙ୍କୁ ଦୁଃଖୀ ବର୍ଗରେ ରଖାଯାଇଛି।

# ନୀତିନିଷ୍ଠ ସ୍କୁଲ ମାଷ୍ଟ୍ରେ



ଡକ୍ଟର ସର୍ବେଶ୍ୱର ସେଣ

ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଧ୍ୱଂସ ହୋଇ ଯାଇଛି ଅତୀତଟା। ଲିଭିଲିଭି ଯାଉଚି ପୂର୍ବ ସ୍ମୃତି ଅନୁଭୂତି। ହଜିଗଲା ପିଲାଦିନ ଗୁଡ଼ାକ, ସେଦିନର ଗାଁ, ଗାଁ ମଣିଷ, ଚାଟଶାଳୀ, ସ୍କୁଲ ମାଷ୍ଟ୍ରେ - ଏଯୁଗରେ ଆଉ ନାହାନ୍ତି। ଅଛନ୍ତି ଶିକ୍ଷକ, ତାଙ୍କ ପାଠପଢ଼ା ଠାଣି ମାଣି ଖୁବ୍ ଅଲଗା। ସେଦିନର ସ୍କୁଲ ମାଷ୍ଟ୍ରେ, ଆକଟ କରୁଥିଲେ, ଛାଟ ମାରୁଥିଲେ, କାନମୋଡ଼ା, ବେଞ୍ଚଉପରେ ଠିଆ କରିବା ଆଦି ଦଣ୍ଡ ଦେଉଥିଲେ। ଉଦ୍ଦେଶ୍ୟ ଥିଲା ମହତ, ପିଲେ ପାଠ ପଢ଼ିବେ, ମଣିଷ ହେବ, ସାଣ୍ଣା ଶିଖିବେ। ସେବେକା ମାଷ୍ଟ୍ରେ, ଅତି ବେଶୀରେ ମେଟ୍ରିକ୍ ପାଶ୍। ପଢ଼ାନ୍ତି ପରମାନନ୍ଦ ଖଣ୍ଡେଇଙ୍କ 'ଗଣିତ ସମ୍ପଦ'। ଏମୁଣ୍ଡରୁ ସେମୁଣ୍ଡ, ଜଳବତ୍ ତରଳମ୍ - ଘୋଷିବାକୁ ପଡ଼େ। ନ ପାରିଲେ ଦଣ୍ଡ। ତଳମୁହାଁ କାଙ୍କ, ହ୍ୟାଲିପ- ଏମିତି କହନ୍ତି ମାଷ୍ଟ୍ରେ। ବାପାଙ୍କ ନାଁ ଧରନ୍ତି - 'ବୋପା ଗାଁଟା ଭିତରେ ଆଁଟା କରି ପୁଅ ନାଆଁଟା ରଖିବ। ପୁଅ ଏଠି ବାଲିଙ୍ଗି ମାରୁଚି, ଚୁପ୍, କାନ ମୋଡି ବସି ପଡ଼୍!' ନୋହିଲେ ପ୍ରଶ୍ନବାଣରେ ପୋତି ପକାନ୍ତି। 'ତେଇଶି ନୂଆଁ' କେତେ ପଚାରନ୍ତି, ନ କହିଲେ କପାଳ ଫାଟେ। ସେ ଦିନ ଆଉ ନାହିଁ, ପିଲାବେଳ ମାଷ୍ଟ୍ରେଙ୍କୁ ଅଣ୍ଟାନଇଁ ଜୁହାର ହେବା ତ ଦୂରର କଥା, ଦେଖିଲେ ପିଲେ ବାଟ ଭାଙ୍ଗି ଯାଆନ୍ତି। ଏବେ ବୀଜଗଣିତ ଅବା ଆଉକିଛି ଅଙ୍କ କଥା, ପକେଟରେ କାଲ୍କୁଲେଟର୍। ଯେତେ ବଡ଼ ଗୁଣନ ହରଣ, ଯୋଗ କି ବିୟୋଗ, ଟିପା ମାରିଲେ ଟପାଟପ୍ ହିସାବ, ପୂରା ନିର୍ଭୁଲ। କିଏ କାହିଁକି ରଫ୍ ଖାତାରେ ଏ ସବୁ କାମ କରିବ, ଟିକେ ମୁଣ୍ଡ ଗୋଳମାଳ ହେଲେ ଗଲା, ତିନି ଘଣ୍ଟା ଶେଷ। ତା' ପରେ ପରୀକ୍ଷାରେ ଶୂନ ବା ତା' ଠାରୁ ଅତିବେଶୀ ପାଶମାର୍କ। ଏବେ ଗଣିତ ପାଇଁ ବେତ୍ରାଘାତ ଲୋଡ଼ା ନାହିଁ, ସେ କାମ କରିବ ମେସିନ୍। ପରମାନନ୍ଦ ଖଣ୍ଡେଇ ଗଣିତ ବହି ଅଚଳ, ସେମିତି ଅଚଳ ଗାଁ ସଂସ୍କାର, ସଂସ୍କୃତି - ପୁନେଇଁ ପରବ, ଯାତ୍ରାନାଟ, ପାଲା, ଘୋଡ଼ାନାଚ, ବାଘଭାଲୁ, କେଳା କେଳୁଣୀ ନାଚ, ମୋଗଲ ତାମସା ଆଦି ଫାର୍ସ-ଏଇକଥା ଗୁଡ଼ାକ ପାଠୁଆ ବାବୁଙ୍କ ମନରୁ ଗଲାଣି। ସେମାନେ ଅତୀତକୁ ରୋମନ୍ଥନ କରି ଢେର୍ ଲାଜ ପାଆନ୍ତି। ଏମିତିକା ବାବୁ ଜଣେ ବଂଶୀଧର, ବାପା ଧରଣୀଧର, ଗାଁ ମାଷ୍ଟ୍ରେ। ବଡ଼ ଆକଟରେ କଟିଛି ପିଲାଦିନ। ପୁନେଇଁ ରାତି ତୋଫା କଇଁ ଫୁଲିଆ ଜହ୍ନ, ହସୁଛି ଦୂର କୋଠା ଛାତ ଉପରେ। ଅତୀତ ବର୍ତ୍ତମାନକୁ ତଉଲୁଛନ୍ତି ବଂଶୀଧର। କେବେ ଅଶାନ୍ତି, କେବେ ପ୍ରଶାନ୍ତି, କେବେ ସଫଳତା ପୁଣି ବିଫଳତା। ମନ ଭାରାକ୍ରାନ୍ତ, କାଳ୍ପନିକ ଧରଣୀ ମାଷ୍ଟ୍ରେଙ୍କୁ କହନ୍ତି ମନକଥା। ବଂଶୀଧର ପାଇଁ ସତ ମିଛର ସଜ୍ଞା ବଦଳିଗଲା। ସେ ବଞ୍ଚିଛନ୍ତି କି ମରିଛନ୍ତି, ଜାଣନ୍ତିନି, ନିଜ ଉପରେ ସବୁ ରାଗ ସୁଝେଇ ଦିଅନ୍ତି, ପିମ୍ପୁଡ଼ିଟିଏ କାମୁଡ଼ିଲେ ପାଦ ତଳେ ମାଡ଼ି ମକଚି ଦଳି ଦିଅନ୍ତି। କାହାର ନାଲି ଆଖି ଦେଖି ସାଙ୍କୁଡ଼ି ଯାଆନ୍ତି, କାହାକୁ ନାଲିଆଖି ଦେଖାନ୍ତି। ସବୁ ଏ ଯୁଗର କଥା। ଧରଣୀ ମାଷ୍ଟ୍ରେଙ୍କ ପୁଅ, ଏବେ ବୁଝୁଛନ୍ତି ବାପା ଆଜି ପାଇଁ ଫିଟ୍ ନୁହନ୍ତି। ଆଜିକାଲି ନୀତି ଆଦର୍ଶର କେହି ମୂଲ ଦିଅନ୍ତିନି। ଅତୀତଟା ଏତେ ଅଦରକାରୀ, ଅଚଳ ଅଧୁଲି। ଅତୀତଟା ମଳି ମୁଣ୍ଡିଆ ସ୍ମୃତି, ପୁଞ୍ଜିକରି ଏ ଦୁନିଆରେ ମଣିଷ ହେବା କାଠିକର ପାଠ। ସୁତରାଂ ଅତୀତ ନମସ୍ତେ, ନମସ୍ତେ - ଆଣ୍ଡ ଅଲ୍ ୟୁ ଗୋ ଟୁ ହେଲ୍। ଏଇ ସବୁ କଥାକୁ ନେଇ ନାରୁ ମହାନ୍ତିଙ୍କ ଗପ 'ବାପାଙ୍କ ଲୁହ'। ଅତୀତ ନୀତି ନୈତିକତା ଭିତ୍ତିକ ଜୀବନ, ଏବେକା ପ୍ରବଞ୍ଚନାର ଜୀଇଁବା ଧାରା, ତାକୁ ନେଇ ଗପଟି। ଖୁବ୍ ମନଛୁଆଁ ମଧ୍ୟ।

ବଂଶୀଧରଙ୍କ କ୍ଷୋଭ, କିଛି ହେଲା ନାହିଁ ସାର୍। ବଇଁଶୀ ସେ ହାତଟେକା ସ୍ୱର୍ଗକୁ ନେହୁରା ହେଉଛି, ଆକାଶକୁ ଖସି ପଡ଼ିବାକୁ କହୁଛି। ତା' ସମେତ ସମସ୍ତଙ୍କୁ ରସାତଳକୁ ଦାବି ଦେବାକୁ ମିନତି କରୁଚି। ଘଡ଼ିକେ ଆକାଶ, ଘଡ଼ିକେ ପାତାଳରେ, ଉପରୁ ବାପା ଧରଣୀ ମାଷ୍ଟ୍ରେ ଯେମିତି କହୁଛନ୍ତି - ମୋ ସମସ୍ତ ପରିପକ୍ୱତାର ତୁ ବାସ୍ତବ ଅଧିକାରୀ, ମୋ ସ୍ୱପ୍ନ, ଅହଂକାର, ମାନ ସମ୍ମାନ, ଦୁଃଖ ଅବଷାଦ - ସବୁ କିଛିର ତୁ ଅଧିକାରୀ; ଥୋକେ ହୁଏତ ମନେ ରଖିବେ ମୋ ନାଁ, ଗାଁ - ସେତିକି ହେବ ମୋ ପରକାଳର ପୁଞ୍ଜି, ଇହକାଳର ଏଇ ତ ସ୍ୱପ୍ନ। ଯେତେ ମାଡୁଛ ମାଡ଼, ଚଷିଯା, ରନ୍ଧାଳି ପକା, ଭୁଲିଯା ଏଇ ଅକର୍ମା ବାପାକୁ। ଭୁଲି ଯା ଭାଇ ବନ୍ଧୁ, କୁଟୁମ୍ବ, ପିଲା ଦିନର ସାଙ୍ଗସାଥୀ, ମୁରବୀ ସ୍ଥାନୀୟ ଲୋକ। ସବୁକୁ ପଛରେ ପକେଇ ଯା, ନୂଆ ଯୁଗ, ନୂଆ ଚଳଣି, ସେୟାକୁ ପୁଞ୍ଜିକର, ସୁଧ ଲଗା, ଫାଇଦା ଉଠା, ଆଉ ଅତୀତଟା ଗୋଟେ ମଳିମୁଣ୍ଡିଆର ଆଦର୍ଶ, ଗୋଟାଏ ସ୍କୁଲମାଷ୍ଟରର ଶାସନ, ସବୁ ଏବେ ରହଣିଆ, ବାସିଲାଣି, ଯା ବାପ ଆଗେଇ ଯାଅ - ସତେ ଯେମିତି ଧରଣୀ ମାଷ୍ଟ୍ରେ, ଏକଥା ଆକାଶରୁ କହୁଥିଲେ, ପୁଅ ବଂଶୀଧର ଟିପା ଖାତାରେ ଟିପି ଦେଉଥିଲା!

ଅଗିରା ପୁନେଇଁ ରାତି, ବଂଶୀଧରର କ୍ୱାର୍ଟର, ଉପର ତାଲା, ତେର୍ଚ୍ଛା ପଶ୍ଚିମ ମୁହାଁ। ସାରା ଘରଟା ଅନ୍ଧାର, ଲୋଡ଼ସେଡ଼ିଙ୍ଗ୍ ଚାଲିଛି। ବଂଶୀଧର, ଜହ୍ନକୁ ମୁହାଁକରି ବସିଛି। ଗୋଡ଼ ଦିଟା ଲମ୍ବେଇ ଲଦି ଦେଇଛି ଷ୍ଟିଲ୍ ଆଡ଼ି ଉପରକୁ। ଆରାମ ଚଉକିରେ ଦୋହଲୁଚି। ସୁଲୁସୁଲିଆ ପବନ; ଶୀତୁଆ, ଶୀତୁଆ ରାତି। ଏଣେ ଲୋମଟାଙ୍କୁରା ସ୍ମୃତିରେ ମସଗୁଲ, ଅତୀତକୁ ରୋମନ୍ଥନ କରୁଛି। ସେ ଦିନ ସେଇ ଅଗିରା ପୁନେଇଁ ରାତି। ଗାଁ ଗହିର ପାଟ। ନାଳିବର ଗୋପାଳପୁର ପାର୍ଟିର ଯାତ୍ରା ଚାଲିଛି। ସେ ଦିନ ନ ଥିଲେ ଝିଅ ଯାତ୍ରାବାଲୀ, ପୁଅମାନେ ଝିଅ ଭୂମିକାରେ, ଚାଲିଛି ଡୁଏଟ୍‌ଟାଏ। ଗୁଗୁଲିଆ ପୁଅ ପିଲାଟା, ଡୁଏଟ୍‌ର ହିରୋଇନ୍। ଏଣେ ବଂଶୀ ଷୋଳ ବର୍ଷିଆ ଟୋକା, ହିନ୍ଦୀ ସିନେମା ଗୀତ ସୁରରେ ଗୀତ ବୋଲୁଛି - 'ତୋ ଡ଼ଉଲ ଡାଉଲ ମୁହଁକୁ ଚାହିଁ ଡରିଯାଏନା ମୁଁ, ରସ ଯା ଚାଲିଯା / ତୋ ଜହ୍ନିଫୁଲିଆ ଗାଲରେ ସେଇ ନାଲି ଠୋପାଟା ମୁଁ/ ରସ ଯାଆ ଚାଲି ଯା'- ଇତ୍ୟାଦି। ବଇଁଶୀ କୁରୁଳୁ ଥିଲା। ସେ ହିରୋଇନକୁ ଧରି ଚମ୍ପଟ ମାରିବ, ଏମିତି ରୋମାଞ୍ଚରେ ଭିଜି ଯାଇଥିଲା ବଇଁଶୀ। କୁଆଡ଼େ ଥିଲେ ବାପା ଧରଣୀ ମାଷ୍ଟ୍ରେ, ଅଚାନକ ହାଜର, କାନରେ ଗୋଡ଼ି ପୂରେଇ ଦାନ୍ତ କାମୁଡ଼ି ରଗଡ଼ି ଦେଲେ। ବଇଁଶୀ କଳ୍ପନାର ଶେଷ, ବାପା ଘୋଷାରି ଘୋଷାରି ନେଲେ ବିଲ ମଝିକୁ, ବିଧା, ଚାପୁଡା ଉପରେ ଚାପୁଡା। ବିଲ ହଳ ହେଇଥିଲା, ବିଲସାରା ବଡ ବଡ ଶୁଳା। ବଇଁଶୀ ଆଗେ ଆଗେ ଦୁଉଡୁଛି, ପଛରେ ଧରଣୀ ମାଷ୍ଟ୍ରେ। ତାଙ୍କର ଏକା ଜିଦ୍ ବଇଁଶୀକୁ ବଧ କରିବେ, ଏଭଳି କୁଳାଙ୍ଗାରର ଘରେ ସ୍ଥାନ ନାହିଁ, ମାଷ୍ଟ୍ରେଙ୍କ ପୁଅ ପକେଟରୁ ଦଶଟଙ୍କା ଉଠେଇବ? ଏ ଥିଲା ବଇଁଶୀର ଅପରାଧ।

ପଚାଶ ବର୍ଷ ତଳର କଥା, ମାଇନର ସ୍କୁଲର ମାଷ୍ଟ୍ରେ। ମାସକୁ ଦରମା ତିରିଶ ଟଙ୍କା, ଦିନକୁ ପଡ଼ିଲା ଟଙ୍କାଏ, ତାହା ପୁଣି ତିନି ମାସରେ ଥରେ। ଏକାଥରକେ ନବେ ଟଙ୍କା। ସେତେବେଳକୁ ଲୁଗା, ତେଜରାତି, ବହି ଦୋକାନ ସବୁଠି ବାକି, ଦରମା ପାଇଲେ ସୁଝାସୁଝି, ପୁଣି ବାକି। ସେଇ ଟଙ୍କାରୁ ବଇଁଶୀ ବୋଉ ପାଇଁ କସ୍ତା ଖଣ୍ଡେ, ପିଲାଏ ନାକେଇ କରି ରହିଥିବେ। ପାଟରା ଦୋକାନରୁ ତାଙ୍କ ପାଇଁ ଆସିବ ଖଣ୍ଡେ ଖଣ୍ଡେ ରେଡ଼ିମେଡ଼ ପ୍ୟାଣ୍ଟ୍ ସାର୍ଟ। ଦରମା ନ ମିଳିଲେ କେରାଣ୍ଡି ଶୁଖୁଆ, ଗଡ଼ିଶା ମାଛ, ଦରମା ଦିନ ପକ୍ଷୀମାଛ ଅଧିକିଲେ ଆସିବା ସ୍ଥିର। ଘରେ ପୁରୀ ଛଣା ହେବ, ମସଲା ପଡ଼ି ହଳଦିଆ ଆଳୁଦମ୍। ଏତେ ଖୁସି ସେଇ ଦରମା ପାଇଲା ଦିନ, ତା' ପରେ ଠ, ଠା, ଠି। ବଜାର ଭାଉ ସେତେ ଚଢ଼ା ନୁହେଁ, ଟଙ୍କାରେ ତିନି କିଲୋ ଚାଉଳ, ବାଇଗଣ କିଲୋକୁ କୋଡ଼ିଏ ପଇସା, ଡାଲି କିଲୋ ବାରଣା - ଏମିତି ସବୁ ଦର। ନବେରୁ ଦଶ ଚାଲିଗଲା। ପୁଣି ପୁଅ ବଇଁଶୀ ଚୋରି କରିଛି, ମାଷ୍ଟ୍ରେଙ୍କ ମୁଣ୍ଡକୁ ପିତ୍ତ ଉଠିଛି। ଗର୍ଜୁଛନ୍ତି -'ଆବେ ଶଳା ଟଙ୍କା କାଢ଼ି ଥୋଉଛୁ ନା ଦେଖିବୁ ଏଇ କ୍ଷଣି।' ଠେଙ୍ଗା ଉଠିଗଲା ବଇଁଶୀ ମୁଣ୍ଡ ଉପରକୁ। ବଇଁଶୀ ଭୋ ଭୋ କାନ୍ଦୁଛି। ବାପାଙ୍କ ଗୋଡ଼ତଳେ ପଡ଼ିଗଲା, ନିଜକୁ ନିର୍ଦ୍ଦୋଷ ବୋଲି କହିଲା, ନମାରିବାକୁ କାକୁତି ମିନତି ହେଲା। ଧରଣୀ ଖାଲି ବାପା ନୁହନ୍ତି, ମାଷ୍ଟ୍ରେ ମଧ୍ୟ, ପଢ଼ିନେଲେ ପୁଅ ମନକଥାକୁ। ନିରବ ରହିଲେ, ବଇଁଶୀ ଖାଲି ସକେଇ ସକେଇ କାନ୍ଦୁଥିଲା।

ତହିଁ ଆରଦିନ, ଧରଣୀ ମାଷ୍ଟ୍ରେ ସକାଳୁ ସକାଳୁ ପୋଷ୍ଟ ଅଫିସରେ ହାଜର। ପୋଷ୍ଟମାଷ୍ଟର ଦେଖୁ ଦେଖୁ କହିଲେ-ମାଷ୍ଟ୍ରେ! ତୁମେ କେଡ଼େ ଭୋଳା ଲୋକ ହୋ। ତୁମ ହାତକୁ ଅଶୀ ଟଙ୍କା ଦେଇ ବାକ୍ସରୁ ରେଜା କାଢୁକାଢୁ ତମେ ଛୁ। ତମେ ଗଲାବେଳେ ଟଙ୍କା ଗଣି ଦେଇଥିଲ ନା ସେମିତି ପକେଇଲ? ଗଣିଥିଲେ ତ ନିଶ୍ଚୟ ଦଶଟଙ୍କା ନେଇ ଥାଆନ୍ତ? ଏଇ ନିଅ ତମ ଦଶଟଙ୍କା। ମାଷ୍ଟ୍ରେ ଟଙ୍କା ଆଣିଲେ। ଏଣେ ବଇଁଶୀର କଥା ଅସମ୍ଭାଳ, ସ୍କୁଲ ସାଥୀଏ, ଫୁସ୍‌ଫାସ ହେଉଛନ୍ତି। ବଇଁଶୀ କେତେ କଥା ବହଲେଇ କହିଲା। ଜଣେ ସାଙ୍ଗ ଭାରି ଦୁଷ୍ଟ, ତା' ପାଟିରେ ବାଡ଼ ବତା ନାହିଁ, କହିଲା - 'ତୋ' ବାପା ତୋତେ ନିଷ୍ଟେ ମାରିଚି, ଏଇ ତ ମାଡ଼ରେ ଫୁଲା ପରି ଦିଶୁଛି। ଆମକୁ ମିଛ କହୁଛୁ'? ସତ କାଢ଼ିବାକୁ ସାଙ୍ଗମାନେ ତାକୁ କୋବଲେଇଲେ। ବଇଁଶୀର ଗୋଟିଏ ଉତ୍ତର, ଯାତ୍ରା ଦେଖିଥିଲା, ରାତି ଅନିଦ୍ରା, ମୁହଁ ଫୁଲିଛି। ଧରଣୀ ମାଷ୍ଟ୍ରେ ଆସି ପହଞ୍ଚିଲେ, ପୁଅ ଥରିଲା, ବାପା ଚୋରି କଥା ହେଡ଼ ମାଷ୍ଟରଙ୍କୁ କହିବେ, ସେ ଅନ୍ୟ ମାଷ୍ଟ୍ରେଙ୍କୁ କହିବେ, କ୍ଲାସ ସାରା ପିଲା ଜାଣିବେ, ଚୋରି ନ କରି ସେ ଚୋର ସାବ୍ୟସ୍ତ ହେଇଯିବ। ଏ ସବୁ କିଛି ଘଟି ନଥିଲା, ଧରଣୀ ମାଷ୍ଟ୍ରେ ସବୁ କଥା ଫିଟେଇ କହିଲେ, ତାଙ୍କ ଆଖିରୁ ଝରୁଥିଲା ଲୁହ ଦି' ଧାର। ବଇଁଶୀ ଦେଖୁଥିଲା, ଯମ ସଦୃଶ ଜଣେ ମାଷ୍ଟ୍ରେ, ତା' ଆଗରେ ଆଜି ଭଗବାନ!

ଦୁଇ ଘଣ୍ଟାର ଲୋଡ଼ସେଡ଼ିଂ ଶେଷ। କ୍ୱାର୍ଟର ସାରା ଆଲୁଅ। ଆଜି ନୁହେଁ, ବହୁବାର ସେ ସ୍ମୃତି ରୋମନ୍ଥନ କରିଛି, ନିଜକୁ ସେତେ ହାଲ୍‌କା ମଣିଛି। ସେ ଦିନ ବିଧା, ଚାପୁଡ଼ା, ଠେଙ୍ଗାମାଡ଼, ଯଦିଓ ସେ ନିର୍ଦ୍ଦୋଷ। ବାପା ସେଇ ଦଶଟଙ୍କାରେ ତା' ପାଇଁ କିଣି ଆଣିଲେ ଧଳା ହାପ୍ ପ୍ୟାଣ୍ଟ ସାଙ୍ଗକୁ ଧଳା ହାପ୍ ସାର୍ଟ। ପୁଅର ଇମାନଦାରୀକୁ ଏମିତି ମର୍ଯ୍ୟାଦା ଦେଲେ। ସ୍କୁଲ ପିଲା ଦେଖି ଅବାକ, କିଏ ସାର୍ଟରେ ତ କିଏ ପ୍ୟାଣ୍ଟରେ ହାତ ମାରି ଦେଉଛି, କିଏ କପଡ଼ାର ତାରିଫ କରୁଛି। ବଇଁଶୀର ଖୁସି ବା ଦେଖେ କିଏ? ଚାରିଥର ଆଗପଛ କରି ଅଇନା ଦେଖୁଛି, ସେଇ ପୋଷାକଟିର ତାରିଫ ଅନୁଭବ କରୁଛି।

ବଂଶୀଧରଙ୍କର ମଧ୍ୟମ ବର୍ଷ ଅତିକ୍ରାନ୍ତ। ଭାବନାର ସେଇ କାଳ୍ପନିକ ବ୍ୟକ୍ତି, ଯାହାଙ୍କୁ ସେ ସାର୍ ସମ୍ବୋଧନ କରୁଥିଲା। ପ୍ରକାଶ କରୁଥିଲା ତା'ର ଭୟ, ଭକ୍ତି, ରାଗ ଅହଂକାର, ଦୁଃଖ ଯନ୍ତ୍ରଣାକୁ ଭାଗିଦାର କରୁଥିଲା। କହିବାକୁ ଚାହୁଁଥିଲା ସାର୍‌ଙ୍କୁ। ସେଦିନ ଧଳା ପୋଷାକର ମର୍ଯ୍ୟାଦା ଢେର୍ ଥିଲା। ସତ୍ୟ, ଅହିଂସା, ପବିତ୍ରତାର ଏଇଟି ପ୍ରତୀକ। ଅନାବିଳ ହୃଦୟର ପରିମାପକ। ଆଜି ସବୁ ଓଲଟ ପାଲଟ। ଦଶଟଙ୍କାର ଧଳାପୋଷାକ, ଏଥିପାଇଁ ତାକୁ କି ମୂଲ୍ୟ ଦେବାକୁ ପଡ଼ି ନ ଥିଲା! ଲୋଭ, ମୋହ, ମାୟା - ଚୋରି ଟାଉଟରୀର ଏବେ ରାଜତ୍ୱ ଚାରିଆଡ଼େ। ଏପରି କଳଙ୍କ ଲୁଚାଇବାକୁ ଥୋକେ ଧଳା ପୋଷାକ ପିନ୍ଧନ୍ତି। ଖାଦରହିତ ସଫା ମଣିଷର ପ୍ରମାଣ ଦିଅନ୍ତି। ଭିତରଟା କିନ୍ତୁ ହଳାହଳ ପୂର୍ଣ୍ଣ। ବଂଶୀଧର ଭାବୁଥିଲା, ସେଇ କାଳ୍ପନିକ ସମ୍ମାନନୀୟ ବ୍ୟକ୍ତିଙ୍କୁ ପଚାରିବାକୁ ତା'ର ଇଚ୍ଛା ହେଉଥିଲା - ଆଚ୍ଛା ସାର୍! ଧଳାପୋଷାକ ପିନ୍ଧୁଥିବା ପ୍ରତ୍ୟେକ ବ୍ୟକ୍ତି କ'ଣ ତାରିଫ ପାଇବାରୁ ଯୋଗ୍ୟ? ନା' ଏ ପ୍ରଶ୍ନଟା ଠିକ୍ ନ ଥିଲା। ତା'ର ପଚାରିବାର ଥିଲା, ଧଳା ପୋଷାକ ପିନ୍ଧିବାକୁ କି ମୂଲ୍ୟ ଦେବାକୁ ହୁଏ? ଏ ସବୁ ଅମୀମାଂସିତ ପ୍ରଶ୍ନ। ଏହାର ସମାଧାନ ନାହିଁ। ତା' ବାପା ଧରଣୀ ମାଷ୍ଟ୍ରେ, ଥିଲେ ଅବା ବୁଝେଇ ଦେଇ ଥାଆନ୍ତେ। ଏବେ ସେ ଅତୀତ, ତାଙ୍କରି ସନ୍ତକ ଫଟୋଟିଏ ବି କାନ୍ଥରେ ନାହିଁ। ତା'ର କାହିଁକି ମନେ ହଉଥିଲା, ଧଳା ପୋଷାକ ପିନ୍ଧିବାକୁ ଆବଶ୍ୟକୀୟ ଯୋଗ୍ୟତା ଧରଣୀ ମାଷ୍ଟ୍ରେ ଜାଣିଥିଲେ। ସେ ଥିଲେ ହୁଏତ ତ କହି ଦିଅନ୍ତେ, ଆଜିକା ଧଳାପୋଷାକ ପିନ୍ଧାଳି କିଏ ସାଧୁ ଆଉ କିଏ ବିପରୀତ!

# ଗରଜିଲା ମେଘ ବରଷେ ନାହିଁ



ନିରଞ୍ଜନ ସାହୁ
ମୋ : ୯୪୩୮୪୮୨୯୧୧
(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ବରିଷ୍ଠ ଅଧିକାରୀ)

ଆଜିକାଲି କୌଣସି ଖବରକାଗଜ ଖୋଲିଲା ମାତ୍ରେ ବହୁଳ ବ୍ୟବହୃତ ଶବ୍ଦଟିଏ ଦେଖିବେ 'ବର୍ଷିବା'। ଅମୁକ ବିଚାରପତି ସମୁକ ହାକିମଙ୍କ ଉପରେ 'ବର୍ଷିଲେ'। ଅମୁକ ହାକିମ ତାଙ୍କ ଅଧସ୍ତନଙ୍କ ଉପରେ 'ବର୍ଷିଲେ'। କେବେକେବେ ହଠାତ୍ କ୍ଷେତ୍ର ପରିଦର୍ଶନ କରି ନବନିର୍ବାଚିତ ଲୋକପ୍ରତିନିଧି ଡାକ୍ତର/ଇଞ୍ଜିନିୟର/ବିଡ଼ିଓ/ଶିକ୍ଷକ ଇତ୍ୟାଦିଙ୍କ ଉପରେ 'ବର୍ଷିଲେ'। ଇତିହାସ ବର୍ଣ୍ଣିତ ପ୍ରଭୁ ଓ କ୍ରୀତଦାସ ସମ୍ପର୍କର ଇଏ କ'ଣ ଏକ ନୂତନ ଶବ୍ଦ !

ବିରକ୍ତିକୁ ଉଚ୍ଚସ୍ୱରରେ ପ୍ରକାଶ କରିବାକୁ କ'ଣ ତାହେଲେ ବର୍ଷିବା କହିବା କି ? କିମ୍ବା ଭର୍ତ୍ସନାର ନୂଆ ରୂପ ବର୍ଷିବା? ଅଭିଧାନରେ ବର୍ଷିବା କହିଲେ ବୁଝାଯାଏ ମେଘର ରୂପାନ୍ତରଣ ଆଉ ବୃଷ୍ଟିର ଉଦ୍‌ଗମ। ଅର୍ଥାତ୍ ଚଳନ୍ତି ଶବ୍ଦଟି ଏକ ଅଭିଧାନ ବହିର୍ଭୁତ ଶବ୍ଦ; ମାତ୍ର ବାରମ୍ବାର ବ୍ୟବହାର ହେତୁ ଆଗାମୀ ଦିନରେ ତାହା ଅଭିଧାନ ଅନ୍ତର୍ଗତ ହେବାରେ କିଛି ବାରଣ ନାହିଁ। ଏମିତି ଅନେକ ନୂଆନୂଆ ଶବ୍ଦ ବ୍ୟବହାରିକ ସ୍ତରରୁ ଯାଇ ଅଭିଧାନରେ ପ୍ରଶସ୍ତି ଓ ଭାଷାକୁ ସମୃଦ୍ଧ କରନ୍ତି। ସେଥିରେ କିଛି ବିସ୍ମିତ ହେବାର ନାହିଁ।

ମାତ୍ର ଆମର ଜିଜ୍ଞାସା ହେଉଛି, ଯେଉଁମାନେ ବିଭିନ୍ନ କାରଣରୁ ଉଚ୍ଚ ସ୍ୱରରେ ଚିତ୍କାର କରନ୍ତି, ଅଧସ୍ତନଙ୍କ ଉପରେ ସେମାନଙ୍କ କ୍ଷଣିକ କୋପ ଝାଡ଼ି ଦିଅନ୍ତି, ସେମାନେ କ'ଣ ସ୍ଥାୟୀ ଭାବରେ ପ୍ରଭାବିତ କରିପାରନ୍ତି ସେଇମାନଙ୍କୁ! କିଛି ଭୁଲ୍ ଯଦି ସେହି ନିମ୍ନଶ୍ରେଣୀୟ ବ୍ୟକ୍ତି କରିଥାନ୍ତି ତାହାଦ୍ୱାରା ସେ ସଂଶୋଧନ କରନ୍ତି କି ନା କେବଳ ଲୋକଙ୍କ ଆଗରେ ତାଙ୍କର ବଡ଼ପଣିଆ ଦେଖାନ୍ତି ଏବଂ ଅଧସ୍ତନଙ୍କ ଆଗରେ ନିଜର ପ୍ରୌଢ଼ୀ ଦେଖେଇବା ପାଇଁ ଏହା ଏକ କୋଳାହଳମୟ ଅଭିନୟ। ରାଗ ଉଠିଥିବ ପଞ୍ଚମକୁ, କଣ୍ଠରେ ଉଗ୍ରତାର ଭାଷା, ଆଖିରୁ ଅଗ୍ନିସ୍ଫୁଲିଙ୍ଗର ଉଦ୍‌ଗୀରଣ ଆଉ ତା ସାଙ୍ଗକୁ କ୍ଲିଷ୍ଟ ଭାଷାର ପ୍ରୟୋଗ। ଯେ ସବୁ ସମ୍ମିଳିତ ହୋଇ ଘୋଷଣା କରୁଥିବେ ନୂଆ ବର୍ଷଣମୁଖର ଋତୁ।

କିଛି ନିର୍ଦ୍ଦେଶ ଠିକ୍‌ରୂପେ ପାଳନ କରାଯାଇନଥିଲେ ନିର୍ଦ୍ଦେଶକଙ୍କ କ୍ଷୋଭ ହେବା ସ୍ୱାଭାବିକ; ମାତ୍ର ତାଙ୍କର ଧୈର୍ଯ୍ୟଶକ୍ତି ଏତେ କମ୍ କାହିଁକି? ବିରକ୍ତିକୁ କ'ଣ ଅନ୍ୟ କୌଣସି ଭାବରେ ରୂପାନ୍ତରିତ କରିହେବ ନାହିଁ! ଅଧସ୍ତନମାନଙ୍କୁ ତାଚ୍ଛଲ୍ୟ କରିବା ଉପରିସ୍ଥମାନଙ୍କର ସହଯାତ ଅଧିକାର କିମ୍ବା ସେମାନଙ୍କର ଅଧିକାରର ଦୁରୁପଯୋଗ!

କୁହାଯାଏ କାହାରି କ୍ଷମତା ନାହିଁ ଅନ୍ୟକୁ କଟୁକଥା କହିବାକୁ, କାହାରିକୁ କ୍ଷମତା ଦିଆଯାଇନାହିଁ, ଅନ୍ୟର ଆତ୍ମସମ୍ମାନ ହରଣ କରିବାକୁ। ଏପରି ସ୍ଥଳେ ଯେତେବେଳେ ମୁଖ୍ୟଜଣକ କୂଳ ଲଙ୍ଘିବେ ସେତେବେଳେ ଅଧସ୍ତନର ବା ଚାରା କ'ଣ! ଜଣକୁ ଅନ୍ୟମାନଙ୍କ ଆଗରେ ଉପହାସର ପାତ୍ର ସଜାଡ଼ିବା, ଜଣକୁ ତାଚ୍ଛଲ୍ୟ କରି ତାଙ୍କର ମାନ ମହତ ପାଣିରେ ପକେଇଦେବା କ'ଣ ବାସ୍ତବରେ କାହାର ଦାୟିତ୍ୱ, କର୍ତ୍ତବ୍ୟ ବା କ୍ଷମତା ହୋଇପାରେ! ଭାଗବତରେ କୁହାଯାଇଛି,

ଦଣ୍ଡିବା ଶକ୍ତି ଯାର ଥାଇ
ସେ ଯେବେ କ୍ଷମା ଆଚରଇ
ସାଧକ ଶ୍ରେଷ୍ଠ ସେହି ନର
ସୁଖ ଦୁଃଖରୁ ସେ ବାହାର।

ବେଳେବେଳେ ଦଣ୍ଡ ଦେବା ଶକ୍ତି ଯେଉଁ ଶାସନକର୍ତ୍ତାଙ୍କ ପାଖରେ ଥାଏ, ସେ ଚାହିଁଲେ ମଧ୍ୟ କ୍ଷମା ଦେଇପାରନ୍ତି। ସେପରି କ୍ଷେତ୍ରରେ ସେହି ବ୍ୟକ୍ତି ହୁଏତ କୃତଜ୍ଞତାରେ ବିଗଳିତ ହୋଇପାରନ୍ତି, ନିଜର ଭୁଲ୍‌କୁ ସୁଧାରି ନିଅନ୍ତି, ତାର ପୁନରାବୃତ୍ତି କରନ୍ତି ନାହିଁ; ମାତ୍ର ବେଳେ ବେଳେ ଦେଖାଯାଏ ତାଚ୍ଛଲ୍ୟ କିମ୍ବା ଦଣ୍ଡ ଏତେ ବେଶି ହୋଇଯାଏ ଯେ ଅଧସ୍ତନଟି ଭାଙ୍ଗିପଡ଼େ ମାନସିକ ସ୍ତରରେ, ଉଠିପାରେ ନାହିଁ। ମାନସିକ ଚାପ ତାକୁ ହତୋତ୍ସାହିତ କରେ ପୁଣି ଅଣ୍ଟା ଭିଡ଼ିବାକୁ। ଆହୁରି ଦଳେ ଅଛନ୍ତି ଯେଉଁମାନଙ୍କୁ ଯେତେ କହିଲେ ବି ସେମାନେ ସବୁ ମୁଣ୍ଡପୋତି ଶୁଣିଯାନ୍ତି ହେଲେ ସବୁକଥା ଭୁଲିଯାଆନ୍ତି ଅକ୍ଲେଶରେ ଏବଂ ପୁନର୍ବାର ଭୁଲ୍ କରିବାକୁ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ। ସେମାନେ ସବୁବେଳେ ହେଉଛନ୍ତି 'ମୁଁ ସେଇ ଦରପୋଡ଼ା କାଠ' ପର୍ଯ୍ୟାୟର।

ବାଲ୍ୟ କାଳରେ ବିଭିନ୍ନ ରୁଢ଼ିପ୍ରୟୋଗ ଶିଖିଲାବେଳେ ଗୋଟିଏ ଅତି ପରିଚିତ ହୋଇଯାଇଥିଲା କଥାଟିଏ। ତାହା ଥିଲା ଏମିତି 'ଗରଜିଲା ମେଘ ବରଷେ ନାହିଁ, ଭୁକିଲା କୁକୁର କାମୁଡ଼େ ନାହିଁ।' ଏତେ ଭୟଙ୍କର ଗର୍ଜନ କରି ଅପରପକ୍ଷକୁ ଅଧସ୍ତନ ମଣୁଥିବାବେଳେ ଯେଉଁ କଥାଗୁଡ଼ିକ ବାହାରି ଆସେ ସେ ସବୁ କ'ଣ ଗରଜିବା ମେଘର ସେଇ ନାଦ, ଯାହା ହୃତକମ୍ପ ସୃଷ୍ଟି କରିପାରେ; ମାତ୍ର ବର୍ଷା ସୃଜିପାରେ ନାହିଁ। ଅର୍ଥାତ୍ ଆଜିକାଲି ଯେଉଁ ଶବ୍ଦ ପ୍ରୟୋଗ ହେଉଛି 'ବର୍ଷିବା' ତାହା ତାହେଲେ କ'ଣ ଗରଜିବା ସହିତ ସମାନ ନୁହେଁ କି! ଗର୍ଜନ କରିବା ଅର୍ଥ ଭୟ ପ୍ରଦର୍ଶନ କରିବା, ପ୍ରତିପକ୍ଷକୁ ସଂତ୍ରସ୍ତ କରିବା। ଭୟ ଆସିଲେ ଜଣେ ନିଜର ସାମର୍ଥ୍ୟ ଅନୁସାରେ କାମ କରିପାରେ ନାହିଁ। ସିଂହ ଠାରୁ ହରିଣର ବେଗ ବହୁତ ଅଧିକ, ତଥାପି ସିଂହ ତାକୁ ଶିକାର କରିପାରେ କାରଣ ସେ ଭୟ ଦେଖାଏ ଆଉ ସେଇ ଭୟରେ ହରିଣର ସାମର୍ଥ୍ୟ ହ୍ରାସ ପାଏ। ସେ ସ୍ୱାଭାବିକ ଭାବରେ ଦୌଡ଼ିପାରେ ନାହିଁ। ଏଇ ଗର୍ଜନ ପଛର ରହସ୍ୟ ଜଣେ ଅଧସ୍ତନର ଦମ୍ଭ ଭାଙ୍ଗିବା ନା ତାଙ୍କର ସାମର୍ଥ୍ୟର କଳା ହରଣ କରିନେବା ଭୟ ପ୍ରଦର୍ଶନ କରି। ଏତେ ସବୁ ଚିନ୍ତା କଲେ ଲାଗେ ସତଟା କେଉଁଠି। ପୁଣି ଶୁଣିଛି ସବୁବେଳେ କଣ ସାପକୁ କାମୁଡ଼ିବା ଦରକାର କେତେବେଳେ ଫଁ କରିଦେଲେ ବି କାମ ଚଳିଯିବ ଯେ।

ମୋର ବକ୍ତବ୍ୟ ହେଉଛି ଯେ ସେ ବିଚାରପତି ହୁଅନ୍ତୁ ବା ହୋଇଥାନ୍ତୁ କ୍ଷମତାଧର। ତାଙ୍କର ଯଦି ବିରକ୍ତ ହେବାର ଅଛି ତାହେଲେ ସର୍ବସାଧାରଣ ଉପସ୍ଥିତିରେ ସେଇ ଅଭିନୟ ନକରି ସେ କଣ ତାଙ୍କର ଚାମ୍ବରକୁ ଡାକି ତାଙ୍କୁ ଭୁଲର ସଂଶୋଧନ କରାଇ ପାରନ୍ତେନି! କଥାରେ ଅଛି ଗୋଟିଏ ଘଟଣା ଘଟିଲେ ତାହା ସେଇଠି ସୀମିତ ହୋଇ ରହେ ନାହିଁ, ତାହା ଗୋଟିଏ କ୍ରମାଗତ ପ୍ରତିକ୍ରିୟା ସ୍ରୋତ (ଚେନ୍ ରିଏକସନ୍) ଭଳି ବହିଯାଏ ନଦୀଟିଏ ହୋଇ। ଉପର ମୁଣ୍ଡର ବର୍ଷା ତଳ ମୁଣ୍ଡରେ ନଦୀରେ ବନ୍ୟା ସୃଷ୍ଟି କଲାଭଳି ଘଟଣାର ପ୍ରଭାବ ବଢ଼ି ବଢ଼ି ଯାଏ। ଆଉ ସେ କେତେ ଗାଁ ଗଣ୍ଡା ଭସେଇ ନେଇଥାଏ।

ଇତିହାସରେ ଆପଣମାନେ ପଢ଼ିଥିବେ Power flows from the barrel of the gun - ଅର୍ଥାତ୍ ବନ୍ଧୁକର ନଳୀ ଭିତରୁ ହୋଇଥାଏ କ୍ଷମତାର ବର୍ଷା, ଯାହା ଖାଲି ଶବ୍ଦର ଆତଙ୍କ ସୃଷ୍ଟି କରିନଥାଏ ବରଂ କେତେ ପ୍ରତିପକ୍ଷଙ୍କ ଜୀବନ ନେଇଥାଏ ଏଇ ଗୁଳି। ଗୁଳିଠାରୁ ଶବ୍ଦର ଶବ୍ଦର କ'ଣ କମ୍ ପ୍ରଭାବଶାଳୀ କି? ଶବ୍ଦମାନେ କମାଣ ପରି ପ୍ରତିପକ୍ଷଙ୍କୁ ଘାଇଲା କରି ପକାନ୍ତି। ତାଙ୍କର ଶରୀର ମନ ଆଉ ସୂକ୍ଷ୍ମ ଇନ୍ଦ୍ରିୟମାନଙ୍କୁ ସଂତ୍ରସ୍ତ କରି ପକାନ୍ତି। କେତେବେଳେ ଭୟାତୁର ମଣିଷ ନିଜର ମାନସିକ ଭାରସାମ୍ୟ ହରେଇ ଦିଏ, କେବେ ପୁଣି ହୋଇପାରେ ପ୍ରତିକ୍ରିୟାଶୀଳ ଅଥବା ପ୍ରତିଶୋଧ ପରାୟଣ।

ସରକାରୀ ଚାକିରୀରେ ଥିବା ବାବୁମାନେ ପ୍ରଭୁମାନଙ୍କୁ ଏତେ ଭୟ କରନ୍ତି ଯେ ସେମାନେ ପ୍ରତିଶୋଧ ନେବାର କ୍ଷମତା ହରେଇଥାନ୍ତି, ହେଲେ ମନ ଭିତରେ ସେଇ ଗ୍ଲାନିକୁ ଧରି ବଂଚୁଥାନ୍ତି ଚିରକାଳ। କେବେ କେବେ କାଳ୍ପନିକ ଭାବରେ ପ୍ରତିଶୋଧ ନିଅନ୍ତି। ମନୋଜ ଦାସଙ୍କ ମେସିନ୍ ଗନ୍ ଗପ ମନେ ପଡୁଛି ଆପଣଙ୍କର? ସେଥିରେ ବଡ଼ ହାକିମ ତଳ ହାକିମଙ୍କୁ ଡାକି ଏମିତି ବର୍ଷିଗଲେ ତାଙ୍କର କିଛି ଭୁଲ୍ ପାଇଁ। ଆହୁରି ତଳକୁ ତଳ ବହୁ ପ୍ରସ୍ତର ମଝି, ଛୋଟ ଏମିତି ବହୁ ପ୍ରକାରର ହାକିମମାନଙ୍କ ଉପସ୍ଥିତିରେ ଘଟଣାଟି ଘଟିଗଲା। ହାକିମ ପ୍ରସ୍ଥାନ କଲେ - ମନ ଭିତରେ ଜଳୁଥାନ୍ତି ମଝି ହାକିମ୍। ସେ କିଛି ସମୟ ପରେ ଅନ୍ୟମାନଙ୍କୁ ଡାକିଲେ ଆଉ ସେମାନଙ୍କ ସାମ୍ନାରେ ଫୋନ୍‌ରେ ଜୋର୍‌ରେ ଶୋଧାଶୋଧି କଲେ ତାଙ୍କର ବସ୍‌ଙ୍କୁ। ସମସ୍ତେ ଆଶ୍ଚର୍ଯ୍ୟ ହେଉଥାନ୍ତି। କ୍ରମେ ସମସ୍ତେ ଜଣକ ପରେ ଜଣେ ଅତିକ୍ରାନ୍ତ ହେଲେ। ଏବେ ମଝି ହାକିମ ଯାଇ ଟେଲିଫୋନ୍‌ର କର୍ଡ଼ ଯେଉଁଠି ଲାଗିଛି ତାହା ଆଉଥରେ ଅନ୍ କଲେ। କହିବା ବାହୁଲ୍ୟ - ନିଜର ସଂଚିତ ଅବସୋସକୁ ମେଣ୍ଟେଇବା ପାଇଁ କାଳ୍ପନିକ ଭାବରେ ସେ ଖାଲି ରିସିଭର୍‌କୁ ଶୁଣାଉଥିଲେ ତାଙ୍କର ବିପ୍ଳବର ବାଣୀ।

ବର୍ଷା ସୃଜନର ଋତୁ। ତାହା ସବୁଜିମା ସୃଷ୍ଟି କରେ। ନବ ଜୀବନର ଉନ୍ମେଷ ଆଣେ, ହେଲେ ଉପର ହାକିମଙ୍କ ତଳଙ୍କ ଉପରେ ଭୀଷଣ ରାଗିବା ଖାଲି ସୃଷ୍ଟି କରେ ବିରକ୍ତି, ଜ୍ୱଳନ ଓ ଉଦ୍‌ବେଗ। ତାହା କାମର ପ୍ରେରଣା ହ୍ରାସ କରେ। ଆମର ତଥାକଥିତ ବଡ଼ହାକିମମାନେ ଗର୍ଜନ ବନ୍ଦ କରନ୍ତୁ। ଆବଶ୍ୟକସ୍ଥଳେ ଦଣ୍ଡ ଦିଆଯାଉ; ମାତ୍ର ସେମାନଙ୍କର 'ବର୍ଷଣ' ବନ୍ଦ ହେଉ।

# ଜାଣିବା ପାଇଁ ଜାଗିବା ଜରୁରୀ

ନଗେନ୍ଦ୍ର ନାଥ ପଟ୍ଟନାୟକ
ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡିଶା ସରକାର
ଭୁବନେଶ୍ୱର,
ମୋ-୯୪୩୯୩୩୨୧୩୮

ସଂଘର୍ଷ ମୁଖ୍ୟତଃ ଦୁଇ ପ୍ରକାର–ବାହ୍ୟ ଜଗତର ସଂଘର୍ଷ ଏବଂ ଅପରଟି ହେଉଛି ଅନ୍ତଃଜଗତର ସଂଘର୍ଷ । ଏ ଦୁଇଟିଯାକ ନିରବଚ୍ଛନ୍ନ ପ୍ରକ୍ରିୟା । ପୁନଃ ଏକଥା ମଧ୍ୟ ହେଜିବାକୁ ହୁଏ କି ପ୍ରୋକ୍ତ ଦୁଇଟି ଜଗତ ସହିତ ଉଦ୍ଦେଶ୍ୟମୂଳକ ଭାବେ ଆମେ ନିଜର ସଂପର୍କ ଯୋଡିଲେ ଯାଇ ତୃତୀୟ ଅର୍ଥାତ୍ ଆତ୍ମଜଗତକୁ ସମଝିପାରିବା । ଜାଗରିତ ହେବା ପାଇଁ ସେ ସୁଷୁପ୍ତ ଅବସ୍ଥା ରହିଛି କି ନାହିଁ –ବ୍ୟକ୍ତି ସର୍ବପ୍ରଥମେ ଅନୁଭବ କରିବା ଏକାନ୍ତ ଜରୁରୀ । ବାସ୍ତବରେ ବ୍ୟକ୍ତି ଯେ ସୁପ୍ତ ଅବସ୍ଥାରେ ଅଛି ତାହା ଜାଣିବା ପାଇଁ ପ୍ରକୃତିର ସେସବୁ ଶକ୍ତିକୁ ସଂପୂର୍ଣ୍ଣ ଭାବେ ଚିହ୍ନି ବୁଝିବା ଆବଶ୍ୟକ । ପ୍ରାକୃତିକ ଶକ୍ତିଗୁଡିକ ବ୍ୟକ୍ତିଙ୍କୁ ସୁପ୍ତି ତଥା ସମ୍ମୋହନରେ ବାନ୍ଧି ରଖିବାରେ କାର୍ଯ୍ୟ କରୁଛନ୍ତି କି ନାହିଁ ହୃଦବୋଧ କରିବାକୁ ହେବ । ଯାହା ସମ୍ମୋହନ ପ୍ରେରିତ ତାହା ଯେ କୌଣସି ସୂତ୍ରରୁ ଜାଣିହେବ ଏହା ଭାବିବା ମଧ୍ୟ ମୂର୍ଖତାପୂର୍ଣ୍ଣ । ଏକଥା ନିଶ୍ଚିତ ରୂପେ ସ୍ୱୀକାର କରିବାକୁ ହେବ ଯେ, ମନୁଷ୍ୟର ଦାସତ୍ୱ କ୍ରମେ ବଢିବଢି ଯାଉଛି । ସ୍ୱେଚ୍ଛାକୃତଭାବେ ଗୋଲାମ ବନିଯାଉଛି ଈଶ୍ୱରଙ୍କ ସର୍ବଶ୍ରେଷ୍ଠ ତଥା ଚେତନ ବିବେକଯୁକ୍ତ ସୃଷ୍ଟି ମନୁଷ୍ୟ । ଶିକୁଳୀରେ ମନୁଷ୍ୟ ଜୀବକୁ ବାନ୍ଧି ରଖିବାର ଆବଶ୍ୟକତା ଜରୁରୀ ନୁହେଁ । ସେ ଏବେ ନିଜର ଦାସତ୍ୱକୁ ନେଇ ଖାଲି ସ୍ନେହ ପ୍ରୀତି ନୁହେଁ ବରଂ ବୃଥା ଗର୍ବ, ଅହଂକାର ଓ ଆସ୍ଫାଳନରେ ଫାଟି ପଡୁଛି । ତେବେ ବିଡମ୍ବନାର ତଥା କ୍ଷୋଭର ବିଷୟ ଏହି ଯେ, କୌଣସି ବ୍ୟକ୍ତି କ୍ଷେତ୍ରରେ ଏଭଳି ବି ହୋଇପାରେ । ଆମ ଦୈନନ୍ଦିନ ଜୀବନରେ ଘଟୁଥିବା କିଛି ଘଟଣାକ୍ରମକୁ ନଜିରସ୍ୱରୂପ ନେଇପାରିବା । ଏଇ ଯେମିତି ଯୁଦ୍ଧ । ସଂପ୍ରତି ସାରା ବିଶ୍ୱରେ ଘନଘଟା ଯୁଦ୍ଧ ସଂଘଟିତ ହେଉଛି । ତେବେ ଏ କରାଳ ଯୁଦ୍ଧ ବିଭୀଷିକା କ'ଣ ଦର୍ଶାଉଛି ବୋଲି ଆମ ମନରେ ପ୍ରଶ୍ନ ଉଙ୍କିମାରେ । ଏହି ଯୁଦ୍ଧ ସୂଚେଇଦିଏ ଯେ ଲକ୍ଷଲକ୍ଷ ଶୟନରତ ଲୋକ ଲକ୍ଷାଧିକ ଅନ୍ୟ ନିଦ୍ରାଗତ ଲୋକଙ୍କ ପ୍ରାଣନାଶ କରିବାକୁ ଉଦ୍ୟମ କରୁଛନ୍ତି । ସେମାନେ ଜାଗି ଉଠିଲେ ଏମିତି କରନ୍ତେ ନାହିଁ ବୋଲି ନିଃସନ୍ଦେହରେ କୁହାଯାଇ ପାରେ । ଯାହାକିଛି ସଂଘଟିତ ହୁଏ ତାହା ଯେ ଏ ସୁପ୍ତି ଯୋଗୁ ହୋଇଥାଏ ଏହା ଜାଣିବା ନିହାତି ଜରୁରୀ ମନେହୁଏ । ଜାଣିବାର ଅର୍ଥ ସବୁକିଛି ଜାଣିବା । ଅପରପଟେ ସବୁକିଛି ନ ଜାଣିବାର ଅର୍ଥ କିଛି ଜାଣିବା ନାହିଁ । ଅଳ୍ପକିଛି ଜାଣିବା ପାଇଁ ସର୍ବପ୍ରଥମେ ବହୁତ କିଛି ଜାଣିବା ଜରୁରୀ । ସ୍ମରଣଯୋଗ୍ୟ, ଆମେ ଏଠି ଖୋଦ୍ ନିଜ ସହିତ କିପରି ସଂଘର୍ଷ କରିବା ସେ କଥା ବେଶ୍ ସମଝିବାକୁ ଆସିଛେ । ସେଥିପାଇଁ ଆମେ ତାଙ୍କୁ କୃତଜ୍ଞତା ଜଣାଉଛେ ଯିଏ ଆମକୁ ଏ ଅବସର ପ୍ରଦାନ କରିଛନ୍ତି । ଯାହା ଜଣେ ବ୍ୟକ୍ତିପାଇଁ ସମ୍ଭବ ତାହା ଜନସମୂହଙ୍କ ପାଇଁ ଅସମ୍ଭବ । ଜ୍ଞାନ ଆହାରଣ ସଂପୂର୍ଣ୍ଣ ଅଧ୍ୟୟନ ବଳରେ ପ୍ରାପ୍ତ କରାଯାଇ ପାରିବ । ତେବେ କିପରି ଶିଖିବାକୁ ହେବ ସେକଥା ବ୍ୟକ୍ତିବିଶେଷ ଜାଣିବା ଆବଶ୍ୟକ । ଏଇ ମନୁଷ୍ୟ ହିଁ ଆମର ନିକଟବର୍ତ୍ତୀ ଏବଂ ଆମେ ସବୁ ମନୁଷ୍ୟଙ୍କ ଭିତରୁ ଆପଣାକୁ ନିକଟତମ କରିବା ନିହାତି ଦରକାର । ମୂଲ୍ୟବାନ ସମୟର ସୁସଭ୍ୟ ମାନବଜାତି ଯୁଦ୍ଧକୁ ଛାଡି ଅନ୍ୟ କୌଣସିଥିରେ ଟଙ୍କା ବ୍ୟୟିତ କରେ, ସବୁଠୁ ବେଶି ମୂଲ୍ୟ କାହାକୁ ନେଇ ମିଳେ ସବୁଠାରୁ ବଡ ପ୍ରତିଯୋଗିତା କେଉଁଠି ହୁଏ ଏକଥା ବିଚାରିଥାଏ । ଯଦି ଆମେ ଏ ପ୍ରଶ୍ନଗୁଡିକ ଉପରେ ନିମିଷକ ପାଇଁ ଗଭୀର ଭାବେ ଚନ୍ତା କରିବା ତେବେ ମାନବଜାତି ଯେ କ'ଣ ତାହା ପରିଷ୍କାର ଭାବେ ଜାଣିବାରେ କ୍ଷମ ହୋଇପାରିବା । ଯୋଉ ମାନବଜାତି ଏ ଧରାପୃଷ୍ଠରେ ନିଜର ଅସ୍ତିତ୍ୱ ବଜାୟ ରଖିଛି ଏବଂ ଯେଉଁ ହିତକୁ ନେଇ ମାନବଜାତି ବଂଚି ରହିଛି ସେ ଜାତି ଯାହା ତାହା ପାଖରେ ଅଛି ତାହାଠୁ ଭିନ୍ନ କିଛି ପାଇବା ପାଇଁ ଆଶା କରାଯାଇ ନ ପାରେ । ମନୁଷ୍ୟର ଇଚ୍ଛା କାମନା ଜଗତର ସବୁଠୁ ଶକ୍ତିଶାଳୀ ଚିଜ । ଏମିତି କି ଭଗବାନଙ୍କଠୁ ବି ବଡ । ଆମେ ନିଜ ଆଖପାଖ ପରବେଶ ଉପରେ ନଜର ପହଁରାଇ ନେଉଛେ । ବିରୁଡି ନା ଜ୍ଞାନ ଚାହେଁ ନା ତାକୁ ଅନ୍ୱେଷଣ କରିଥାଏ । ବିରୁଡି ସର୍ଦାର ଆପଣା ହିତରେ ସବୁ ନୂଆ ତଥା ଅଜଣା ଚିଜ ପ୍ରତି ତାର ଭୟକୁ ବଢାଇବାରେ ପ୍ରୟାସ ଜାରିରଖେ । ମାନବଜାତି ଯେଉଁ ଦାସତ୍ୱ ଶିକୁଳୀରେ ବନ୍ଧା ତାହା ସେଇ ଭୟ ଆତଙ୍କ ଉପରେ ଆଧାରିତ । ତେବେ ଏହା ପଛର ହେତୁକୁ ସମଝିବା ପାଇଁ ଏତିକି ବୁଝି ପ୍ରଶ୍ନକଲେ ଯଥେଷ୍ଟ ହେବ ଯେ ମନୁଷ୍ୟ କେମିତି ବଂଚନ୍ତି, ତାର ଅସ୍ତିତ୍ୱର ଉଦ୍ଦେଶ୍ୟ କଣ, ତାର ଇଚ୍ଛା କାମନା ଉନ୍ମାଦନା ଓ ଆକାଂକ୍ଷା ଅଭୀପ୍‌ସାର ଉଦ୍ଦେଶ୍ୟ କଣ ?

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୩ ଡିସେମ୍ବର ୨୦୨୪ ସୋମବାର





## ପ୍ରାଣୀ ନିରୀକ୍ଷକଙ୍କ ବିରୋଧରେ ଅଭିଯୋଗ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ଜହ୍ନାପଙ୍କ ସ୍ଥିତ ନାରାୟଣ ନଗର ପ୍ରାଣୀ ସହାୟକ କେନ୍ଦ୍ରକୁ ପ୍ରାଣୀ ନିରୀକ୍ଷକ ନିୟମିତ ଆସୁନଥିବାରୁ ସୋମବାର ଜିଲ୍ଲାପାଳଙ୍କୁ ଅଭିଯୋଗ ହୋଇଛି । ଅଭିଯୋଗ ପାଇ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ତୁରନ୍ତ ତାଙ୍କର ଦରମା ବନ୍ଦ କରିବାକୁ ପାଇଁ ନିର୍ଦ୍ଦେଶ ଦେଇଥିଲେ । ସୂଚନାଯୋଗ୍ୟ ଯେ ପ୍ରାଣୀମାନଙ୍କ ଚିକିତ୍ସା ସୁବିଧା ପାଇଁ ୧୯୭୦ ମସିହାରେ ଏଠାରେ ପ୍ରାଣୀଧନ ସହାୟକ କେନ୍ଦ୍ର ଖୋଲାଯାଇଥିଲା । ଏହାଦ୍ୱାରା ଖୁଣ୍ଟବନ୍ଧ, ଲକ୍ଷ୍ମୀପ୍ରସାଦ, ପଦ୍ମନପୁର, ମୁଣ୍ଡାପଡା, ତେଲିବନ୍ଧ ଆଦି ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ଗ୍ରାମର ପ୍ରାଣୀ ପାଳକମାନେ ଉପକୃତ ହେଉଥିଲେ । କାର୍ଯ୍ୟରେ ଅବହେଳା ପାଇଁ ୨୦୨୨ ଜୁନ୍ ମାସରେ ଏଠାରେ ଥିବା ପ୍ରାଣୀ ନିରୀକ୍ଷକ ସୂର୍ଯ୍ୟକାନ୍ତ ବେହେରାଙ୍କୁ ଏଠାରୁ ବଦଳି କରାଗଲା । ସେହିଦିନ ଠାରୁ ସୌଭାଗ୍ୟ ପ୍ରଧାନଙ୍କୁ ଏହି କେନ୍ଦ୍ରର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା । ତେବେ ଅକ୍ଟୋବର ମାସରେ ଏଠାରେ ନିଯୁକ୍ତ ଅଭିଲିପ୍ସା ଦାସ କିଛି ଦିନ ଆସିଲା ପରେ ଆଉ ଅଫିସକୁ ଆସୁନଥିଲେ । ଏନେଇ ଭିଏଏସ୍ ଓ ସିଡ଼ିଭିଓଙ୍କୁ ଅଭିଯୋଗ କଲାପରେ ବି କୌଣସି ପଦକ୍ଷେପ ନନେବାରୁ ଶେଷରେ ଜିଲ୍ଲାପାଳଙ୍କୁ ଅଭିଯୋଗ ହୋଇଥିଲା ।

## ଉମରକୋଟରେ ରକ୍ତ ଭଣ୍ଡାର ପାଇଁ ମିଳିଲା ଲାଇସେନ୍ସ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ଦୀର୍ଘଦିନ ପରେ ଉମରକୋଟ ବାସୀଙ୍କ ଦାବି ପୂରଣ ହୋଇଛି । ଏଠାରେ ରକ୍ତଭଣ୍ଡାର କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ଲାଇସେନ୍ସ ପ୍ରଦାନ କରିଛନ୍ତି । ଡବଲ୍ ଇଞ୍ଜିନ୍ ସରକାର (କେନ୍ଦ୍ର ଓ ରାଜ୍ୟରେ ବିଜେପି) ଯୋଗୁ ଏହା ସମ୍ଭବ ହୋଇଥିବା କୁହାଯାଉଛି । ସୂଚନା ଅନୁସାରେ, ବୁଧବାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଉମରକୋଟ ଉପଖଣ୍ଡ ହସ୍ପିଟାଲରେ ରକ୍ତଭଣ୍ଡାର ଖୋଲିବା ପାଇଁ ଲାଇସେନ୍ସ ପ୍ରଦାନ କରିଛନ୍ତି । କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ରାଜ୍ୟ ସରକାରଙ୍କ ଡ୍ରଗ୍ସ୍ କଣ୍ଟ୍ରୋଲରଙ୍କୁ ପତ୍ର ମାଧ୍ୟମରେ ଅବଗତ କରିଛନ୍ତି । ଲାଇସେନ୍ସ ମିଳିବା ପରେ ଉମରକୋଟ ରକ୍ତଭଣ୍ଡାରକୁ ରକ୍ତ ସଂଗ୍ରହ, ରକ୍ତ ପ୍ରକ୍ରିୟାକରଣ ଓ ରୋଗୀଙ୍କୁ ରକ୍ତ ବଣ୍ଟନ ପାଇଁ ଅନୁମତି ମିଳିଯାଇଛି । ଚିକିତ୍ସାଳୟର ଡାକ୍ତର ସବ୍ୟସାଚୀ ଦାସଙ୍କୁ ବ୍ଲଡବ୍ୟାଙ୍କ ଅଧିକାରୀ ଭାବେ ଦାୟିତ୍ୱ ରାଜ୍ୟ ସରକାର ପ୍ରଦାନ କରିଛନ୍ତି । ଅନ୍ୟ ୬ ଜଣଙ୍କୁ ମଧ୍ୟ ରକ୍ତଭଣ୍ଡାରରେ କାର୍ଯ୍ୟ କରିବାକୁ ଅନୁମତି ମିଳିଛି । ଦୁଇବର୍ଷ ହେଲା ଉପଖଣ୍ଡ ହସ୍ପିଟାଲ୍‌ରେ ବ୍ଲଡବ୍ୟାଙ୍କ ସ୍ଥାପନ ହୋଇଥିଲେ ହେଁ ଅନୁମୋଦନ ମିଳିପାରୁନଥିଲା ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିଲା । ରକ୍ତ ପାଇଁ ଅଞ୍ଚଳର ରୋଗୀଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ପଡୁଥିଲା । ଉମରକୋଟ ବିଧାୟକ ତଥା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟି ଏ ବିଷୟରେ ଆଲୋଚନା କରିଥିଲେ । ଏହା ପୂର୍ବରୁ ସାଂସଦ ବଳଭଦ୍ର ମାଝୀ ୪ ଦିନ ତଳେ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କୁ ବ୍ଲଡ ବ୍ୟାଙ୍କ ଖୋଲିବାକୁ ଅନୁମତି ଦେବା ପାଇଁ ପତ୍ର ଦେଇଥିଲେ । ଦାବି ପୂରଣ ହୋଇଥିବାରୁ ସହରବାସୀ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଗଣ୍ଡ ଓ ସାଂସଦ ଶ୍ରୀ ମାଝୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ବ୍ଲଡବ୍ୟାଙ୍କର ଉତ୍ତମ ପରିଚାଳନା ପାଇଁ ଅଧିକ କର୍ମଚାରୀ ନିଯୁକ୍ତି ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅନୁରୋଧ କରାଯିବ ବୋଲି ଉପଖଣ୍ଡ ହସ୍ପିଟାଲ୍‌ର ମେଡିକାଲ୍ ଅଫିସର ଡାକ୍ତର ଶରତ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି । ଏଠାରେ ବ୍ଲଡବ୍ୟାଙ୍କ କାର୍ଯ୍ୟକାରୀ କରିବାକୁ ଅନେକ ସମୟରେ ଆନ୍ଦୋଳନ ସହ ରାସ୍ତାରୋକ କରାଯାଇଥିଲା । କେନ୍ଦ୍ର ସରକାରଙ୍କ ଅନୁମତି ମିଳୁନଥିବାରୁ ହୋଇପାରୁନଥିଲା ।

## ସରକାରୀ ପ୍ରୋତ୍ସାହନ ଅଭାବରୁ ଲୋପ ପାଉଛି କୌଳିକ ବୃତ୍ତି



**କେନ୍ଦୁଝର, ନ୍ୟୁଜ୍**

ଗାଁ, ସହର ମାନଙ୍କରେ ଗରିବ ଲୋକମାନେ ନିଜ ନିଜ ପରମ୍ପରା ଅନୁସାରେ ନିଜର କୌଳିକ ବୃତ୍ତି ଯଥା-କମାର ଶାଳ, ବାଉଁଶ କାରିଗର, କୁମ୍ଭାର ମାନଙ୍କର ବୃତ୍ତି ଆଜି ସରକାରୀ ପ୍ରୋତ୍ସାହନ ଅଭାବରୁ ଲୁପ୍ତ ହେବାରେ ଲାଗିଛି । କେଉଁଠି କାଁ ଭାଁ ତିଆରି ହେଉଥିଲେ ହେଁ ଉକ୍ତ ସାମଗ୍ରୀ ଗୁଡିକର ବ୍ୟବହାର ହ୍ରାସ ଯୋଗୁଁ ଉକ୍ତ କୌଳିକ ବୃତ୍ତି ଧାରୀମାନେ ନିଜର ଦୈନିକ ମଜୁରୀ ମଧ୍ୟ ଉଠାଇ ପାରୁନାହାଁନ୍ତି । ଦିନ ଥିଲା କମାର ଶାଳରୁ ପ୍ରସ୍ତୁତ ବିଭିନ୍ନ ଲୁହାର ସାମଗ୍ରୀ, ବାଉଁଶ, ମାଟିର ସାମଗ୍ରୀ କୃଷି ଠାରୁ ଆରମ୍ଭ କରି ରୋଷେଇ ସମେତ ବିଭିନ୍ନ ଶୁଭ କାର୍ଯ୍ୟକ୍ରମ ମାନଙ୍କରେ ବ୍ୟବହାର ହେଉଥିଲା । ପ୍ରାୟ ବିଂଶ ଦଶନ୍ଧି ପୂର୍ବରୁ ଲୁହା, ବାଉଁଶ ଓ ମାଟି ସାମଗ୍ରୀ ଗୁଡିକର ଆଦର ଓ ବ୍ୟବହାର ବହୁ ଅଧିକ ଥିଲା । ହେଲେ ସମୟକ୍ରମେ ଆଧୁନିକତାର ବିକାଶକୁ ତାଳଦେଇ ପ୍ଲାଷ୍ଟିକ୍, ଫାଇବର ଓ ବିଦ୍ୟୁତ୍ ବ୍ୟାଟେରୀ ଚାଳିତ ଭଳି ଉପକରଣ ଗୁଡିକର ବଜାରକୁ ଆଗମନ ଓ ଏହାକୁ ବ୍ୟବହାର ପ୍ରତି ଲୋକମାନଙ୍କର ଆଗ୍ରହ ବୃଦ୍ଧି ଯୋଗୁଁ ଧୀରେ ଧୀରେ ଲୁହା, ବାଉଁଶ, ମାଟି ସାମଗ୍ରୀ ପ୍ରତି ଲୋକ ମୁହଁ ଫେରାଇ ଅତ୍ୟାଧୁନିକ ପ୍ରତି ଆକୃଷ୍ଟ ହେବାରେ ଲାଗିଲେ । ଯାହାଫଳରେ ଦଶନ୍ଧି ଦଶନ୍ଧି ପୂର୍ବର ବେଉସା ଆଜି ଲୋପ ପାଇବାରେ ଲାଗିଛି । ଏବଂ ଉକ୍ତ କାରିଗରମାନେ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହୋଇପଡ଼ିଛନ୍ତି ।



## ଲକ୍ଷ୍ମୀନାରାୟଣଙ୍କ ପୂଜା ପାଇଁ ଜାରକା ଅଞ୍ଚଳ ଉତ୍ସବ ମୁଖର

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ଜାରକା ଠାରେ ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣଙ୍କ ପୂଜାଉତ୍ସବ ଧନୁସଂକ୍ରାନ୍ତି ଶନିବାର ଠାରୁ ଆରମ୍ଭ ହୋଇଛି । ରଙ୍ଗୀନ ଆଲୋକମାଳା ଓ ସାଜସଜ୍ଜାରେ ପୂଜାମଣ୍ଡପ, ସ୍ଥାନୀୟ ବଜାର ଅଞ୍ଚଳ ଆଲୋକିତ ହୋଇଉଠିଛି । ମଣ୍ଡପରେ ଶ୍ରୀଶ୍ରୀ ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଥିବା ବେଳେ ପାର୍ଶ୍ୱରେ ଅନ୍ୟାନ୍ୟ ମୂର୍ତ୍ତି ଶୋଭା ପାଉଛନ୍ତି । ଆଲୋକମାଳା ଓ ସାଜସଜାରେ ଜାରକା ବଜାର ଉତ୍ସବ ମୁଖର ହୋଇଉଠିଛି । ପବିତ୍ର ଧନୁସଂକ୍ରାନ୍ତି ଠାରୁ ଆରମ୍ଭ ହୋଇଥିବା ଏହି ପୂଜା ଉତ୍ସବ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ ଓ ୨୫ ତାରିଖ ସନ୍ଧ୍ୟାରେ ବହୁ ପ୍ରତିଷ୍ଠିତ ପ୍ରସିଦ୍ଧ ଧର୍ମଶାଳା ମହୋତ୍ସବ ଉଦ୍‌ଘାଟନ ହେବ । ୨୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଦିବସର ସନ୍ଧ୍ୟାରେ ପାଲା, ପ୍ରବଚନ, ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା କମିଟି ପକ୍ଷରୁ ସଭାପତି ରବିନାରାୟଣ ସାହୁ ଓ ସଂପାଦକ ସତ୍ୟପ୍ରିୟ ମହାନ୍ତି ସୂଚନା ଦେଇଛନ୍ତି ।

## ନଷ୍ଟ ହେଲା ୧୨୦ ଏକର ଗଞ୍ଜେଇ ଗଛ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ କୁଟିକିଆ ଜଙ୍ଗଲ ଅଞ୍ଚଳରେ ବେଆଇନ୍ ଭାବେ ଲଗାଯାଇଥିବା ଗଞ୍ଜେଇ ଚାଷ ଉପରେ ରୋକ୍ ଲଗାଇବାକୁ ପୋଲିସ ବିଭାଗ ଅହରହ ଅଭିଯାନ ଚଳାଇଥିଲେ ମଧ୍ୟ ଗଞ୍ଜେଇ ଚାଷ ବଢ଼ିବାରେ ଲାଗିଥିବା ଦେଖିବାକୁ



ମିଳିଛି । ହେଲେ ଏ ନେଇ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବରପାଇ କୁଟିକିଆ ପଞ୍ଚାୟତ ଅଞ୍ଚଳରୁ ବାଲିଗୁଡ଼ା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ପୋଲିସ ଦଳ ସମେତ ଅବକାରୀ ଓ ଜଙ୍ଗଲ ବିଭାଗ ସଦଳବଳେ ଚଢଉ କରି ପ୍ରାୟ ୧୨୦ ଏକର ଜଙ୍ଗଲ ଜମିରେ ଚାଷ ହୋଇଥିବା ଗଞ୍ଜେଇର ଆନୁମାନିକ ମୂଲ୍ୟ ଏକ କୋଟି ଟଙ୍କାର ବେଆଇନ୍ ଗଞ୍ଜେଇ ଗଛ ସବୁ କାଟି ପୋଡି ନଷ୍ଟ କରିଦିଆଯାଇଛି । ଏ ସକ୍ରାନ୍ତରେ କେହି ଗିରଫ ହୋଇନଥିବା ବେଳେ ବାଲିଗୁଡ଼ା ଥାନାରେ ୩୨୭/୨୪ରେ ଏକ ଏନ୍‌ଡିପିଏସ୍ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଶ୍ରୀ ସାହୁ ପ୍ରକାଶ କରିଛନ୍ତି । ଉକ୍ତ ଗଞ୍ଜେଇ ଚାଷ ପୋଡ଼ି କାର୍ଯ୍ୟରେ ବାଲିଗୁଡ଼ା ତହସିଲଦାର ଦୀପ୍ତି ପ୍ରକାଶ ବେହେରା ମାଜିଷ୍ଟ୍ରେଟ୍ ଭାବେ ଯୋଗଦେଇଥିଲେ । ଗଞ୍ଜେଇ ଗଛକୁ ଅବକାରୀ ବିଭାଗ ସହ ମିଳିତ ସହଯୋଗରେ ବାଲିଗୁଡ଼ା ପୋଲିସ ଦ୍ୱାରା ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି । ସମ୍ପୂର୍ଣ୍ଣ ବେଆଇନ୍

## ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା ବୀର ନୀଳକଣ୍ଠପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନୀୟ ଅଞ୍ଚଳରେ ଜନ ସାଧାରଣଙ୍କ ସ୍ୱାସ୍ଥ୍ୟସେବା ପାଇଁ ଏକ ପ୍ରମୁଖ ଚିକିତ୍ସା କେନ୍ଦ୍ର ଥିବାବେଳେ ଏହାର ସମସ୍ୟା ଯୋଗୁଁ ଆସୁଥିବା ରୋଗୀମାନେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇପାରୁନାହାଁନ୍ତି । ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ଓ ପରୀକ୍ଷାଗାରର ବିଶେଷ ସୁବିଧା ନଥିବା ବେଳେ ରୋଗୀମାନଙ୍କ ହିତ ଦୃଷ୍ଟିରୁ ସ୍ୱାସ୍ଥ୍ୟ ପରକ୍ଷା ନିମନ୍ତେ ଆବଶ୍ୟକୀୟ ଉପକରଣ ଓ ଅନ୍ୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରପରି ପରୀକ୍ଷା ଉପକରଣ ଯୋଗାଇବା, ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୪ ଘଣ୍ଟିଆ ସେବା ଯୋଗାଇବା ଆଦି ଦାବି ନେଇ ପଞ୍ଚାୟତବାସୀ ମାନେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହାସହ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଆସୁଥିବାରୁ ତାହାର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀଙ୍କ ଅସହଯୋଗ ଓ ମୁନାଫାଖୋର ମନୋଭାବ ପାଇଁ ବୀର ନୀଳକଣ୍ଠପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଟି ଚରମ ଅବହେଳାର ଶୀକାର ହୋଇଛି । ତୁରନ୍ତ ଏହି ସ୍ୱାସସ୍ଥ୍ୟକେନ୍ଦ୍ରର ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ୭ଟି ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟଙ୍କ ସମେତ ପଞ୍ଚାୟତବାସୀ ମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହି ଦାବିପତ୍ରରେ ନହଙ୍ଗ ସରପଞ୍ଚ ବିଳାଶିନୀ ସେଠୀ, ଛୋଟୀର ରଜନୀ ମଲିକ, କୁରୁଜଙ୍ଗାର ମାନସୀ ସାମଲ, ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ଲକ୍ଷ୍ମୀପ୍ରିୟା ସେଠୀଙ୍କ ସମେତ ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ, ପ୍ରଭାକର ସାମଲ, କୁଞ୍ଜବିହାରୀ ଦାସ, ନାରାୟଣ ଲେଙ୍କା, କୈଳାସ ଚନ୍ଦ୍ର ଲେଙ୍କା, ଭବାନୀ ପ୍ରସାଦ ଓଝା ପ୍ରମୁଖ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

## ଚନ୍ଦ୍ରଭାଗା ଉନ୍ନୟନ କାର୍ଯ୍ୟ ପାଇଁ ମାପଚୁପ ଆରମ୍ଭ

**କୋଣାର୍କ, ନ୍ୟୁଜ୍ ବ୍ୟୁରୋ**

ଚନ୍ଦ୍ରଭାଗା ଉନ୍ନୟନ କାର୍ଯ୍ୟରେ ବାଧା ଉପୁଜିଛି । ଚନ୍ଦ୍ରଭାଗା ବେଳାଭୂମି ଉନ୍ନୟନ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ବେଳାଭୂମିରେ ଗଛ କାଟିବାକୁ ନେଇ ବିରୋଧ କରିଛନ୍ତି କରମଙ୍ଗା-ଶ୍ରୀକଣ୍ଠପୁର ଇଡିସି । ଗଛକଟା ପାଇଁ ଓଏଚପିସିର କର୍ମଚାରୀ ୨୦ଜଣ ଶ୍ରମିକଙ୍କୁ ନେଇ ବେଳାଭୂମିରେ ଗଛ କାଟିବା ପାଇଁ ପହଞ୍ଚିଥିଲେ । ଗଛ କଟା ଆରମ୍ଭ ହୋଇଥିଲା । କରମଙ୍ଗା-ଶ୍ରୀକଣ୍ଠପୁର ଇଡିସି ସଭାପତି ଭାଗିରଥି ସ୍ୱାଇଁଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ପହଞ୍ଚି ଏହି କାର୍ଯ୍ୟ ବନ୍ଦ କରିଥିଲେ । ଫଳରେ ୨୦ ଜଣ ଶ୍ରମିକ ଫେରିଯାଇଥିଲେ । ଘଟଣାସ୍ଥଳରେ ମେରାଇନ୍ ଥାନା ଆଇଆଇସି ପ୍ରତିମା ସାହୁ, କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସୁଦର୍ଶନ ବେହେରା, କନିଷ୍ଠ ଯନ୍ତ୍ରୀ ଦିଲ୍ଲୀପ ବିଶ୍ୱାଳ ଓ ଓଏଚପିସିର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଚନ୍ଦ୍ରଭାଗା ବେଳାଭୂମି ଉନ୍ନୟନ ପାଇଁ ୪୭ କୋଟି ବ୍ୟୟ ଅଟକଳ କରିଛି । ବେଳାଭୂମିରେ ପାଦଚଲା ରାସ୍ତା, ସିଟିଙ୍ଗ ବେଞ୍ଚ, ଖେଳକୁଦ, ଲନ, ଆଲୋକ ବ୍ୟବସ୍ଥା ଆଦି ସୁବିଧା ଉପଲବ୍ଧ ହେବ । ସମୁଦ୍ର କୂଳରେ ଦୁଇଟି ପର୍ଯ୍ୟଟକ ଜେଟି ନିର୍ମାଣ ହେବ । ପର୍ଯ୍ୟଟକଙ୍କ ପାଇଁ ସ୍ୱତନ୍ତ୍ର ଯାନବାହାନ ପାର୍କିଙ୍ଗ ଓ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯିବ । ସନ୍ଧ୍ୟା ସମୟରେ ବେଳାଭୂମିରେ ପର୍ଯ୍ୟଟକମାନେ ଅଧିକ ସମୟ ବିତାଇବେ । ସେଥିପ୍ରତି ଦୃଷ୍ଟି ଦିଆଯିବ । ଚନ୍ଦ୍ରଭାଗା ସମୁଦ୍ର କୂଳରେ ଥିବା ୭୦ ଗୋଟି ଅସ୍ଥାୟୀ ହସ୍ତଶିଳ୍ପ ବ୍ୟବସାୟ ଦୋକାନ ଓ ୨୪ଟି ସ୍ଥାୟୀ ଦୋକାନ ଗୁଡିକୁ ଉଚ୍ଛେଦ କରାଯିବ । ଉଚ୍ଛେଦ ବ୍ୟବସାୟୀଙ୍କୁ ଜୟଦେବ ବାଟିକା ନିକଟରେ ଥଇଥାନ କରାଯିବ । ଚନ୍ଦ୍ରଭାଗା ସୌନ୍ଦର୍ଯ୍ୟକରଣ ପାଇଁ ତୀର୍ଥ ପୁଷ୍କରିଣୀ ନିକଟରୁ ମେରାଇନ ଥାନା ସମ୍ମୁଖ ପର୍ଯ୍ୟନ୍ତ ବେଳାଭୂମିରେ ପ୍ରାୟ ୮୦୫ ଗଛ କଟାଯାଇ ସେଠାରେ ୧୭୦୦ ତାଳ, ନଡ଼ିଆ ଓ ଝାଉଁ ଗଛ ଲଗାଯିବ ବୋଲି କହିଛନ୍ତି କନିଷ୍ଠ ଯନ୍ତ୍ରୀ ଦିଲ୍ଲୀପ ବିଶ୍ୱାଳ । ଉନ୍ନୟନ କାର୍ଯ୍ୟ ହେଉ କିନ୍ତୁ ଆଗ ଗଛ ଲଗାଇ ପରେ ଗଛ କଟାଯାଉ ବୋଲି ଇଡିସି ସଭ୍ୟମାନେ ପ୍ରକାଶ କରିଛନ୍ତି ।

## ବେଆଇନ୍ ହମ୍ପସ୍ ନିର୍ମାଣ:ଦୁର୍ଘଟଣା ଘଟି ୨ ଗୁରୁତର

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଦିନକୁ ଦିନ ବଢ଼ୁଥିବା ଦୁର୍ଘଟଣାକୁ ନେଇ ସରକାର ସମ୍ବେଦନଶୀଳ ଥିବାବେଳେ ପୂର୍ତ୍ତ ବିଭାଗର ମନମୁଖୀ ହମ୍ପସ୍ ନିର୍ମାଣ ଯୋଗୁଁ ଏକ ଦୁର୍ଘଟଣା ଘଟି ଦୁଇ ଜଣ ଗୁରୁତର ହୋଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ସମ୍ମୁଖରେ ଅପରାହ୍ନରେ ଏକ ସ୍କୁଲ ବସ୍‌କୁ ଖୁବ୍ ଦ୍ରୁତ ଗତିରେ ଏକ ଟ୍ରାକ୍ଟର ଧକ୍କା ଦେଇଥିଲା । ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ଏକ ଘରୋଇ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଯାଉଥିବା ଏକ ସ୍କୁଲ ବସ୍ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ସମ୍ମୁଖରେ ଥିବା ହମ୍ପସ୍ ନିକଟରେ ଗତି ଧୀମା କରି ହମ୍ପସ୍ ଅତିକ୍ରମ କରୁଥିବା ସମୟରେ ପଛରୁ ଏକ ଟ୍ରାକ୍ଟର ଦ୍ରୁତ ଗତିରେ ଆସି ଧକ୍କା ଦେଇଥିଲା । ଦୁର୍ଘଟଣା ଏତେ ଜୋର୍ ଥିଲା ଯେ ଟ୍ରାକ୍ଟର ଡ୍ରାଇଭର ଓ ଜଣେ ଶ୍ରମିକ ଟ୍ରାକ୍ଟରରୁ ତଳକୁ ଛିଟିକି ପଡ଼ିଥିଲେ । ସେମାନଙ୍କ ଉପରେ



ଟ୍ରାକ୍ଟର ଚକା ଚଢ଼ି ଯାଇଥିଲା । ଫଳରେ ଡ୍ରାଇଭର ବେହୋସ୍ ହୋଇଯାଇଥିବା ବେଳେ ହେଲ୍ପର ଗୁରୁତର ହୋଇପଡିଥିଲେ । ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ପରେ ସେମାନଙ୍କୁ ସ୍ଥାନାନ୍ତର କରାଯାଇଥିଲା । ବାରମ୍ବାର ଏହି ସ୍ଥାନରେ ବେଆଇନ୍ ହମ୍ପସ୍ ନିର୍ମାଣ ପାଇଁ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ ଯେ ଦୀର୍ଘଦିନ ହେବ ମଣ୍ଡୁଆ ଠାରୁ ନରଣପୁର ଯାଏ ବିଭିନ୍ନ ଛକ ଜାଗା ମାନଙ୍କରେ ହାଇମାକ୍ସ ଅଲୋକୀକରଣ ସହିତ ରାସ୍ତା ପାର୍ଶ୍ୱ ଅଲୋକୀକରଣ ନଥିବା ଯୋଗୁ ଦୁର୍ଘଟଣା ମାନ ଘଟି ଦୁଇ ଶହରୁ ଉର୍ଦ୍ଧ୍ୱ ଜୀବନ ହାନି ଘଟି ସାରିଲାଣି । ହେଲେ ପୂର୍ତ୍ତ ବିଭାଗର ଲୋକଙ୍କ ଜୀବନ ହାନି ସହ କୌଣସି ପ୍ରକାର ସମ୍ପର୍କ ନାହିଁ ପରି ମନେହେଉଛି । ଚିହ୍ନିତ ଏହି ଅଞ୍ଚଳରେ ଅଲୋକୀକରଣ ପାଇଁ ତତ୍କାଳୀନ ଜିଲ୍ଲାପାଳ ଅନୁମୋଦନ କରିଥିଲେ ମଧ୍ୟ ତାହା ପୂର୍ତ୍ତବିଭାଗ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଏବେ ବି ଫାଇଲ ଭିତରେ ରହିଯାଇଛି । ଜିଲ୍ଲା ପୋଲିସ ବିଭାଗ ପକ୍ଷରୁ ମଧ୍ୟ ରାସ୍ତାପାର୍ଶ୍ୱ ଅଲୋକୀକରଣର ଅଭାବ ଦୁର୍ଘଟଣାର ଅନ୍ୟତମ କାରଣ ବୋଲି ବିଷୟରେ ଜିଲ୍ଲା ପ୍ରଶାସନକୁ ପୂର୍ବରୁ ଅବଗତ କରାଯାଇଥିଲା । ତୁରନ୍ତ ରାସ୍ତା ପାର୍ଶ୍ୱ ଅଲୋକୀକରଣ ସହ ବେଆଇନ୍ ହମ୍ପସ୍ ଗୁଡିକର ଉଚ୍ଛେଦ କରାଯାଇ ଧଳା ରଙ୍ଗର ସୂଚନା ଲାଇନ୍ ପ୍ରଦାନ କରାନଗଲେ ଅଗକୁ ଆହୁରି ଅନେକ ଜୀବନ ହାନି କେବଳ ପୂର୍ତ୍ତ ବିଭାଗର ଅବହେଳା ପାଇଁ ଘଟିବ ଏଥିରେ ସନ୍ଦେହ ନାହିଁ ।

## ଭୀମଭୋଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭୀମଭୋଇ ଦୃଷ୍ଟିବାଧିତ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏନ୍.ଏସ୍.ଏସ୍ ବ୍ୟୁରୋ ତରଫରୁ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଅତିଥିମାନଙ୍କ ଆଗମନ ପରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । NSS କାର୍ଯ୍ୟକ୍ରମ ଅଧିକାରୀ [illegible] ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ସୁପରିଚାଳନା କରିଥିଲେ ବିଦ୍ୟାଳୟର [illegible] କୁମାର ମହାନ୍ତି, ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ [illegible] (chair person, CHSE), ବିଦ୍ୟାଳୟ ପ୍ରାଧାନ୍ୟ ଶିକ୍ଷକ [illegible] ଅଧ୍ୟକ୍ଷତା କରିଥିଲେ । ଏଥିରେ ମୁଖ୍ୟ ବକ୍ତା ଭାବରେ ଯୋଗଦାନ ଦେଇଥିଲେ ଶ୍ରୀ [illegible] (regional director of NSS Govt.), ସମ୍ମାନିତ ଅତିଥି ଡଃ [illegible] (SNO-Cum deputy secretary, dept of higher education) ଏହି କାର୍ଯ୍ୟକ୍ରମରେ ୭୨ ଜଣ ଦୃଷ୍ଟିବାଧିତ ଛାତ୍ରଛାତ୍ରୀ ଯୋଗଦାନ ଦେଇଥିଲେ । ଏହି ସହିତ ସହାୟକ ଲେଖକ ଲେଖିକା ଓ ସେମାନଙ୍କ ଅଭିଭାବକ ମାନେ ଯୋଗଦାନ କରି ସେମାନଙ୍କ ମତାମତ ରଖିଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଦୃଷ୍ଟିବାଧିତ ପିଲାମାନଙ୍କ ପାଇଁ ପରୀକ୍ଷାରେ ସହାୟକ ଲେଖକ / ଲେଖିକା ଯୋଗାଇବା । [illegible] ରଘୁନାଥ ମଣ୍ଡଳ, (ADPO, Khordha) ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରି କାର୍ଯ୍ୟକ୍ରମକୁ ସମାପ୍ତ କରିଥିଲେ ।

## ବାରିପଦାରେ ବିଜେଡ଼ିର ସଭ୍ୟ ସଂଗ୍ରହ ଅଭିଯାନ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବିଜେଡ଼ି ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ରାଜ୍ୟ ଛାତ୍ର ବିଜେଡ଼ି ସଭାପତି ଦେବୀ ରଞ୍ଜନ ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ବିଜୁ ଛାତ୍ର ଜନତା ଦଳ ମୟୂରଭଞ୍ଜ ତରଫରୁ ବାରିପଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ବିଜୁ ଜନତା ଦଳର ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମରେ ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ସୁନୀଲ କୁମାର ନାୟକଙ୍କ ନେତୃତ୍ୱରେ ହୋଇଥିଲା । ଏଥିରେ ଉପସ୍ଥିତ ଥିଲେ ରାଜ୍ୟ ଛାତ୍ର ବିଜେଡ଼ି ସମ୍ପାଦକ ଆଶ୍ରୀବାଦ ଦାସ, ଛାତ୍ର ସମ୍ପାଦକ ଅମିତ ମହାକୁଡ, ଛାତ୍ର ନେତା ଅଭିନନ୍ଦନ ବାରିକ, ତଥା ବିଶ୍ୱବିଦ୍ୟାଳୟ ଛାତ୍ର ନେତା ଦୀପକ କୁମାର ସାହୁ, ଦେବାଶିଷ ନାୟକ, ରମ୍ୟକ ମହାନ୍ତି, ବିଶ୍ୱରଂଜନ ଭଇ, ବିକ୍ରମ୍, ଭବାନୀ ଶଙ୍କର କବି, ଦେବାଶିଷ ମହାନ୍ତ, ବିଭାସ ରଞ୍ଜନ ଦାସ, ରାହୁଲ ଦେଓ, ମଦନ ମୋହନ ନାୟକ, ସବ୍ୟସାଚି ରାଉତ, କରନ ମୁର୍ମୁ, ସତ୍ୟମ ସୁନ୍ଦର ବେହେରା, ଏହି ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମରେ ବହୁତ ନୂତନ ଭୋଟର ଛାତ୍ରଛାତ୍ରୀ ନବୀନ ପଟ୍ଟନାୟକଙ୍କ ଭାବମୂର୍ତ୍ତି ଓ ବ୍ୟକ୍ତିତ୍ୱରେ ଅନୁପ୍ରାଣିତ ହୋଇ ଉତ୍ସାହର ସହ ବିଜୁ ଜନତା ଦଳର ସଭ୍ୟ ସଂଗ୍ରହରେ ନିଜକୁ ସାମିଲ୍ କରିଥିଲେ ।




## ନନ୍ଦପୁରରେ ମହାପ୍ରଭୁଙ୍କ ନୂତନ ରଥ ନିର୍ମାଣ ପାଇଁ ଆଲୋଚନା



**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଐତିହାସିକ ନନ୍ଦପୁର ଜଗନ୍ନାଥ ମନ୍ଦିରର ରଥଯାତ୍ରା ନିମନ୍ତେ ନୂତନ ରଥ ନିର୍ମାଣ ପ୍ରକିୟା ଆରମ୍ଭ ହୋଇଛି । ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ଶୁକ୍ରବାର ନନ୍ଦପୁର ଦେବୋତ୍ତର କମିଟି ସଭାପତି ଗୋପାଳ ବେବର୍ତ୍ତା ନେତୃତ୍ୱରେ ଏକ ପ୍ରତିନିଧି ଦଳ ରଥ କାଠ ସଂଗ୍ରହ ନିମନ୍ତେ ଦଳେଇପୁଟ ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି । ସୂଚନା ମୁତାବକ ଆସନ୍ତା ରଥ ଯାତ୍ରା ଅବସରରେ ତିନି ଠାକୁରଙ୍କ ରଥଯାତ୍ରା ବିଧି ଲାଗି ନୂତନ ରଥ ନିର୍ମାଣ ନିଷ୍ପତି ହୋଇଥିଲା । ଯାହାର କାର୍ଯ୍ୟକାରୀ ନିମନ୍ତେ ଶୁକ୍ରବାର ସେମିଳିଗୁଡା ବ୍ଲକ ପିତାଗୁଡ଼ା ପଞ୍ଚାୟତର ଦଳେଇପୁଟ ଗ୍ରାମରେ ଥିବା ଭାଲିଆ ପାହାଡ଼ର କିଛି ଶାଳବୃକ୍ଷ ରଥଯାତ୍ରା ଭଳି ଦେବନୀତି ପାଇଁ ପ୍ରଦାନ କରିବାକୁ ଗ୍ରାମବାସୀଙ୍କୁ ନନ୍ଦପୁର ଦେବୋତ୍ତର କମିଟି ତରଫରୁ ଅନୁରୋଧ କରିବାକୁ ଗ୍ରାମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଦଳେଇପୁଟ ଗ୍ରାମର ଗ୍ରାମ ନାୟକ ଶ୍ୟାମ କାଡାମ, ଚଲାଣ ମଙ୍ଗଳା ରୁଡ଼ାଇ, ଭାଲିଆ ପାହାଡ ଶିବ ମନ୍ଦିର ପୂଜାରୀ ମଙ୍ଗଳା ଚପାଡ଼ି, ଆଇତା ଚପାଡି, ଦିଶାରି ଭଗବାନ ଖରା, ଚଣ୍ଡାଳ ଚପାଡ଼ି, ବଲ ନାଥ କାଡାମ ପ୍ରମୁଖଙ୍କ ସମେତ ଅନ୍ୟ ଗ୍ରାମବାସୀଙ୍କ ସହ ନନ୍ଦପୁର ଦେବୋତ୍ତର କମିଟି ସଭାପତି ଶ୍ରୀ ବେବର୍ତ୍ତା, ସମ୍ପାଦକ ଗୋପାଳ ମାଟାମ, କୋଷାଧ୍ୟକ୍ଷ ଲୋକନାଥ ଚୌଧୁରୀ, ସଦସ୍ୟ ତୁଷାର କାନ୍ତ ମହାନ୍ତି, ଯୁଧିଷ୍ଠିର ଖରା, ବାବୁରାଓ ଖରା ପ୍ରମୁଖ ଆଲୋଚନା କରିଥିଲେ । ଗ୍ରାମବାସୀ ରଥଯାତ୍ରା ଭଳି ଦେବନୀତି ଲାଗି ଶାଳବୃକ୍ଷ ପ୍ରଦାନ କରିବାକୁ ସଦିଚ୍ଛା ପ୍ରକଟ କରିଥିଲେ ମଧ୍ୟ ଏଥିନିମନ୍ତେ ଆବଶ୍ୟକ ବିଭାଗୀୟ ଅନୁମତି ଆଣିବାକୁ ପ୍ରସ୍ତାବ ଦେଇଥିଲେ । ଯାହାକୁ ଆଗାମୀ ଦିନରେ କାର୍ଯ୍ୟକାରୀ କରାଯିବ । ଦେବୋତ୍ତର ଅଧିକାରୀ ତଥା ପଟାଙ୍ଗି ତହସିଲଦାର, ନନ୍ଦପୁର ତହସିଲଦାର, ବିଡିଓ, ସେମିଳିଗୁଡା ବନାଞ୍ଚଳ ଅଧିକାରୀ କୋରାପୁଟ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ବନଖଣ୍ଡ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ଦଳେଇପୁଟ ସମେତ ବୁରୁଡିପୁଟ, ବାହିରିପଡ଼ା, ସରବାପୁଟ ଓ ହାଡ଼ପୁଟ ଗ୍ରାମରୁ ଗଛ ଚିହ୍ନଟ କରି ରଥ କାଠ ସଂଗ୍ରହ ନିମନ୍ତେ ଆବଶ୍ୟକ ଅନୁମତି ଆଣିବା ପ୍ରକ୍ରିୟା କରାଯିବ ବୋଲି ଶ୍ରୀ ବେବର୍ତ୍ତା ସୂଚନା ଦେଇଛନ୍ତି ।

## ମହିଳାଙ୍କୁ ବ୍ଲାକ୍‌ମେଲ୍ କରି ଯୁବକ ଗିରଫ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଡିଜିଟାଲ୍ ପ୍ଲାଟ୍‌ଫର୍ମରେ ଅଶ୍ଳୀଳ ଫଟୋ ଭାଇରାଲ୍ କରିଦେବା ଭୟ ଦେଖାଇ ଜନୈକ ମହିଳାଙ୍କୁ ବ୍ଲାକ୍‌ମେଲ୍ କରିବା ଓ ତାଙ୍କ ଠାରୁ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡ଼ପ୍ କରିଥିବା ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଅଭିଯୁକ୍ତ ଯୁବକ ଜଣକ ହେଲେ ମହାଙ୍ଗା ଭଦ୍ରେଶ୍ୱର ଥାନା ଅଞ୍ଚଳର ଚିନ୍ମୟ ରାଉତ । ପୋଲିସ୍ ସୂଚନା ଅନୁଯାୟୀ ଅଭିଯୁକ୍ତ ଚିନ୍ମୟ ଡ଼ିଜିଟାଲ୍ ପ୍ଲାଟ୍‌ଫର୍ମ ମାଧ୍ୟମରେ ସମ୍ପୃକ୍ତ ମହିଳାଙ୍କ ମୋବାଇଲ୍ ନମ୍ବର ଯୋଗାଡ଼ କରି ତାଙ୍କ ସହିତ ସମ୍ପର୍କ ପ୍ରତିଷ୍ଠା କରିଥିଲେ । ପରେ ଯୁବକ ଜଣକ ମହିଳାଙ୍କର କିଛି ଆପତ୍ତିଜନକ ଫଟୋ ଯୋଗାଡ଼କରି ତାହାକୁ ସୋସିଆଲ୍ ମିଡ଼ିଆରେ ଭାଇରାଲ୍ କରିଦେବାର ଧମକ ଦେଇ ତାଙ୍କ ନିକଟରୁ ବାରମ୍ବାର ଟାଙ୍କା ଆଦାୟ କରୁଥିଲେ ଏବଂ ଅଭିଯୁକ୍ତ ଜଣକ ତାଙ୍କ ନିକଟରୁ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡ଼ପ୍ କରିଥିବା ମହିଳା ଜଣକ ଚୌଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଥିଲେ ।

## ଏମ୍‌କେସିଜିରେ ମହାପ୍ରୟାଣ ଗାଡ଼ି ସେବା ଠପ୍

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଡ଼ାକ୍ତରଖାନା ହେଉ ଅଥବା ବାସଭବନରେ କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ହେଲେ ପରିବାରର ଲୋକଙ୍କ କଷ୍ଟ ବଢ଼ିଯାଏ । ମୃତ୍ୟୁ ପରେ ମୃତକଙ୍କର ଶରୀରକୁ ସମ୍ମାନର ସହିତ ତାଙ୍କର ଅନ୍ତିମଯାତ୍ରା କରି ଅନ୍ତ୍ୟେଷ୍ଟି ବା ସଂସ୍କାର କରାଯାଇଥାଏ । ଯଦି ହସ୍‌ପିଟାଲ୍‌ରେ ହିଁ ତାହାର ମୃତ୍ୟୁ ହୋଇଯାଏ ତେବେ ଜିଲ୍ଲା ପ୍ରଶାସନ ପକ୍ଷରୁ ହସ୍‌ପିଟାଲ୍‌ରେ ଥିବା ମହାପ୍ରୟାଣ ଗାଡ଼ିରେ ଶବକୁ ସମ୍ମାନର ସହିତ ଘରେ ପହଞ୍ଚାଇବା ନିମନ୍ତେ ବ୍ୟବସ୍ଥା ରହିଛି । ତେବେ ଏମ୍‌କେସିଜି ଭଳି ସରକାରୀ ଡ଼ାକ୍ତରଖାନାରେ ମହାପ୍ରୟାଣ ଭଳି ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ଫଳରେ ମୃତବ୍ୟକ୍ତିଙ୍କ ଶବକୁ ଘରକୁ ନେବାରେ ସମସ୍ୟା ସୃଷ୍ଟି ହେବା ସାଙ୍ଗକୁ ଏଥିପାଇଁ ମୃତକଙ୍କ ପରିବାର ବର୍ଗଙ୍କୁ ଘରୋଇ ଆମ୍ବୁଲାନ୍ସ କରି ଅଯଥାରେ ଖର୍ଚ୍ଚାନ୍ତ ହେବାକୁ ପଡୁଛି । ମେଡ଼ିକାଲ୍‌ରେ ମହାପ୍ରୟାଣ ସେବା ଠପ ହୋଇଯାଇଥିବାର ଫାଇଦା ନେବା ସହ ଲୋକଙ୍କୁ ଅସମୟରେ ଶୋଷଣ କରିବାକୁ ପଛାଉ ନାହାନ୍ତି ଘରୋଇ ଆମ୍ବୁଲାନ୍ସ ମାଲିକମାନେ । ଗୋଟିଏ ପକ୍ଷରେ ନିଜ ପରିବାର ସଦସ୍ୟଙ୍କୁ ହରାଇବା କଷ୍ଟ ସାଙ୍ଗକୁ ମୃତକଙ୍କ ମରଶରୀରକୁ ଘରକୁ ନେବା ପାଇଁ ମାତ୍ରାଧିକ ଖର୍ଚ୍ଚାନ୍ତ । ଏମ୍‌କେସିଜି ମେଡ଼ିକାଲ୍‌ରେ ପୂର୍ବରୁ ୩ଟି ମହାପ୍ରୟାଣ ଗାଡ଼ିରହିଥିବା ବେଳେ ନିକଟରେ ଆଇଆରଇଏଲ୍ ଓ ଟାଟାଷ୍ଟିଲ୍ ପକ୍ଷରୁ



ଗୋଟିଏ ଲେଖାଏଁ ମହାପ୍ରୟାଣ ଗାଡ଼ି ମେଡ଼ିକାଲ୍‌କୁ ପ୍ରଦାନ କରାଯାଇଛି । ଫଳରେ ଏମ୍‌କେସିଜି ମେଡ଼ିକାଲ୍‌ର ମହାପ୍ରୟାଣ ଗାଡ଼ି ସଂଖ୍ୟା ୫ କୁ ବୃଦ୍ଧି ପାଇଥିଲା । ଏବଂ ମରଶରୀର ପରିବହନରେ ଲୋକଙ୍କୁ ଉତ୍ତମ ସେବା ମିଳିପାରିବ ବୋଲି ଆଶା କରାଯାଉଥିଲା । ହେଲେ ମାତ୍ର କିଛି ଦିନ ମଧ୍ୟରେ ଏମ୍‌କେସିଜି ମେଡ଼ିକାଲ୍‌ରେ ମହାପ୍ରୟାଣ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ୫ଟି ମହାପ୍ରୟାଣ ଗାଡ଼ି ମଧ୍ୟରୁ ୨ଟି ନୂତନ ଗାଡ଼ିର ନଥିପତ୍ର ପ୍ରସ୍ତୁତି ପ୍ରକ୍ରିୟା ଜାରି ରହିଥିବା ବେଳେ ଅନ୍ୟ ୩ଟି ଗାଡ଼ି ମଧ୍ୟରୁ ଗୋଟିଏ କୌଣସି କାରଣରୁ ଦୀର୍ଘ ଏକ ବର୍ଷ ଧରି ସେବାରେ ଲାଗୁନାହିଁ । ଫଳରେ ମେଡ଼ିକାଲ୍‌ରେ ଯେଉଁ ୨ଟି ମହାପ୍ରୟାଣ ଗାଡ଼ିରେ ସେବାରେ ନିୟୋଜିତ ଥିଲା ଉକ୍ତ ୨ଟି ମହାପ୍ରୟାଣ ଗାଡ଼ି ଗତ କିଛି ଦିନ ହେଲା ଖରାପ ହୋଇଯାଇଛି । ଫଳରେ ଡ଼ାକ୍ତରଖାନାରେ ମହାପ୍ରୟାଣ ସେବା ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଯାଇଛି । ମହାପ୍ରୟାଣ ସେବା ବନ୍ଦ ଯୋଗୁଁ ଦୂରଦୂରାନ୍ତରୁ ଆସୁଥିବା ଲୋକଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ଗଜପତି ଜିଲ୍ଲା ମୋହନା ଅଞ୍ଚଳର ଜଣେ ୧୪ ବର୍ଷର ଝିଅଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ଝିଅଙ୍କ ମୃତଦେହକୁ ଘରକୁ ନେବା ପାଇଁ ମହାପ୍ରୟାଣ ଗାଡ଼ି ନିମନ୍ତେ ଯୋଗାଯୋଗ କରିଥିଲେ ହେଁ ଗାଡ଼ି ଖରାପ ଥିବା ନେଇ ତାଙ୍କୁ କୁହାଯାଇଥିଲା । ମହାପ୍ରୟାଣ ଗାଡ଼ି ନ ମିଳିବାରୁ ଶେଷରେ ପରିବାର ଲୋକେ ବାଧ୍ୟ ହୋଇ ଅଧିକ ଟଙ୍କା ଦେଇ ଘରୋଇ ଆମ୍ବୁଲାନ୍ସରେ ଝିଅର ଶବକୁ ଘରକୁ ନେଇଥିଲେ । ପ୍ରତିଦିନ ଏଭଳି ବହୁ ଲୋକ ମହାପ୍ରୟାଣ ଗାଡ଼ି ନପାଇ ହନ୍ତସନ୍ତ ହେଉଛନ୍ତି । ଏନେଇ ଏମ୍‌କେସିଜି ମେଡ଼ିକାଲ୍ ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି ଖରାପ ହୋଇଥିବା ୨ଟି ମହାପ୍ରୟାଣ ଗାଡ଼ିର ମରାମତି ବ୍ୟବସ୍ଥା କରାଯାଉଛି । ଅନ୍ୟ ଏକ ମହାପ୍ରୟାଣ ଗାଡ଼ିକୁ ଶବ ପରିବହନ କ୍ଷେତ୍ରରେ ବ୍ୟବହାର କରାଯିବ ବୋଲି ସେ କହିଛନ୍ତି ।

## ବଡ଼ଦିନ ପାଇଁ କନ୍ଧମାଳରେ ବ୍ୟାପକ ପ୍ରସ୍ତୁତି:ଟ୍ରାଫିକ୍ ବ୍ୟବସ୍ଥା ସୁଧାରିବାକୁ ପ୍ରଶାସନକୁ ଅନୁରୋଧ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଆଉ କେଇଟା ଦିନ ପରେ ବଡଦିନ ଆସୁଛି । ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନ ପାଳନ ପାଇଁ ସମଗ୍ର କନ୍ଧମାଳ ଏବେଠାରୁ ଚଳଚଞ୍ଚଳ ହୋଇଉଠିଲାଣି । ଖ୍ରୀଷ୍ଟଧର୍ମାଲମ୍ବୀ ମାନେ ଏହି ପର୍ବ ପାଳନ ପାଇଁ ଏବେଠାରୁ ନିଜ ଘରକୁ ସଜ୍ଜିତ କରିବା ସହ ନୂଆ ପୋଷାକ କିଣିବା, ପିଠାପଣା ପାଇଁ ରାସନ ସାମଗ୍ରୀ ସଂଗ୍ରହ ଆଦି କରିବା ଆରମ୍ଭ ହେଲାଣି । ତେବେ ସାମ୍ପ୍ରଦାୟିକ ଶାନ୍ତି ସଦ୍‌ଭାବନାରେ ଏହି ପର୍ବ କିଭଳି ପାଳନ କରାଯାଇପାରିବ ସେନେଇ ସ୍ଥାନୀୟ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ପ୍ରତି ବ୍ଲକ ସ୍ତରୀୟ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି । ଏ ନେଇ ଦାରିଙ୍ଗବାଡି ବ୍ଲକ କାର୍ଯ୍ୟାଳୟ ପରିସର ସଭାଗୃହରେ ତହସିଲଦାର ଶରତ ଶବରଙ୍କ ଅଧ୍ୟକ୍ଷତାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବାଲିଗୁଡା ଏସ୍‌ଡିପିଓ କମଳ କୁମାର ପଣ୍ଡା, ବିଡ଼ିଓ ପ୍ରୀତିରଞ୍ଜନ ରଥ, ଆଇଆଇସି ଅଶୋକ କୁମାର ହାଁସଦା ପ୍ରମୁଖ ମଞ୍ଚାସିନ ରହିଥିବା ବେଳେ ବିଭିନ୍ନ ସମ୍ପ୍ରଦାୟ, ବଣିକ ସଂଘ, ହୋଟେଲ୍ ସଂଘ, ଚର୍ଚ୍ଚର ପାଳକ, ପ୍ରୀଷ୍ଟମାନେ ଯୋଗ ଦେଇଥିଲେ । ଦାରିଙ୍ଗବାଡି



ଅଞ୍ଚଳରେ ବଡ଼ ଧୂମ୍‌ଧାମ୍‌ରେ ଏହି ପର୍ବ ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବାକୁ ବୈଠକରେ ଆଲୋଚନା କରାଯାଇଥିଲା । ପାଳକ ସୁନୀଲ କୁମାର ପ୍ରଧାନ, ସରପଞ୍ଚ ଚନ୍ଦ୍ରିକା ମଲିକ, ବଣିକ ସଂଘ ସଭାପତି ଲଡ୍ଡୁ କିଶୋର ସାହୁ, ଚର୍ଚ୍ଚ ଫାଦର ମୁକୁନ୍ଦ ବଳିୟାର ସିଂ ପ୍ରମୁଖ ଯୋଗଦେଇ ଏହି ପର୍ବ ପାଳନ ସମ୍ପର୍କରେ ମତ ପ୍ରକାଶ କରିଥିଲେ । ସେହିପରି ଅଞ୍ଚଳରେ ଟ୍ରାଫିକ୍ ସମସ୍ୟା ବୃଦ୍ଧି ପାଉଥିବା ବେଳେ ଦୁର୍ଘଟଣା ବୃଦ୍ଧି ପାଇଛି । ସେହିପରି ମଦ୍ୟପଙ୍କ ଦ୍ରୁତଗତି ଗାଡିଚଳନା ଓ ବାଇକ୍ ଚାଳକଙ୍କ ଅମାନିଆ ଗାଡି ଚଳନାକୁ ରୋକିବାକୁ ସ୍ଥାନୀୟ ଲୋକ ପୋଲିସକୁ ନିବେଦନ କରିଥିଲେ । ବଡଦିନ ପର୍ବ ଶାନ୍ତି ଶୃଙ୍ଖଳାରେ ପାଳନ ପାଇଁ ମଧ୍ୟ ଗାଡି ଦୁର୍ଘଟଣାକୁ ରୋକିବାକୁ ପଦକ୍ଷେପ ନେବାକୁ ଗୁରୁତ୍ୱ ପାଇଁ ବୈଠକରେ କଥା ଉଠିଥିଲା । ଏହାକୁ ବାଲିଗୁଡା ଏସ୍‌ଡିପିଓ ଏବଂ ଆଇଆଇସି ଗୁରୁତର ସହ ନେଇଛନ୍ତି ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପସ୍ଥିତ ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ।

## ଏଫ୍‌ଏମ୍‌ୟୁରେ ଚତୁର୍ଥ କିର୍ତ୍ତୀଧାରା ରବି ନାରାୟଣ ସ୍ମାରକୀ ବକ୍ତୃତା

**ବାଲେଶ୍ୱର, ନ୍ୟୁଜ୍**

ଓଡ଼ିଶାର ପୂର୍ବତନ ବିଶିଷ୍ଟ ପ୍ରଶାସନିକ ଅଧିକାରୀ ତଥା ବାଲେଶ୍ୱର ଜିଲ୍ଲାର ଜନପ୍ରିୟ ବ୍ୟକ୍ତିତ୍ୱ ସ୍ୱର୍ଗତ ରବି ନାରାୟଣ ଦାସ ଓ ତାଙ୍କ ଦିବଂଗତ ପତ୍ନୀଙ୍କ ସ୍ମୃତିରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଦ୍ୱାରା ଚତୁର୍ଥ ରବିନାରାୟଣ କିର୍ତ୍ତୀଧାରା ସ୍ମାରକୀ ବକ୍ତୃତା ଆୟୋଜିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ ଏକ ପ୍ରଧାପନା ଓ ସ୍ମୃତିଚାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟବକ୍ତା ଭାବେ ଦିଲ୍ଲୀ ସ୍ଥିତ ଜେ.ଏନ.ୟୁ, ଏସ୍.ଆଇ.ଏସ୍‌ର ଡିନ୍ ପ୍ରଫେସର ଶ୍ରୀକାନ୍ତ କୋନ୍ଦାପଲ୍ଲୀ ଯୋଗଦେଇ ଏହି କାର୍ଯ୍ୟକ୍ରମ ମୁଖ୍ୟ ପ୍ରସଙ୍ଗ ଚୀନ୍‌ର ଆଣବିକ ବିକାଶ ସଂପର୍କରେ ବିବିଧ ତଥ୍ୟ ପ୍ରଦାନ ସହ ରବି ନାରାୟଣଙ୍କ ଜୀବନୀ ବିଷୟରେ ଆଲୋକପାତ କରିଥିଲେ । ଏଥିସହିତ ସେ ଚୀନ୍ ସହ ଭାରତର ସଂପର୍କ, ଆଣବିକ ଶକ୍ତିର ସଦୁପଯୋଗ ଓ ଦୂରୁପଯୋଗ ସମ୍ବନ୍ଧରେ ଆଲୋଚନା କରିଥିଲେ । ବର୍ତ୍ତମାନ ସମୟରେ ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଶିକ୍ଷଣର ଆବଶ୍ୟକତା ତଥା ପ୍ରୟୋଗାତ୍ମକ ଜ୍ଞାନକୌଶଳର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ କୁଳପତି ପ୍ରଫେସର ତ୍ରିପାଠୀ ଉଦ୍‌ବୋଧନ ପ୍ରଦାନ କରି ରବି ନାରାୟଣଙ୍କୁ ବାଲେଶ୍ୱର ମାଟିର ସୁଯୋଗ୍ୟ ସନ୍ତାନ କହି ଗର୍ବୀତ ହେବା ସହ ଓଡ଼ିଶାର ବିକାଶମୂଳକ ମାର୍ଗରେ ତାଙ୍କ ଯୋଗଦାନକୁ ଉପସ୍ଥାପନା କରିଥିଲେ । ଏଥିସହ ଉଦ୍ୟୋଗ, ସାହିତ୍ୟ ତଥା ବିଜ୍ଞାନଗତ ପ୍ରସଙ୍ଗକୁ ନେଇ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମର ସଂଯୋଜକଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଅନ୍ୟାନ୍ୟ ଆମନ୍ତ୍ରିତ ଅତିଥିମାନଙ୍କ ମଧ୍ୟରେ ଡ଼କ୍ଟର ରୂପ ନାରାୟଣ ଦାସ, ସଭା ଆୟୋଜନର ଉଦ୍ଦେଶ୍ୟ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ରବି ନାରାୟଣଙ୍କ ଜୀବନୀର ଏକ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା । ଏହି ସଭାକୁ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡ଼କ୍ଟର ଦେବାଶିଷ ପାତ୍ର ସଂଯୋଜନା ଓ ସଂଚାଳନା କରିଥିଲେ । ସାମାଜିକ ବିଜ୍ଞାନ ବିଭାଗ ମୁଖ୍ୟ ଡ଼କ୍ଟର ପବିତ୍ର ମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# କେଏଲ୍ ରାହୁଲଙ୍କ ପରେ ଆହତ ହେଲେ ରୋହିତ ଶର୍ମା



**ସିଡ୍‌ନୀ**

ଅଷ୍ଟ୍ରେଲିଆ ବିପକ୍ଷ ବକ୍ସିଂ ଡେ ଟେଷ୍ଟ ପୂର୍ବରୁ ଭାରତୀୟ ଅଧିନାୟକ ରୋହିତ ଶର୍ମା ଆହତ ହୋଇଛନ୍ତି। ରବିବାର ଅଭ୍ୟାସ ସମୟରେ ରୋହିତଙ୍କ ଆଣ୍ଠୁରେ ଆଘାତ ଲାଗିଛି। ରୋହିତ ଥ୍ରୋ ଡାଉନ ସ୍ପେଶାଲିଷ୍ଟଙ୍କ ସହିତ ଅଭ୍ୟାସ କରୁଥିଲେ, ଯେତେବେଳେ ବଲ ତାଙ୍କ ପ୍ୟାଡ୍ ଛୁଇଁ ଆଣ୍ଠୁକୁ ଆଘାତ କରିଥିଲା। ବର୍ଡର-ଗାଭାସ୍କର ଟ୍ରଫିର ଚତୁର୍ଥ ମ୍ୟାଚ୍ ଡିସେମ୍ବର ୨୬ରୁ ମେଲବୋର୍ଣ୍ଣରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବ ଏବଂ ରୋହିତଙ୍କ ଆଘାତର ଚାରି ଦିନ ପୂର୍ବରୁ ଏହା ଭାରତ ପାଇଁ ଖୁସି ଖବର ନୁହେଁ।

ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ବର୍ତ୍ତମାନ ୧-୧ରେ ବରାବର ହୋଇଛି। ଆଗାମୀ ଟେଷ୍ଟ ମ୍ୟାଚ ଜିତିବା ଏବଂ ସିରିଜରେ ଅଗ୍ରଣୀ ହାସଲ କରିବାକୁ ଭାରତୀୟ ଦଳ ଆଖି ଆଗରେ ରହିବ। ରୋହିତଙ୍କ ପୂର୍ବରୁ ଭାରତୀୟ ଦଳର ବ୍ୟାଟ୍ସମ୍ୟାନ କେ.ଏଲ ରାହୁଲ ମଧ୍ୟ ଅଭ୍ୟାସ ସମୟରେ ଆହତ ହୋଇଥିଲେ। ସୋସିଆଲ ମିଡିଆରେ ରୋହିତଙ୍କ ଫଟୋ ଭାଇରାଲ ହେଉଛି ଯେଉଁଥିରେ ସେ ଆଣ୍ଠୁରେ ବରଫ ପ୍ୟାକ୍ ଲଗାଉଥିବାର ନଜର ଆସିଛନ୍ତି। ରୋହିତ ଏହି ସିରିଜରେ ଫର୍ମ ଫେରି ପାଇବା ପାଇଁ ସଂଘର୍ଷ କରୁଛନ୍ତି। ରୋହିତଙ୍କ ଆଘାତ କେତେ ଗମ୍ଭୀର ତାହା ଏପର୍ଯ୍ୟନ୍ତ ଜଣା ପଡ଼ିନାହିଁ, କିନ୍ତୁ ଅଭ୍ୟାସ ସମୟରେ ତାଙ୍କୁ ଯନ୍ତ୍ରଣା ଅନୁଭବ କରୁଥିବା ଦେଖାଯାଇଥିଲା। ଏଥି ସହ ରାହୁଲଙ୍କ ଆଘାତ ସମ୍ପର୍କରେ କୌଣସି ସ୍ପଷ୍ଟତା ନାହିଁ ଏବଂ ସେ କାହିଁକି ଡାକ୍ତରୀ ସାହାଯ୍ୟ ଲୋଡ଼ିଛନ୍ତି ସେନେଇ ଟିମ୍ ମ୍ୟାନେଜମେଣ୍ଟ ମଧ୍ୟ କୌଣସି ବିବୃତ୍ତି ଦେଇନାହାନ୍ତି।

## ଅଣ୍ଡର ୧୯ ମହିଳା ଏସିଆ କପ୍

# ବାଂଲାଦେଶକୁ ୪୧ ରନରେ ହରାଇ ଭାରତ ଚାମ୍ପିଅନ

**କ୍ୱାଲାଲମପୁର**

ପ୍ରଥମଥର ପାଇଁ ଅଣ୍ଡର ୧୯ ମହିଳା ଟି-୨୦ ଏସିଆ କପ୍ ଖେଳାଯାଉଥିବା ବେଳେ ଭାରତ ନୂଆ ବିଜେତା ହୋଇଛି। ଫାଇନାଲରେ ଭାରତୀୟ ମହିଳା କ୍ରିକେଟ ଟିମ୍ ବାଂଲାଦେଶକୁ ୪୧ରେ ପରାସ୍ତ କରିଦେଇଛି। କିଛି ଦିନ ତଳେ ପୁରୁଷ ଅଣ୍ଡର ୧୯ ଏସିଆ କପ ଫାଇନାଲରେ ବାଂଲାଦେଶ ଚମତ୍କାର ଢଙ୍ଗରେ ଭାରତକୁ ହରାଇ ଦେଇଥିଲେ। ହେଲେ ଅଣ୍ଡର ୧୯ ଭାରତୀୟ ମହିଳା ଦଳ ଚାମ୍ପିୟନ ହୋଇ ନୂଆ ଇତିହାସ ସୃଷ୍ଟି କରିଛନ୍ତି। ଫାଇନାଲରେ ଭାରତ ପକ୍ଷରୁ ଓପନର ଗୋଙ୍ଗାଡ଼ି ତ୍ରିଶା ୪୭ ବଲରେ ୫୨ ରନର ଇନିଂସ ଖେଳି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଏଥିପାଇଁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ମଧ୍ୟ ମିଳିଛି।

କ୍ୱାଲାଲମପୁରରେ ଖେଳାଯାଉଥିବା ଅଣ୍ଡର ୧୯ ଏସିଆ କପ ଫାଇନାଲରେ ଟସ୍ ହାରି ପ୍ରଥମ




ବ୍ୟାଟିଂ କରୁଥିବା ଭାରତ ପାଇଁ ତ୍ରିଶା ୫୨ ରନର ଇନିଂସ ଖେଳିଥିବା ବେଳେ ଅନ୍ୟ କେହି ବି ବଡ଼ ସ୍କୋର କରିପାରି ନଥିଲେ। ଅଧିନାୟକ ନିକି ପ୍ରସାଦ ୧୨, ମିତାଲୀ ବିନୋଦ ୧୭ ଓ ଶେଷ ଭାଗରେ ଆୟୁଶି ଶୁକ୍ଳା ୧୦ ରନ କରିବାରୁ ଭାରତୀୟ ଟିମ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୧୭ ରନ କରିଥିଲା।

ବାଂଲାଦେଶ ପକ୍ଷରୁ ଫରଜାନା ଇସମିନ ସର୍ବାଧିକ ୪ଟି ୱିକେଟ ନେଇଥିବା ବେଳେ ନିଶିତା ଅକତର ନିଶି ଦୁଇଟି ଓ ହବିବା ଇସଲାମ ଗୋଟିଏ ସଫଳତା ପାଇଥିଲେ।

୧୧୮ ରନର ଟାର୍ଗେଟ ପାଇଥିବା ବାଂଲାଦେଶ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନର ଫାହୋମିଦା ଛୋୟା ୧୮ ଜୁରିୟା ଫିରୋଦଶ ୨୨ ରନକୁ ଛାଡ଼ି ଦେଲେ ବାଂଲାଦେଶର ଆଉ କୌଣସି ବ୍ୟାଟର ଦୁଇ ଅଙ୍କ ଛୁଇଁବାକୁ ସକ୍ଷମ ହୋଇ ନଥିଲେ। ଶେଷରେ ବାଂଲାଦେଶ ୧୮.୩ ଓଭରରେ ୭୬ ରନ କରି ଅଲଆଉଟ ହୋଇଯାଇଥିଲା। ଭାରତ ୪୧ ରନରେ ମ୍ୟାଚ୍‌କୁ ଜିତି ଅଣ୍ଡର ୧୯ ମହିଳା ଟି-୨୦ର ନୂଆ ବିଜେତା ହୋଇଛି।

ଭାରତ ପକ୍ଷରୁ ଆୟୁଶି ଶୁକ୍ଳା ସର୍ବାଧିକ ୩ଟି ୱିକେଟ ନେଇଥିବା ବେଳେ ପରୁନିକା ସିସୋଦିଆ ଓ ସୋନମ ଯାଦବ ୨ଟି ଲେଖାଏଁ ସଫଳତା ପାଇଛନ୍ତି। ବାଂଲାଦେଶର ନିଶିତା(୧) ରନ ଆଉଟ ହୋଇଥିବା ବେଳେ ଭିଜେ ଜୋଶିତା ଗୋଟିଏ ୱିକେଟ ନେଇଛନ୍ତି।

# ଚାମ୍ପିୟନ୍ସ ଟ୍ରଫି ଓ ଭାରତ ବିପକ୍ଷ ସିରିଜ୍ ପାଇଁ ଦଳ ଘୋଷଣା କଲା ଇଂଲଣ୍ଡ




**ନୂଆଦିଲ୍ଲୀ**

ଆସନ୍ତାବର୍ଷ ଫେବୃଆରୀରେ ହେବାକୁ ଥିବା ଆଇସିସି ଚାମ୍ପିୟନ୍ସ ଟ୍ରଫି ୨୦୨୫ ଓ ଜାନୁଆରୀରେ ହେବାକୁ ଥିବା ଭାରତ ବିପକ୍ଷ ସିରିଜ ପାଇଁ ସ୍କ୍ୱାଡ୍ ଘୋଷଣା କରିଛି ଇଂଲଣ୍ଡ। ୨୦୨୩ ଦିନିକିଆ ବିଶ୍ୱକପ ପରେ ଷ୍ଟାର ବ୍ୟାଟର ଜୋ ରୁଟ୍ ଇଂଲଣ୍ଡର ଦିନିକିଆ ସ୍କ୍ୱାଡ୍‌କୁ ଫେରିଛନ୍ତି। ତେବେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଆହତ ହୋଇଥିବା ଅଲରାଉଣ୍ଡର ବେନ ଷ୍ଟୋକ୍ସ ୧୫ ଜଣିଆ ସ୍କ୍ୱାଡ୍‌ରୁ ବାଦ୍ ପଡ଼ିଛନ୍ତି। ୨୦୨୩ ଦିନିକିଆ ବିଶ୍ୱକପ ବେଳେ ଷ୍ଟୋକ୍ସ ଅବସରରୁ ଫେରିଥିଲେ। ହେଲେ ଏବେ ଆହତ ସମସ୍ୟା ଯୋଗୁ ଦିନିକିଆ ସ୍କ୍ୱାଡ୍‌ରୁ ବାଦ ପଡ଼ିଛନ୍ତି। ଇସିବିର ଘୋଷଣା ଅନୁଯାୟୀ, ଜୋଶ ବଟଲର ଉଭୟ ଦିନିକିଆ ଓ ଟି-୨୦ରେ ଇଂଲଣ୍ଡ ଟିମ୍‌ର କମାଣ ସମ୍ଭାଳିବେ। ସ୍କ୍ୱାଡରେ ଥିବା ୧୫ ଜଣ ଖେଳାଳି ଜାନୁଆରୀ ୧୭ରେ ଭାରତ ଅଭିମୁଖେ ଯାତ୍ରା କରିବେ। ଏଠାରେ ଭାରତ ବିପକ୍ଷରେ ଜାନୁଆରୀ ୨୨ରୁ ଆରମ୍ଭ ହେଉଥିବା ୫ ଟିକିଆ ଟି-୨୦ ସିରିଜ ଖେଳିବେ। ଏହାପରେ ଫେବୃଆରୀ ୬ରୁ ଭାରତ ବିପକ୍ଷ ୩ଟିକିଆ ଦିନିକିଆ ସିରିଜ ମଧ୍ୟ ଇଂଲଣ୍ଡ। ଭାରତ ବିପକ୍ଷ ସିରିଜ୍ ପରେ ଇଂଲଣ୍ଡ ଟିମ୍ ଚାମ୍ପିୟନ୍ସ ଟ୍ରଫି ପାଇଁ ପାକିସ୍ତାନ ଗସ୍ତ କରିବ। ଅବଶ୍ୟ ଆଇସିସି ପକ୍ଷରୁ ଚାମ୍ପିୟନ୍ସ ଟ୍ରଫିର ମ୍ୟାଚ୍ ସୂଚୀ ଜାରି କରାଯାଇ ନାହିଁ। କିନ୍ତୁ ଫେବୃଆରୀ ଶେଷ ସପ୍ତାହରୁ ହାଇବ୍ରିଡ୍ ମଡେଲରେ ଏହି ଟୁର୍ଣ୍ଣାମେଣ୍ଟ ପାକିସ୍ତାନରେ ଆରମ୍ଭ ହେବ। ଭାରତ ତା'ର ମ୍ୟାଚ୍‌ଗୁଡ଼ିକ ପାକିସ୍ତାନ ବଦଳରେ ଦୁବାଇରେ ଖେଳିବ ବୋଲି ଜଣାପଡ଼ିଛି।

ଚାମ୍ପିୟନ୍ସ ଟ୍ରଫି ଓ ଭାରତ ବିପକ୍ଷ ଦିନିକିଆ ସିରିଜ ପାଇଁ ଇଂଲଣ୍ଡ ଦଳ : ଜୋଶ ବଟଲର(ଅଧିନାୟକ), ଜୋଫ୍ରା ଆର୍ଚର, ଗସ ଅଟକିନସନ, ଜ୍ୟାକବ ବେଥେଲ, ହ୍ୟାରୀ ବ୍ରୁକ୍, ବ୍ରାୟଡ଼ନ କ୍ରାସେ, ବେନ ଡକେଟ, ଜାମି ଓଭରଟନ, ଜାମି ସ୍ମିଥ, ଲିଆମ ଲିଭିଂଷ୍ଟୋନ, ଆଦିଲ ରାଶିଦ, ଜୋ ରୁଟ୍, ସାକିବ ମହମୁଦ, ଫିଲ ସଲ୍ଟ ଓ ମାର୍କ ଉଡ।

ଭାରତ ବିପକ୍ଷ ଟି-୨୦ ସିରିଜ ପାଇଁ ଇଂଲଣ୍ଡ ଦଳ : ଜୋଶ ବଟଲର(ଅଧିନାୟକ), ରେହାନ ଅହମଦ, ଜୋଫ୍ରା ଆର୍ଚର, ଗସ ଅଟକିନସନ, ଜ୍ୟାକବ ବେଥେଲ, ହ୍ୟାରୀ ବ୍ରୁକ, ବ୍ରାୟଡନ କ୍ରାସେ, ବେନ ଡକେଟ, ଜାମି ଓଭରଟନ, ଜାମି ସ୍ମିଥ, ଲିଆମ ଲିଭିଂଷ୍ଟୋନ, ଆଦିଲ ରାଶିଦ, ସାକିବ ମହମୁଦ, ଫିଲ ସଲ୍ଟ ଓ ମାର୍କ ଉଡ୍।

# ଅଶ୍ୱିନଙ୍କୁ ଚିଠି ଲେଖିଲେ ମୋଦି, କହିଲେ- ଆପଣଙ୍କ କ୍ୟାରମ୍ ବଲ୍ ସମସ୍ତଙ୍କୁ ବୋଲ୍ଡ କରିଦେଲା

**ନୂଆଦିଲ୍ଲୀ**

ନିକଟରେ ଅନ୍ତର୍ଜାତୀୟ କ୍ରିକେଟରୁ ଅପ୍ରତ୍ୟାଶିତ ଢଙ୍ଗରେ ଅବସର ଘୋଷଣା କରିଥିବା କିମ୍ବଦନ୍ତୀ କ୍ରିକେଟର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଭାବବିହ୍ୱଳ ଚିଠି ଲେଖିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଅଶ୍ୱିନଙ୍କୁ ୧୪ ବର୍ଷର ଅନ୍ତର୍ଜାତୀୟ କ୍ରିକେଟ୍ କ୍ୟାରିୟର ପାଇଁ ସେ ଅଭିନନ୍ଦନ ବି ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲେଖିଥିବା ଚିଠିରେ ଅଶ୍ୱିନଙ୍କୁ ପ୍ରଶଂସା କରିଛନ୍ତି। ଅଶ୍ୱିନଙ୍କ ଅଫ୍ ସ୍ପିନରେ ଥିବା ଜଲୱା ଓ ବିପକ୍ଷ ବ୍ୟାଟରଙ୍କୁ ଘାଇଲା କରିବାର କ୍ଷମତା ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିଛନ୍ତି।

ସେ କହିଛନ୍ତି, "ଅନ୍ତର୍ଜାତୀୟ କ୍ରିକେଟରୁ ଆପଣଙ୍କ ଅବସର ଘୋଷଣା ଭାରତ ତଥା ବିଶ୍ୱର ପ୍ରଶଂସକଙ୍କୁ ଚକିତ କରିଛି। ଏକ ସମୟରେ ଯେତେବେଳେ ସମସ୍ତେ ଆପଣଙ୍କ ଠାରୁ ଅଧିକ ଅଫ୍ ବ୍ରେକ୍ ଆଶା କରୁଥିଲେ ସେତେବେଳେ ଆପଣ ଗୋଟିଏ କ୍ୟାରମ୍ ବଲ୍ ପକାଇ ସମସ୍ତଙ୍କୁ କ୍ଲିନବୋଲ୍ଡ କରି



ଦେଇଛନ୍ତି। ଆପଣଙ୍କ ଅବସରରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି। ତଥାପି ସମସ୍ତେ ବୁଝିଛନ୍ତି ଯେ ଏହା ମଧ୍ୟ ଆପଣଙ୍କ ପାଇଁ ଏକ କଷ୍ଟଦାୟକ ନିଷ୍ପତ୍ତି ଥିଲା, ବିଶେଷ କରି ଯେତେବେଳେ ଆପଣ ଭାରତ ପାଇଁ ଖେଳିବା ବେଳେ ଗୋଟିଏ ଅତୁଳନୀୟ କ୍ୟାରିୟର କରିଥିଲେ।"

ମୋଦି ଆହୁରି ଲେଖିଛନ୍ତି ଯେ "ନିଜର ସୁନ୍ଦର କ୍ୟାରିୟର ପାଇଁ ଦୟା କରି ମୋର ହାର୍ଦ୍ଦିକ ଶୁଭେଚ୍ଛା ଗ୍ରହଣ କରନ୍ତୁ। ଏହି କ୍ୟାରିୟର ପ୍ରତିଭା, କଠିନ ପରିଶ୍ରମ ଓ ସବୁ ପରିସ୍ଥିତିରେ ଟିମ୍‌କୁ ଉପରେ ରଖିବା ଭଳି ପଦକ୍ଷେପରେ ଭରି ରହିଛି। ଏବେ ଆପଣ ଅନ୍ତର୍ଜାତୀୟ କ୍ୟାରିୟରକୁ ଅଲ୍‌ବିଦା କହି ସାରିଛନ୍ତି। ତେଣୁ ଆମେ ଜର୍ସି ନମ୍ବର ୯୯କୁ ବହୁତ ମିସ୍ କରିବୁ। ଆପଣ ବୋଲିଂ କରିବାକୁ ଆସିବା ବେଳେ କ୍ରିକେଟ ପ୍ରେମୀ କରୁଥିବା ଅନୁଭବକୁ ମଧ୍ୟ ମିସ୍ କରିବେ।

ଆପଣ ଅନ୍ତର୍ଜାତୀୟ କ୍ରିକେଟରେ ନେଇଥିବା ସମସ୍ତ ୭୬୫ ୱିକେଟ ସ୍ୱତନ୍ତ୍ର। ଆପଣ ଟେଷ୍ଟ ମ୍ୟାଚ୍‌ରେ ସର୍ବାଧିକ ଥର ମ୍ୟାନ ଅଫ ଦି ସିରିଜ୍ ପୁରସ୍କାର ପାଇବାର ରେକର୍ଡ କରିଛନ୍ତି। ଏଥିରୁ ବିଗତ ବର୍ଷ ଗୁଡ଼ିକରେ ଟେଷ୍ଟ କ୍ରିକେଟରେ ଦଳର ସଫଳତାରେ ଆପଣଙ୍କ ଯୋଗଦାନକୁ ପ୍ରଦର୍ଶିତ କରୁଛି।

ଉଭୟ ପଡ଼ିଆ ଭିତରେ ଓ ବାହାରେ କ୍ରିକେଟର ଆମ୍ବାସାଡ଼ାର ଭାବେ ଆପଣ ଦେଶ ଓ ଆପଣଙ୍କ ପରିବାରକୁ ଗର୍ବିତ କରିଛନ୍ତି। ଏହି ଅବସରରେ ମୁଁ ଆପଣଙ୍କ ବାପା ମା', ପତ୍ନୀ ପ୍ରୀତି ଓ ଦୁଇ ଝିଅଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଉଛି। ସେମାନଙ୍କ ବଳିଦାନ ଓ ସମର୍ଥନ ଯୋଗୁ ଆପଣ ନିଶ୍ଚିତ ଭାବେ କ୍ରିକେଟର ଭାବେ ଆଗକୁ ଯାଇଛନ୍ତି ବୋଲି ମୁଁ ନିଶ୍ଚିତ। ମୋର ଆଶା ଏବେ ଆପଣ ସେମାନଙ୍କ ସହ ଅଧିକ ସମୟ ବିତାଇବେ।

ପ୍ରତିକୂଳ ମୁହୂର୍ତ୍ତରେ ଆପଣଙ୍କ ନିଷ୍ଠା ଓ ପ୍ରତିବଦ୍ଧତା ସମସ୍ତେ ଦେଖିଛନ୍ତି। ଆପଣଙ୍କ ମା' ହସ୍ପିଟାଲରେ ରହିଥିବା ବେଳେ ଆପଣ କେମିତି ଉଡ଼ାଣ ଭରି ଦଳର ସହାୟତା କରିବାକୁ ଆସିଥିଲେ, ସେକଥା ଆମ ସମସ୍ତଙ୍କର ମନେ ରହିଛି। ସେହିପରି ଚେନ୍ନାଇ ବନ୍ୟା ବେଳେ ଆପଣ ପରିବାର ଲୋକଙ୍କ ସହ ଯୋଗାଯୋଗ କରିପାରୁ ନଥିଲେ। ତଥାପି ଭାରତ ପାଇଁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିଥିଲେ। ଏକଥା କେହି କେବେ ଭୁଲିବେ ନାହିଁ।"

# ପାଟଖଣ୍ଡା ପବ୍ଲିକ ସ୍କୁଲର ୨୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସ୍ଥିତ ପାଟଖଣ୍ଡା ପବ୍ଲିକ ସ୍କୁଲର ୨୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଦୁଇଦିନ ଧରି ବିଦ୍ୟାଳୟ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଥମ ତଥା ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ସେଖ୍ ସାଦିକ ଯୋଗ ଦେଇ କ୍ରୀଡ଼ା ପତାକା ଦେଖାଇ ଶୁଭ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ତଥା କ୍ରୀଡ଼ାର ଉଦ୍‌ଯାପନୀ ଦିବସରେ ସ୍ଥାନୀୟ ତହସିଲଦାର ଦୀପ୍ତି ରଞ୍ଜନ ବେହେରା, ସିଆରସିସି ସୌଦାମିନୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଶିକ୍ଷା ଓ କ୍ରୀଡ଼ା ସମ୍ପର୍କିତ ବିଭିନ୍ନ ଉଦାହରଣ ଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସମ୍ୟକ ସୂଚନା ଦେଇ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମହାପାତ୍ର ଅତିଥିମାନଙ୍କର ପରିଚୟ ପ୍ରଦାନ କରି କ୍ରୀଡ଼ା ଉତ୍ସବର ମହତ୍ତ୍ୱ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। କ୍ରୀଡ଼ାର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଭବାନୀ ଦେବୀ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସ୍ମିତାରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଦୁଇ ଦିନିଆ କ୍ରୀଡ଼ା ଉତ୍ସବରେ ବିଦ୍ୟାଳୟର ସମସ୍ତ କାର୍ଯ୍ୟକର୍ତ୍ତା ଓ ଅଭିଭାବକ ଅଭିଭାବିକାମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ଗଜବନ୍ଧ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା



**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଗଜବନ୍ଧ କ୍ଲଷ୍ଟର ସ୍ଥିତ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇ ଯାଇଛି। ପ୍ରଧାନ ଶିକ୍ଷକ ପଞ୍ଚାନନ କମ୍ପଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶାରୀରିକ ଶିକ୍ଷକ ଅନନ୍ତ ନାରାୟଣ ବଂଛୋର ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଦୌଡ଼, ଉଚ୍ଚଡିଆଁ, ଲମ୍ବଡ଼ିଆଁ, ଗୋଲା ଫିଙ୍ଗା, ଡିସ୍କସ ଥ୍ରୋ, ଜାଭେଲିନ ଥ୍ରୋ, ସ୍ଲୋ ସାଇକେଲ, ମ୍ୟୁଜିକ ଚେୟାର ପରି ପ୍ରତିଯୋଗିତା ବାଳକ ଓ ବାଳିକା ଉଭୟ ବର୍ଗରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଯୁଧିଷ୍ଠିର ରଣା, କଳାକାହ୍ନୁ ରଣା, ଶଙ୍କର ପ୍ରସାଦ ଭୋଇ, ଶିକ୍ଷୟିତ୍ରୀ ପଦ୍ମାବତୀ ହାତୀ, ପ୍ରମିତା ପଧାନ, ଅମୂଲ୍ୟ ଝାଙ୍କର ଖେଳ ଗୁଡ଼ିକୁ ପରିଚାଳନା କରିଥିଲେ। ସଂଯୁକ୍ତା ଭୋଇ,ସୁବାସ ଭୋଇ, କିରଟି ନାଏକ ସହଯୋଗ କରିଥିଲେ। ପ୍ରାୟ ୮୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଗଜବନ୍ଧ ସିଆରସିସି ନରେନ୍ଦ୍ର ପୁରୋହିତ, ଅଭିଭାବକ ଓ ଅଞ୍ଚଳର ଜନସାଧାରଣ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି।

# ଜାଡେଜାଙ୍କ 'ହିନ୍ଦୀ'ପ୍ରେସ କନଫରେନ୍ସ ବିବାଦ ପରେ ବାତିଲ ହେଲା କ୍ରିକେଟ ମ୍ୟାଚ୍

**ମେଲବର୍ଣ୍ଣ**

ଅଷ୍ଟ୍ରେଲିଆର ମେଲବର୍ଣ୍ଣରେ ଭାରତୀୟ କ୍ରିକେଟର ରବୀନ୍ଦ୍ର ଜାଡ଼େଜାଙ୍କ ହିନ୍ଦୀ ପ୍ରେସ କନଫରେନ୍ସ ବିବାଦ ପରେ ବଡ଼ ଘଟଣା ଘଟିଛି। ଜାଡ଼େଜାଙ୍କୁ ଅଷ୍ଟ୍ରେଲିଆ ମିଡିଆ ଟାର୍ଗେଟ କରିବା ପରେ ଦୁଇ ଦେଶର ସାମ୍ବାଦିକଙ୍କ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ବନ୍ଧୁତ୍ୱପୂର୍ଣ୍ଣ ଟି-୨୦ ମ୍ୟାଚ୍‌କୁ ବାତିଲ କରି ଦିଆଯାଇଛି।

ଭାରତ-ଅଷ୍ଟ୍ରେଲିଆ ବର୍ଡର ଗାଭାସ୍କର ଟେଷ୍ଟ ସିରିଜର ୪ର୍ଥ ମ୍ୟାଚ୍ ମେଲବର୍ଣ୍ଣରେ ଖେଳାଯିବ। ଏହି ମ୍ୟାଚ୍ ପାଇଁ ଭାରତ ଶନିବାର ଠାରୁ ମେଲବର୍ଣ୍ଣରେ ଅଭ୍ୟାସ ଆରମ୍ଭ କରିଛି। ଅଭ୍ୟାସ ପରେ ଶନିବାର ମେଲବର୍ଣ୍ଣ ପଡ଼ିଆରେ ଜାଡେଜା କିଛି ରିପୋର୍ଟରଙ୍କୁ ବାଇଟ ଦେଇଥିଲେ। ତେବେ ଅଷ୍ଟ୍ରେଲିଆ ମିଡିଆ ଅଭିଯୋଗ କରିଛି ଯେ ଜାଡ଼େଜା ଇଂରାଜୀରେ କୌଣସି ପ୍ରଶ୍ନର ଉତ୍ତର ଦେବାକୁ ମନା କରିଦେଇଥିଲେ। କିନ୍ତୁ ସେଠାରେ ଉପସ୍ଥିତ ଥିବା ଭାରତୀୟ ଗଣମାଧ୍ୟମର ପ୍ରତିନିଧି ଓ ଟିମ ଇଣ୍ଡିଆର ମ୍ୟାନେଜର ଏହାକୁ ଖଣ୍ଡନ କରି ଚାଲିଛନ୍ତି। ଏହାକୁ ନେଇ ମେଲବର୍ଣ୍ଣରେ ବିବାଦ ସୃଷ୍ଟି ହୋଇଥିଲା। ଏଥିପାଇଁ ଦୁଇ ଦେଶର ରିପୋର୍ଟରଙ୍କ ମଧ୍ୟରେ ହେବାକୁ ଥିବା ଟି-୨୦ ମ୍ୟାଚ୍‌କୁ ବୟକଟ କରାଯାଇଥିଲା। ତେଣୁ କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ଆୟୋଜନ କରାଯାଇଥିବା ବନ୍ଧୁତ୍ୱପୂର୍ଣ୍ଣ ଟି-୨୦ ମ୍ୟାଚ୍‌କୁ ବାତିଲ କରି ଦିଆଯାଇଛି।

ରିପୋର୍ଟ ଅନୁସାରେ, ଭାରତର ବ୍ୟାକରୁମ ଟିମ ସହ ଭାରତରୁ ଯାଇଥିବା ଗଣମାଧ୍ୟମ ପ୍ରତିନିଧିମାନେ ପ୍ରେସ ମ୍ୟାଚ୍‌କୁ ବୟକଟ କରିବାକୁ ନିଷ୍ପତ୍ତି ନେଇଥିଲେ। ରବିବାର ମଧ୍ୟାହ୍ନ ସମୟରେ ଦୁଇ ଦେଶ ମଧ୍ୟରେ ପ୍ରେସ ମ୍ୟାଚ୍ ଖେଳାଯିବାର ଥିଲା। ଜାଡେଜାଙ୍କ ସହ ଅଷ୍ଟ୍ରେଲିଆ ମିଡିଆ କରିଥିବା ବ୍ୟବହାର ପାଇଁ ମେଲବର୍ଣ୍ଣର ଜଙ୍କସନ ଓଭାଲରେ ଖେଳାଯିବାକୁ ଥିବା ମ୍ୟାଚ୍‌କୁ ଭାରତୀୟ ଗଣମାଧ୍ୟମର ପ୍ରତିନିଧି ବୟକଟ କରିଥିଲେ। ପ୍ରଥମେ ଭାରତୀୟ ଟିମ୍‌ର ମିଡ଼ିଆ ମ୍ୟାନେଜର ନିଜ ନାଁକୁ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରୁ ପ୍ରତ୍ୟାହାର କରି ନେଇଥିଲେ। ଏହାପରେ ଆଉ କିଛି ସଦସ୍ୟ ମଧ୍ୟ ସମାନ ପଦକ୍ଷେପ ନେଇଥିଲେ। ଫଳରେ ବାଧ୍ୟ ହୋଇ କ୍ରିକେଟ ଅଷ୍ଟ୍ରେଲିଆ ମ୍ୟାଚ୍‌କୁ ବାତିଲ କରିଛି।

# ଆନନ୍ଦପୁର ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ଆନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

ଆନନ୍ଦପୁର ମହାବିଦ୍ୟାଳୟରେ ୬୧ତମ କ୍ରୀଡ଼ା ବାର୍ଷିକ ଉତ୍ସବ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ବିଧାୟକ ଅଭିମନ୍ୟୁ ସେଠୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି କ୍ରୀଡ଼ା ଉତ୍ସବକୁ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଉଦ୍‌ଯାପିତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ପ୍ରଦୀପ କୁମାର ଧଳ ଶିବ ଚରଣ ବେହେରା, ନାରାୟଣ ଦାଶ, ରବୀନ୍ଦ୍ର କୁମାର ନାୟକ, ଡକ୍ଟର ନିମାଇଁ ଚରଣ ରାଉତ, ମାୟାଧର ନାୟକ, ଡକ୍ଟର ଦିବ୍ୟାଲୋଚନ ଭୂୟାଁ ଯୋଗ ଦେଇ କ୍ରୀଡ଼ା କ୍ଷେତ୍ରରେ କୃତକର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ତଥା ଚାମ୍ପିଅନମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଦୁଇ ଦିନରେ ଦୌଡ଼ ପ୍ରତିଯୋଗତା, ଜାଭେଲିନ ଥ୍ରୋ, ଡିସ୍‌କସ୍ ଥ୍ରୋ, ପୁଟିଂ ଦ ସଟ୍, ଉଚ୍ଚ ଡିଆଁ, ଲଙ୍ଗଜମ୍ପ, ମିଉଜିକ୍ ଚେୟାର ଆଦି କ୍ରୀଡ଼ାକୁ ବେଲେଶ୍ୱର ଉଚ୍ଚମାଧ୍ୟମିକ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଆମୋଦ ଚନ୍ଦ୍ର ବିଶ୍ୱାଳ ପରିଚାଳନା କରିଥିଲେ। ସିଙ୍ଗ ମୁଣ୍ଡା ଅର୍ପିତା ପ୍ରିୟଦର୍ଶିନୀ ସାହୁ ସୁନାରାମ ଟୁଡୁ ସଚିନ କୁମାର ଟୁଡୁ ସୁନିତା ରାଣୀ ନାଥ ଚାମ୍ପିଅନ ବିବେଚିତ ହୋଇଥିଲେ। କ୍ରୀଡ଼ା ସଂସଦର ବଶିଷ୍ଟ କୁମାର ବେହେରା ସଂଘମିତ୍ରା ରାଉତ ଅଜିତ କୁମାର ଜେନା ପାର୍ଥ ସାରଥୀ ଶଙ୍ଖୁଆ ପ୍ରକାଶ କୁମାର ସାହୁ ପ୍ରଦୀପ କୁମାର ପୂର୍ତ୍ତି ସତ୍ୟବ୍ରତ ସ୍ୱାଇଁ ସବିନା ଆର. ବେଗମ୍ ବିଶ୍ୱଜିତ ରାଉତ ମନୋଜ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସାର୍‌ମାନଙ୍କ ମଧ୍ୟରେ କ୍ରିକେଟ ମ୍ୟାଚ୍ ଓ ମ୍ୟାଡ଼ାମ୍‌ମାନଙ୍କ ମଧ୍ୟରେ ମିଉଜିକ୍ ଚେୟାର ପ୍ରତିଯୋଗିତା ଥିଲା ଏହି ଉଦ୍‌ଯାପନ ଦିବସର ମୁଖ୍ୟ ଆକର୍ଷଣ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଛାତ୍ରଛାତ୍ରୀ ଏହି ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ରହିଥିଲେ।

# ପ୍ରବାସୀ ଭାରତୀୟଙ୍କ ପାଇଁ ଯତ୍ନବାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

**ପିଆଇବି, ଭୁବନେଶ୍ୱର**

ବିଶ୍ୱର ବିଭିନ୍ନ ଦେଶରେ ରହୁଥିବା ପ୍ରବାସୀ ଭାରତୀୟମାନେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ତଥା ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହାସଲ କରିଛନ୍ତି। କୁଏତରେ ଭାରତୀୟ ପ୍ରବାସୀଙ୍କ ଏକ ବଡ଼ ସମୁଦାୟ ରହିଛି। ଭାରତୀୟମାନେ କୁଏତ୍‌ରେ ସବୁଠାରୁ ବଡ଼ ପ୍ରବାସୀ ସମୁଦାୟ ଏବଂ ସେଠାରେ ପ୍ରାୟ ୧୦ ଲକ୍ଷ ଭାରତୀୟ ବିଭିନ୍ନ କ୍ଷେତ୍ରରେ ନିୟୋଜିତ ରହିଛନ୍ତି। ଏହାକୁ ହୃଦୟଙ୍ଗମ କରି ପ୍ରଧାନମନ୍ତ୍ରୀ ଆଜି କୁଏତରେ ଗଲ୍ଫ ସ୍ପିକ୍ ଶ୍ରମିକ ଶିବିର ପରିଦର୍ଶନ କରିଛନ୍ତି। ସେଠାରେ ୯୦% ରୁ ଅଧିକ ଲୋକ ଭାରତୀୟ କାର୍ଯ୍ୟରତ ଅଛନ୍ତି ଏବଂ ସେମାନଙ୍କ ସହ ପ୍ରଧାନମନ୍ତ୍ରୀ ମତବିନିମୟ କରିଛନ୍ତି।

ଅତୀତରେ ମଧ୍ୟ ବିଦେଶରେ ଥିବା ଭାରତୀୟ ଶ୍ରମିକଙ୍କୁ ପ୍ରଧାନମନ୍ତ୍ରୀ ସାକ୍ଷାତ କରିବା ସହ ବାର୍ତ୍ତାଳାପ କରିବାର ଅନେକ ଉଦାହରଣ ଦେଖିବାକୁ ମିଳିଛି।

୨୦୧୬ରେ ପ୍ରଧାନମନ୍ତ୍ରୀ ମୋଦୀ ସାଉଦୀ ଆରବର ରିୟାଦରେ ଥିବା ଏଲ୍ ଆଣ୍ଡଟି କର୍ମଚାରୀଙ୍କ ଆବାସିକ ପରିସର ପରିଦର୍ଶନ କରିଥିଲେ।

ସେ ରିୟାଦସ୍ଥିତ ଟାଟା କନସଲଟାନ୍ସି ସର୍ଭିସେସର କେବଳ ମହିଳାଙ୍କୁ ନେଇ ଚାଲିଥିବା ଆଇଟି ଓ ଆଇଟିଇଏସ୍ କେନ୍ଦ୍ର ପରିଦର୍ଶନ କରିଥିଲେ। ସେହି ବର୍ଷ ପ୍ରଧାନମନ୍ତ୍ରୀ ମୋଦୀ କତାରର ଦୋହାରେ ଥିବା ଶ୍ରମିକ ଶିବିର ପରିଦର୍ଶନ କରିଥିଲେ।

ଏହା ପୂର୍ବରୁ ୨୦୧୫ରେ ପ୍ରଧାନମନ୍ତ୍ରୀ ମୋଦୀ ଆବୁଧାବିରେ ଏକ ଶ୍ରମିକ ଶିବିର ପରିଦର୍ଶନ କରିଥିଲେ ଯେଉଁଠାରେ ସେ ପ୍ରବାସୀ ଶ୍ରମିକଙ୍କ କଲ୍ୟାଣ ପାଇଁ ଭାରତ ସରକାରଙ୍କ ପ୍ରୟାସ ଉପରେ ଆଲୋକପାତ କରିଥିଲେ। ସେ ଶିବିରରେ ଥିବା ଭାରତୀୟ ଶ୍ରମିକମାନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ବିଷୟରେ ପଚାରି ବୁଝିଥିଲେ ଏବଂ ଭାରତ ସରକାର ସେମାନଙ୍କୁ କିପରି ସାହାଯ୍ୟ କରିପାରିବେ ସେ ବିଷୟରେ ଆଲୋଚନା କରିଥିଲେ।

ସୁରକ୍ଷିତ ଏବଂ ଆଇନଗତ ସ୍ଥାନାନ୍ତର ସୁନିଶ୍ଚିତ କରିବା ଦିଗରେ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦୀ ନିରନ୍ତର ଭାବରେ କାର୍ଯ୍ୟ କରୁଛନ୍ତି।

ଏହି ପରିପ୍ରେକ୍ଷୀରେ ଏକ ପ୍ରମୁଖ ପ୍ରୟାସ ହେଉଛି ଇ-ମାଇଗ୍ରେଟ୍ ପ୍ରକଳ୍ପ ଯାହା ୨୦୧୪ ମସିହାରେ ଆରମ୍ଭ ହୋଇଥିଲା। ଭାରତୀୟମାନଙ୍କୁ ନିଯୁକ୍ତି ଉଦ୍ଦେଶ୍ୟରେ ଦେଶାନ୍ତରରେ ସହାୟତା କରିବା ଏବଂ ଦୁର୍ନୀତିର ସୁଯୋଗକୁ ହ୍ରାସ କରିବା ପାଇଁ ଆରମ୍ଭ କରାଯାଇଥିଲା । ଏହା ନିଯୁକ୍ତି ପ୍ରକ୍ରିୟାକୁ ବାଧାମୁକ୍ତ ଓ ସ୍ୱଚ୍ଛ ଢଙ୍ଗରେ କରିବାରେ ସହାୟକ ହୋଇଥାଏ। ଏହା ସମସ୍ତ ଅଂଶୀଦାରଙ୍କୁ ଭାରତୀୟ ପ୍ରବାସୀମାନଙ୍କର ଏକ ବିସ୍ତୃତ ଅନଲାଇନ୍ ଡାଟାବେସ୍ ମଧ୍ୟ ପ୍ରଦାନ କରିଥାଏ ଏବଂ ସମଗ୍ର ପ୍ରବାସ ଚକ୍ରକୁ ଦ୍ରୁତ, ସ୍ୱଚ୍ଛ ଓ ଦକ୍ଷ କରିଥାଏ ।

ପାସପୋର୍ଟ ବିବରଣୀର ଅନଲାଇନ୍ ବୈଧତା ପାଇଁ ପାସପୋର୍ଟ ସେବା ପ୍ରକଳ୍ପ ଏବଂ ପ୍ରବାସୀ ଭାରତୀୟ ବୀମା ଯୋଜନା ପ୍ରଦାନ କରୁଥିବା ବୀମା ଏଜେନ୍ସି ସହିତ ମଧ୍ୟ ଇ-ମାଇଗ୍ରେଟ୍ ବ୍ୟବସ୍ଥାକୁ ସମନ୍ୱିତ କରାଯାଇଛି। ଡିଜି ସିପିଂ ସିଷ୍ଟମକୁ ଇ-ମାଇଗ୍ରେଟ୍ ବ୍ୟବସ୍ଥା ସହ ମଧ୍ୟ ସଂଯୁକ୍ତ କରାଯାଇଛି ଯାହା ମାଧ୍ୟମରେ ଡିଜି ସିପିଂରେ ଦାଖଲ ହୋଇଥିବା ନାବିକଙ୍କ ବିଷୟରେ ତଥ୍ୟ ଇମିଗ୍ରେସନ ଚେକ୍ ପୋଷ୍ଟ ଏବଂ ବିମାନବନ୍ଦରରେ ଇମିଗ୍ରେସନ ପ୍ରକ୍ରିୟାକରଣ ପାଇଁ ଇମିଗ୍ରେସନ ବ୍ୟୁରୋକୁ ପଠାଯାଇଥାଏ, ଯାହାଦ୍ୱାରା ପ୍ରବାସନ ବା ଇମିଗ୍ରେସନ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରାଯାଇଥାଏ।

ମୋଦୀ ସରକାର ପ୍ରବାସୀ ବା ଇମିଗ୍ରାଣ୍ଟ ଡିଭିଜନର ବିଦେଶୀ ନିଯୁକ୍ତି ଏବଂ ପ୍ରୋଟେକ୍ଟର ଜେନେରାଲଙ୍କୁ ସୁଦୃଢ଼ କରିଛନ୍ତି, ଯାହା ନିଯୁକ୍ତି ପାଇଁ ବିଦେଶ ଯାଉଥିବା ଇସିଆର (ଇମିଗ୍ରେସନ କ୍ଲିୟରାନ୍ସ ଆବଶ୍ୟକ ବର୍ଗ) ପାସପୋର୍ଟ ଥିବା ବ୍ୟକ୍ତିବିଶେଷଙ୍କ ପାଇଁ ପ୍ରବାସ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବାରେ ସାହାଯ୍ୟ କରେ । ଏହାର ସୁବିଧା ପାଇଁ ସମଗ୍ର ଭାରତରେ ପ୍ରୋଟେକ୍ଟର ଜେନେରାଲ ଅଫ୍ ଇମିଗ୍ରେସନ୍ ଜେନେରାଲଙ୍କ ୧୬ଟି କାର୍ଯ୍ୟାଳୟ ଖୋଲାଯାଇଛି।

ପ୍ରବାସୀ ଶ୍ରମିକଙ୍କ ଆପତ୍ତି ଓ ଅଭିଯୋଗ ଗ୍ରହଣ ଓ ସମାଧାନ ପାଇଁ ପ୍ରବାସୀ ଭାରତୀୟ ସହାୟତା କେନ୍ଦ୍ରକୁ ମୋଦୀ ସରକାର ସୁଦୃଢ଼ କରିଛନ୍ତି। ପ୍ରବାସୀ ଭାରତୀୟ ସହାୟତା କେନ୍ଦ୍ର ବ୍ୟତୀତ ଲକ୍ଷ୍ନୌ, ହାଇଦ୍ରାବାଦ, ଚେନ୍ନାଇ, ପାଟନା ଏବଂ କୋଚିରେ ୫ଟି କ୍ଷେତ୍ରୀୟ ପ୍ରବାସୀ ସହାୟତା କେନ୍ଦ୍ର ମଧ୍ୟ ପ୍ରତିଷ୍ଠା କରାଯାଇଛି ଯାହା ପ୍ରବାସୀମାନଙ୍କୁ ସେମାନଙ୍କ ଅଭିଯୋଗ ଏବଂ ପ୍ରଶ୍ନର ସମାଧାନ ପାଇଁ ମୁହାଁମୁହିଁ ବାର୍ତ୍ତାଳାପ କରିବାରେ ସାହାଯ୍ୟ କରେ ।

ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ବିଦେଶରେ ଥିବା ଭାରତୀୟ ଶ୍ରମିକଙ୍କ ଅବସ୍ଥାରେ ଉନ୍ନତି ଆଣିବା ଦିଗରେ କାର୍ଯ୍ୟ କରୁଛନ୍ତି।

ଚଳିତ ବର୍ଷ ଆରମ୍ଭରେ ୟୁଏଇ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଘୋଷଣା କରିଥିଲେ ଯେ ୟୁଏଇ ଭାରତୀୟ ଶ୍ରମିକଙ୍କ ପାଇଁ ଏକ ଡାକ୍ତରଖାନା ନିର୍ମାଣ ପାଇଁ ଦୁବାଇରେ ଗୋଟିଏ ଜମି ଦେଇଛି।

ଚଳିତ ବର୍ଷ କୁଏତ ଅଗ୍ନିକାଣ୍ଡରେ ୪୦ରୁ ଅଧିକ ଭାରତୀୟ ନାଗରିକଙ୍କ ମୃତ୍ୟୁ ଏବଂ ୫୦ରୁ ଅଧିକ ଆହତ ହେବା ପରେ ପ୍ରଧାନମନ୍ତ୍ରୀ ଏକ ସମୀକ୍ଷା ବୈଠକର ଅଧକ୍ଷତା କରିଥିଲେ ଏବଂ ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠିରୁ ମୃତ ଭାରତୀୟ ନାଗରିକଙ୍କ ପରିବାରକୁ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଥିଲେ।

୨୦୨୧ରେ ଭାରତ ଓ କୁଏତ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା ଯାହା କୁଏତରେ ଭାରତୀୟ ଘରୋଇ ଶ୍ରମିକଙ୍କ କଲ୍ୟାଣ ଓ ଅଧିକାର ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ଚୁକ୍ତି ଶ୍ରମିକ ଓ ନିଯୁକ୍ତିଦାତାଙ୍କ ମଧ୍ୟରେ ଏକ ନିରପେକ୍ଷ ଓ ସନ୍ତୁଳିତ ସମ୍ପର୍କ ସ୍ଥାପନ କରିଥିଲା, ଯେଉଁଥିରେ ଶ୍ରମିକଙ୍କ ଅଧିକାରର ସୁରକ୍ଷା ଏବଂ ସ୍ଥାନୀୟ ଆଇନର ଅନୁପାଳନ ଉପରେ ଧ୍ୟାନ ଦିଆଯାଇଥିଲା। ଏହା ଏକ ସମବାୟ ଓ ସମ୍ମାନଜନକ ଶ୍ରମ ପରିବେଶକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା, ଶେଷରେ କୁଏତରେ ଭାରତୀୟ ଶ୍ରମିକଙ୍କ କଲ୍ୟାଣକୁ ବୃଦ୍ଧି କରିଥିଲା।

୨୦୧୬ରେ ପ୍ରଧାନମନ୍ତ୍ରୀ ମୋଦୀ କତାରର ଅମୀର ଶେଖ୍ ତମିମ୍ ବିନ୍ ହମାଦ ଅଲ୍-ଥାନିଙ୍କୁ ଭେଟି ଭାରତୀୟ ପ୍ରବାସୀଙ୍କ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରମ ସଂସ୍କାର ଦ୍ୱାରା ୫୦ ଲକ୍ଷରୁ ଅଧିକ ଭାରତୀୟ ପ୍ରବାସୀଙ୍କ ଅବସ୍ଥାରେ ସୁଧାର ଆସିବ ବୋଲି କତାର ଆଶ୍ୱାସନା ଦେଇଛି।

ଭାରତୀୟ ପ୍ରବାସୀଙ୍କ ଯତ୍ନ ନେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଦ୍ୱାରା ଅନୁପ୍ରାଣିତ ହୋଇ ଭାରତ ଉପସାଗରୀୟ ରାଷ୍ଟ୍ରଗୁଡ଼ିକରେ ଏହାର ଶ୍ରମିକମାନଙ୍କ ପାଇଁ ଅଧିକ ମଜୁରି ପାଇଁ ଏକ ଅଭିଯାନ ମଧ୍ୟ ଆରମ୍ଭ କରିଥିଲା। ଅଧିକ ଜୀବନଧାରଣ ଖର୍ଚ୍ଚ କାରଣରୁ ଭାରତୀୟ କୂଟନୀତିଜ୍ଞମାନେ ସର୍ବନିମ୍ନ ବେତନ ବୃଦ୍ଧି ପାଇଁ ସୁପାରିସ କରିଥିଲେ।

OFFICE OF THE SUPERINTENDING ENGINEER
RURAL WATER SUPPLY AND SANITATION DIVISION,CUTTACK
MAHANADIBIHAR; CUTTACK-753004
Govt, of Odisha e-procurement Notice
O-983
Bid Identification No. rwssctc- 07 /2023-24

The Superintending Engineer, RWS&S Division, Cuttack on behalf of Governor of Odisha invites lump sum bid through e-procurement in double cover system according to norm of e-procurement.

1. Nature of work : PWS Schemes under RWSS, Division, Cuttack.
2. No. of tenders : 2 Nos.
3. Tender Paper Cost : 10000/-
4. Value of Work : 28.21Lakhs to 40.22 Lakhs
5. Class of Contractor : "B" & "C" Class
6. Date and time of availability of bid document in portal : 11 hour of 27.12.24 to 09.01.25 up to 17 hours
7. Date & time of seeking tender clarification : 08.01.25 up to 17 hours
8. Date & time of opening of tender: 10.01.25 at 11:30 Hours in the office of the Superintending Engineer, RWS&S Division, Cuttack
9. Time of completion : 6 months
10. The bidders have to participate in online biding only. Further details can be seen from the website https://www.tendersorissa.gov.in.

OIPR-25022/11/0008/2425
Sd/- Superintending Engineer
RWS & S Division, Cuttack

30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୩ ଡିସେମ୍ବର ୨୦୨୪ ସୋମବାର





# ରାଜ୍ୟର ସ୍ୱାର୍ଥ ଏବଂ ଓଡ଼ିଆଙ୍କ ହିତ ପାଇଁ ଶୀତ ଅଧିବେଶନରେ ଲଢ଼ିଲେ ବିଜେଡିର ସପ୍ତରଥୀ ସାଂସଦ



ନୂଆଦିଲ୍ଲୀ
ସଂସଦର ଶୀତ ଅଧିବେଶନରେ ବିଜେଡି ସାଂସଦମାନଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିଛି । ରାଜ୍ୟସଭାର ଗୃହକାର୍ଯ୍ୟରେ ସେମାନେ ସକ୍ରିୟ ଅଂଶଗ୍ରହଣ କରି ପ୍ରଶ୍ନ ପଚାରିବା ସହିତ ଆଲୋଚନାରେ ଭାଗ ନେଇଛନ୍ତି। ରାଜ୍ୟର ସ୍ୱାର୍ଥକୁ ନେଇ ବିଜେଡି ସାଂସଦ ଅନେକ ପ୍ରଶ୍ନ ପଚାରି ଥିଲେ, ବିଭିନ୍ନ ପ୍ରସଙ୍ଗ ଉତଥାପନ କରିଥିଲେ । ତାସହିତ ବିଭିନ୍ନ ଜାତୀୟ ସ୍ୱାର୍ଥ ସମ୍ମିଳିତ ଆଲୋଚନାରେ ସକ୍ରିୟ ଭାବେ ଭାଗ ନେଇଥିଲେ । ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ପାଇଁ ଏଥର ମଧ ରାଜ୍ୟସଭାରେ ଦାବି ଦୋହରାଇଥିଲେ ସସ୍ମିତ ପାତ୍ର । ଏ ନେଇ ସେ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଥିଲେ। ସସ୍ମିତ ପାତ୍ର ମୋଟ ୩୮ ଟି ଅଣତାରକା ଓ ୫ଟି ତାରକା ପ୍ରଶ୍ନ ଉତଥାପନ କରିଥିଲେ। ରାଜ୍ୟର ସ୍ୱାର୍ଥ ସମ୍ମିଳିତ ପ୍ରସଙ୍ଗ ଉଠାଇବା ସହିତ କୋଷ୍ଟାଲ ହାଇୱେ, ପୋଲାଭରମ ପ୍ରକଳ୍ପ, ଓଡ଼ିଶା ଉପରେ ଏହି ପ୍ରକଳ୍ପର ନକରାତ୍ମକ ପ୍ରଭାବ ପ୍ରସଙ୍ଗ ଉଠାଇଥିଲେ ସସ୍ମିତ ପାତ୍ର । ଏହା ସହିତ କୋଇଲା ରୟାଲଟି ସଂଶୋଧନ ପାଇଁ ସେ ଦାବି ଦୋହରାଇଥିଲା। କୋଇଲା ରୟାଲଟି ସଂଶୋଧନ ହେଲେ ଓଡ଼ିଶା ଲାଭବାନ ହେବ। କିନ୍ତୁ କେନ୍ଦ୍ର ଏହା କରୁନଥିବାରୁ, ଦୃଷ୍ଟି ଆକର୍ଷଣ କରିଥିଲେ ସସ୍ମିତ ପାତ୍ର। ସାଂସଦ ମାନସ ମଙ୍ଗରାଜ ୩୦ଟି ଅଣତାରକା ଓ ୪ଟି ତାରକା ପ୍ରଶ୍ନ ଉତଥାପନ କରିଥିଲେ। ବରିଷ୍ଠ ନାଗରିକଙ୍କ କଲ୍ୟାଣ, କୋଇଲା ଖନନ ଏବଂ ଓଡ଼ିଶାରେ ଗଝଗର ର ବିକାଶ ସଂପର୍କିତ ପ୍ରଶ୍ନ ଉଠାଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମାନସ ମଙ୍ଗରାଜ । ଅଏଲ ଫିଲ୍ଡସ ସଂଶୋଧନ ବିଲ୍-୨୦୨୪ ଆଲୋଚନାରେ ଅଂଶଗ୍ରହଣ କରି, ପ୍ରଭାବିତ ହେବାକୁ ଥିବା ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଆଇନରେ ସଂଶୋଧନ କରିବାକୁ ସେ ପ୍ରସ୍ତାବ ଦେଇଥିଲେ। ଅଏଲ ରିଫାଇନାରି ଦୁର୍ଘଟଣା ସଂପର୍କରେ ଗୃହକୁ ଅବଗତ କରାଇଥିଲେ ମାନସ ମଙ୍ଗରାଜ। ସାଂସଦ ସୁଲତା ଦେଓ ୧୮ ଟି ଅଣତାରକା ଓ ୨ଟି ତାରକା ପ୍ରଶ୍ନ ଉଠାଇଥିଲେ । ଦୁଇଟି ପ୍ରମୁଖ ଆଲୋଚନାରେ ସେ ଅଂଶ ଗ୍ରହଣ କରିଥିଲେ। ଭାରତୀୟ ବାୟୁଯାନ ବିଧେୟକ ସଂଶୋଧନ ବିଲ୍ ଓ ବଏଲର ସଂଶୋଧନ ବିଲ୍ ଆଲୋଚନାରେ ଅଂଶଗ୍ରହଣ କରି ଗଠନମୂଳକ ପ୍ରସ୍ତାବ ଦେଇଥିଲେ। ସେହିପରି ସାଂସଦ ମୁନ୍ନା ଖାନ୍ ୨୬ଟି ଅଣତାରକା ଓ ୪ଟି ତାରକା ପ୍ରଶ୍ନ ଉଠାଇଥିଲେ। ପୋଲାଭରମ ପ୍ରକଳ୍ପକୁ କେନ୍ଦ୍ର ସରକାର ଏକ ପାଖିଆ ସମର୍ଥନ କରି, ସଂଘୀୟ ବ୍ୟବସ୍ଥାକୁ ଉଲ୍ଲଘଂନ କରୁଛନ୍ତି ବୋଲି କହିଥିଲେ ମୁନ୍ନା ଖାଁ । ସେହିପରି ସାଂସଦ ନିରଞ୍ଜନ ବିଶି ୩୧ଟି ଅଣତାରକା ଓ ଗୋଟିଏ ତାରକା ପ୍ରଶ୍ନ ଉଠାଇଥିଲେ । ସମ୍ବିଧାନର ଅଷ୍ଟମ ଅନୁଛେଦରେ ହୋ, ମୁଣ୍ଡାରି, ଭୂମିଜ, କୁଇ, କୋଶଲୀ ଏବଂ ସଉରା ଭାଷାକୁ ସାମିଲ କରିବା ପାଇଁ ଦାବି କରିଥିଲେ ନିରଂଜନ ବିଶି। ସାଂସଦ ଦେବାଶିଷ ସାମନ୍ତରାୟ ୨୭ଟି ଅଣତାରକା ଓ ୪ଟି ତାରକା ପ୍ରଶ୍ନ ଉଠାଇଥିଲେ। ଓଡ଼ିଶାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାଙ୍କ ପାଇଁ ସ୍ୱୟଂଶାସିତ ସଂସ୍ଥାରେ ୫୦ ପ୍ରତିଶତ ସଂରକ୍ଷଣ ଓ ମିଶନ ଶକ୍ତି ଭଳି ବଳିଷ୍ଠ ପଦକ୍ଷେପ ନେଇଥିବା କହିଥିଲେ ଦେବାଶିଷ ସାମନ୍ତରାୟ। ଅନ୍ୟପଟେ ସାଂସଦ ଶୁଭାଶିଷ ଖୁଣ୍ଟିଆ ୧୪ଟି ଅଣତାରକା ଓ ୩ଟି ତାରକା ପ୍ରଶ୍ନ ଉଠାଇଥିଲେ । ପୁରୀରେ ଅନ୍ତର୍ଜାତୀୟ ବିମାନ ବନ୍ଦର ପ୍ରତିଷ୍ଠା ଏବଂ ଓଡ଼ିଶାକୁ ଗ୍ୟାସ୍ ପାଇପ୍ ଲାଇନ୍ ସଂଯୋଗ ନେଇ ପ୍ରଶ୍ନ ଉଠାଇଥିଲେ ବିଜେଡିର ଏହି ସାଂସଦ।

# ୨୫ ତାରିଖ ସୁଦ୍ଧା ହିତାଧିକାରୀଙ୍କୁ ଦିଆଯିବ ଜାନୁଆରୀ ମାସର ପିଡିଏସ୍ ରାସନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଖାଦ୍ୟ ସୁରକ୍ଷା ଅଧିନସ୍ଥ ହିତାଧିକାରୀମାନଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଜାନୁୟାରୀ ୨୦୨୫ ପାଇଁ ମାସିକିଆ ରାସନ ପ୍ରଦାନ କରାଯାଉଛି । ଏଥି ନିମନ୍ତେ ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେବା ସହ ସରକାରୀ ଗୋଦାମରୁ ପିଡ଼ିଏସ୍ ସାମଗ୍ରୀ ନିର୍ଦ୍ଧାରିତ ସମୟରେ ଉଠାଣ ଓ ବଣ୍ଟନ ବ୍ୟବସ୍ଥା କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ମର୍ମରେ ଗତ ୬ ତାରିଖରୁ ସରକାରୀ ଗୋଦାମଗୁଡ଼ିକରୁ ଡିଲରମାନେ ଚାଉଳ ଉଠାଣ ଜାରି ରଖିଛନ୍ତି । ଗତ ୧୪ ଦିନ ମଧ୍ୟରେ ଉଭୟ ନବରଙ୍ଗପୁର ଏବଂ ଦେବଗଡ଼ ଜିଲ୍ଲାର ଜିଲ୍ଲାପାଳମାନେ ସେମାନଙ୍କ ଜିଲ୍ଲା ପାଇଁ ଧାର୍ଯ୍ୟ ଚାଉଳ ଉଠାଣ ଗତକାଲି ସୁଦ୍ଧା ଶେଷ କରି ସାରିଛନ୍ତି। ଅନ୍ୟ ଜିଲ୍ଲାଗୁଡ଼ିକ ସୁଦ୍ଧା ହିଁ ସେମାନଙ୍କ ନିମନ୍ତେ ଧାର୍ଯ୍ୟ ପିଡ଼ିଏସ୍ ଚାଉଳ ଉଠାଣ ଶେଷ କରିବେ । ଏଥି ସହ ରାଜ୍ୟର ଅନେକ ସ୍ଥାନରେ ଡିଲରମାନେ ସରକାରୀ ସୁଲଭ ମୂଲ୍ୟ ଦୋକାନ ତଥା ଡିଲର ପଏଣ୍ଟଠାରେ ହିତାଧିକାରୀମାନଙ୍କୁ ବଣ୍ଟନ ପ୍ରକ୍ରିୟା ଜାରି ରଖିଛନ୍ତି । ବାକିଥିବା ଅନ୍ୟ ଡିଲର ପଏଣ୍ଟଠାରେ ଆସନ୍ତା ୨୫ ତାରିଖ ସୁଦ୍ଧା ଏହି ବଣ୍ଟନ ପ୍ରକ୍ରିୟା ଶେଷ ହେବା ନେଇ ସମସ୍ତ ଜିଲ୍ଲାପାଳଙ୍କୁ ପରାମର୍ଶ ଦିଆଯାଇଛି । ଯୋଗ୍ୟ ହିତାଧିକାରୀମାନେ ସେମାନଙ୍କ ଡିଲର ପଏଣ୍ଟଗୁଡ଼ିକରୁ ଚାଉଳ ନେଇପାରିବେ। ହିତାଧିକାରୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେମାନଙ୍କୁ ମାସିକିଆ ରାସନ୍ ପ୍ରଦାନ କରାଯାଉଅଛି। ଏହି ମର୍ମରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏବଂ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଉପସ୍ଥିତିରେ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ନିକଟରେ ଅନୁଷ୍ଠିତ ବୈଠକରେ ମାସିକିଆ ରାସନ ପ୍ରଦାନ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବା ସହ ଏଥି ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସମସ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ଏତଦ୍‌ବ୍ୟତୀତ ହିତାଧିକାରୀମାନଙ୍କ ଇ-କେୱାଇସି ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରି ଆସନ୍ତା ମାସ ସୁଦ୍ଧା ଶେଷ କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି ।

## ଓ.ପି. ଜିନ୍ଦଲ ସ୍କୁଲ, ଅନୁଗୁଳର ବାର୍ଷିକ ଉତ୍ସବ ଅନୁଷ୍ଠିତ

# ପ୍ରତିଭା ପ୍ରଦର୍ଶନ କଲେ ପ୍ରାୟ ହଜାରେ ଛାତ୍ରଛାତ୍ରୀ

**ଅନୁଗୁଳ,ନ୍ୟୁଜ ବ୍ୟୁରୋ**
ଅନୁଗୁଳ ଜିନ୍ଦଲ ନଗରଠାରେ ଓ.ପି ଜିନ୍ଦଲ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସମୃଦ୍ଧି ପ୍ରାଥମିକ ଓ ପ୍ରାକ୍ ପ୍ରାଥମିକ ଛାତ୍ରଛାତ୍ରୀଙ୍କ ଏକ ନୂଆ ସୂର୍ଯ୍ୟୋଦୟ ଏବଂ ପୁର୍ନରଜ୍ୟୋତି ଆଲୋକର ପୁନଃଜଗରଣ କାର୍ଯ୍ୟକ୍ରମ ଜିନ୍ଦଲ ନଗରର ଇଡେନ ଗାର୍ଡେନଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଜିନ୍ଦଲ ମହିଳା ସମିତିର ସଭାପତି ଶ୍ରୀମତୀ ସୀମା ମଲହାନ, ସମ୍ମାନିତ ଅତିଥି ଭାବେ ଜିନ୍ଦଲ ମହିଳା ସମିତିର ସଭାପତି ଶ୍ରୀମତୀ ଅନିତା ମିତ୍ତଲ, ସ୍ୱତନ୍ତ୍ର ଅତିଥି ଭାବେ ବିଶିଷ୍ଟ ଯୋଗ ଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିଥିଲେ । ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଜେ.ଏସ.ପି. ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ଶ୍ରୀ ପଙ୍କଜ ମଲହାନ, ସମ୍ମାନିତ ଅତିଥି ଭାବେ ଜେ.ଏସ.ପି.ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ତଥା ବିଦ୍ୟାଳୟ ପରିଚାଳନା କମିଟିର ଉପାଧକ୍ଷ ଶ୍ରୀ ଦାମୋଦର ମିତ୍ତଲ, ସ୍ୱତନ୍ତ୍ର ଅତିଥି ଭାବେ ମାନବ ସମ୍ବଳ ବିଭାଗର ସଭାପତି ତଥା ସି.ଏଚ.ଆର.ଓ. ଶ୍ରୀ ଦିଲ୍ଲୀପ କୁମାର ସିହ୍ନା, ଜେ.ଏସ.ପି. ର ଅର୍ଥ ଓ ବାଣିଜ୍ୟ ବିଭାଗ ସଭାପତି ଶ୍ରୀ ହନୁମାନ କୁମାର ଶର୍ମାଙ୍କ ସମେତ ଏଭିପି (ସିକ୍ୟୁରିଟି) କର୍ଣ୍ଣେଲ ରାହୁଲ ଜେ. ଶର୍ମା ଯୋଗ ଦେଇଥିଲେ । ଅତିଥିମାନେ ତାଙ୍କ ଅଭିଭାଷଣ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତର ମାର୍ଗଦର୍ଶାଇବା ସହ କଠିନ ପରିଶ୍ରମ କରି ସଫଳତା ହାସଲ ସହ ଆଗାମୀ ଦିନରେ ଉତ୍ତମ ମଣିଷ ହେବାକୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ଅଧକ୍ଷ ଡଃ ଅଶ୍ୱିନୀ କୁମାର ସାହୁ ସ୍ୱାଗତ ଭାଷଣ ଦେଇ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ସହ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ପ୍ରଥମ ସନ୍ଧ୍ୟାର ସମୃଦ୍ଧି ଉତ୍ସବରେ ପ୍ଲେ ଗ୍ରୁପ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୬୬୩ ଜଣ ଛାତ୍ର ଛାତ୍ରୀ ଏବଂ ଦ୍ୱିତୀୟ ସଂଧାର ପୁନରଜ୍ୟୋତି ଉତ୍ସବରେ ଷଷ୍ଠ ଶ୍ରେଣୀ ଠାରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ୩୩୫ ଜଣ ଛାତ୍ରଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଷଷ୍ଠ ଶ୍ରେଣୀ ଠାରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନଙ୍କୁ ଦ୍ୱିତୀୟ ସନ୍ଧ୍ୟାରେ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ନିଟ, ଜେଇ ମେନ ଓ ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ବେଷ୍ଟ ହାଉସ ଭାବେ ପ୍ରତିଭା ହାଉସକୁ ବିଜୟୀ ଏବଂ ପ୍ରଜ୍ଞା ହାଉସକୁ ରନର୍ସ ଅପ ଭାବେ ଘୋଷଣା କରାଯାଇ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରୀମତୀ ଲିଲି ମହନ୍ତ ଓ ଶ୍ରୀମତୀ ସୁପ୍ରିୟା ବରାଳ ପରିଚାଳନା କରିଥିଲେ । ଉଭୟ ସନ୍ଧ୍ୟାରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ସହ ବିଭିନ୍ନ ଚିତାକର୍ଷକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଥମ ସନ୍ଧ୍ୟାରେ ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଶ୍ରୀ ସୌମ୍ୟ ବାନାର୍ଜୀ ଓ ଦ୍ୱିତୀୟ ସନ୍ଧ୍ୟାରେ ବିଦ୍ୟାଳୟର ଉପାଧକ୍ଷ ଡଃ ଅରୁଣ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ, ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ ।



# ଆଶାମାନେ ହିଁ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବାର ପ୍ରକୃତ ମେରୁଦଣ୍ଡ

**ଭଦ୍ରକ, ନ୍ୟୁଜ ବ୍ୟୁରୋ**
ସ୍ୱାସ୍ଥ୍ୟସେବାରେ ଗୋଷ୍ଠୀ ସହଭାଗିତା ଆଧାରରେ ଉଲ୍ଲେଖନୀୟ କାର୍ଯ୍ୟ ଓ ଦାୟିତ୍ୱ ନିର୍ବାହ ପାଇଁ ଯୋଗ୍ୟ ଆଶାକର୍ମୀ, ଗ୍ରାମ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତିମାନଙ୍କୁ ପୁରସ୍କୃତ କରାଯିବା ନେଇ ଭଦ୍ରକ ଜିଲ୍ଲା ଆଶା, ଗ୍ରାମକଲ୍ୟାଣ ସମିତି ସମାବେଶ ଅନୁଷ୍ଠିତ ହୋଇଯାଇଛି । ସହିଦ୍ ସ୍ମୃତି ଭବନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସୁଧାଂଶୁ ଶେଖର ବଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଭଦ୍ରକ ଜିଲ୍ଲାପରିଷଦର ଅଧକ୍ଷ ପ୍ରଫୁଲ୍ଲ କୁମାର ଜେନା ମୁଖ୍ୟ ଅତିଥି ଭାବେଯୋଗ ଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ଆଶାମାନେ ହିଁ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବାର ପ୍ରକୃତ ମେରୁଦଣ୍ଡ ଏବଂ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ସମସ୍ତ ସ୍ୱାସ୍ଥ୍ୟକର୍ମୀମାନଙ୍କ ମଧ୍ୟରେ ସହଯୋଗିତା, ସହଭାଗିତା ଓ ସମନ୍ୱୟତାର ଆବଶ୍ୟକ ଅଛି ବୋଲି ମୁଖ୍ୟ ଅତିଥି ବକ୍ତବ୍ୟ ପ୍ରସଙ୍ଗରେ ପ୍ରକାଶ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥିଭାବେ ଜିଲ୍ଲା ସହ ଚିକିତ୍ସାଧିକାରୀ ଡ଼ା. ଅମୂଲ୍ୟ କୁମାର ଦାସ, ଡ଼ା କନକଲତା ସାହୁ, ଡ଼ା. ସଂଗୀତ ବଳ ଏବଂ ଡ଼ା. ସନ୍ତୋଷ କୁମାର ପୃଷ୍ଟି, ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜିକା ସୁଶ୍ରୀ ସରିତା ମହାପାତ୍ର ପ୍ରମୁଖ ଯୋଗ ଦେଇ ସମାବେଶର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକ୍‌ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ପି.ଏଚ୍.ଓ., ବିପିଏମ୍, ଆଶାକର୍ମୀ ଓ ଅଙ୍ଗନବାଡ଼ି କର୍ମୀ, ମହିଳା ଆରୋଗ୍ୟ ସମିତି ଓ ଗ୍ରାମ କଲ୍ୟାଣ ସମିତିର ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ । ସହପରିଚାଳକ ଅଭିଳାଷ ପାଣିଗ୍ରାହୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଆଶାର ସହ ପରିଚାଳିକା କଳ୍ପନା ସାମଲ ଏବଂ ତିହିଡ଼ିର ବିତ୍ତ ପରିଚାଳକ ବିପ୍ଳବ ରଞ୍ଜନ ପତି କାର୍ଯ୍ୟକ୍ରମ ସଂଯୋଜନାରେ ଆନୁଷଙ୍ଗିକ ସହଯୋଗ କରିଥିଲେ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭଣ୍ଡାରିପୋଖରୀର ସ୍ୱାସ୍ଥ୍ୟ କର୍ମଚାରୀ ଓ ସି.ଏଚ୍.ଓ ମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏ.ଡ଼ି.ପି.ଏଚ୍.ଓ. ଅନୀତା ରାଣୀ ରାଉତ, ବି.ପି.ଏମ୍. ଧାମନଗର ଜିତେନ୍ଦ୍ର ନାରାୟଣ ବିଶ୍ୱାଳ, ବରପଦା ସି.ଏଚ୍.ସିର ଅଧିକାରୀ ଡ଼ା ଉମେଶ କୁମାର ଜେନା, ପି.ଓ. ଜିଲ୍ଲା ସମାଜ ମଙ୍ଗଳ ବିଭାଗର ସବିତା ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଡ଼ି.ପି.ଏମ୍, ଦେବବ୍ରତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇନଜୀବୀଙ୍କ କଲ୍ୟାଣ ପାଇଁ ଆମ ସରକାର ଦୃଢ ସଂକଳ୍ପବଦ୍ଧ- ଆଇନମନ୍ତ୍ରୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଜ୍ୟର ଆଇନଜୀବୀ ମାନଙ୍କ କଲ୍ୟାଣ ପାଇଁ ଆମ ସରକାର ଦୃଢ଼ ସଂକଳ୍ପବଦ୍ଧ ବୋଲି କହିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ରାଜ୍ୟ ସରକାରଙ୍କ ପକ୍ଷରୁ ଆଇନଜୀବୀଙ୍କ ଦେହାନ୍ତ କିମ୍ବା ଅବସରକାଳୀନ ସହାୟତା ରାଶିକୁ ଦୁଇ ଗୁଣା ବୃଦ୍ଧି କରାଯାଇଛି। ପୂର୍ବରୁ ଏହା ବାର୍ଷିକ ୫ କୋଟି ଥିବାବେଳେ ଆମ ସରକାର ଚଳିତ ବଜେଟରେ ଏହି ରାଶିକୁ ବୃଦ୍ଧି କରି ୧୦ କୋଟି କରିଛନ୍ତି । ଏହି ୧୦ କୋଟି ଟଙ୍କାକୁ ରାଜ୍ୟ ସରକାରଙ୍କ ତରଫରୁ ଓଡ଼ିଶା ଆଡ଼ଭୋକେଟ ୱେଲଫେୟାର ଟ୍ରଷ୍ଟକୁ ପ୍ରଦାନ କରାଯାଇଛି । ଏଥିରେ ଆଇନଜୀବୀ ବନ୍ଧୁ ମାନେ ପୂର୍ବ ସହାୟତା ରାଶି ୪.୫ ଲକ୍ଷ ବଦଳରେ ଦୁଇଗୁଣା ରାଶି ଅର୍ଥାତ୍ ୯ ଲକ୍ଷ ଟଙ୍କା ସହାୟତା ରାଶି ପାଇବେ ବୋଲି ମନ୍ତ୍ରୀ କହିଛନ୍ତି ।

# ୩୨୫ କେଜି ଗଞ୍ଜେଇ ଜବତ : ଦୁଇ ମାଫିଆ ଗିରଫ

**ନନ୍ଦପୁର, ନ୍ୟୁଜ ବ୍ୟୁରୋ**
ନନ୍ଦପୁର ବ୍ଲକ ପାଡୁଆ ଥାନା ଅଧୀନସ୍ଥ ଗୋଡ଼ିପୁଟ ଛକ ନିକଟରୁ ୩୨୫ କେଜି ଅବୈଧ ଗଞ୍ଜେଇ ସହ ମହିନ୍ଦ୍ରା ବୋଲେରୋ ଜବତ। ଦୁଇ ଅଭିଯୁକ୍ତ ଗିରଫ । ସୂଚନା ଅନୁସାରେ ପାଡୁଆ ଥାନା ଏସ ଆଇ ହିମାଂଶୁ ବେହେରା ନିଜ ସହକର୍ମୀଙ୍କ ସହ ନିତ୍ୟ ପେଟ୍ରୋଲିଂରେ ବାହାରିଥିଲେ । ଠିକ୍ ସେହି ସମୟରେ କୌଣସି ସୂତ୍ରରୁ ଖବର ମିଳିଲା ଯେ ଏକ ମହିନ୍ଦ୍ରା ବୋଲେରୋରେ କଳାପୁଟରୁ ଅବୈଧ ଗଞ୍ଜେଇ ନେଇ କାଷ୍ଟା ଛକ ଦେଇ ବ୍ରହ୍ମପୁର ଚାଲାଣ ହେବାକୁ ଯାଉଛି । ଚାଲାଣ ହେବା ବେଳେ ପଞ୍ଚାୟତରେ ଗୋଡ଼ିପୁଟ ଛକ ନିକଟରେ ପୋଲିସ ହାତରେ ଧରା ପଡିଲା ବୋଲେରୋଟି । ଗାଡ଼ି ଯାଞ୍ଚ ବେଳେ ସୂଚନାରୁ ପ୍ରକାଶଯେ ସେଥିରୁ ଗଞ୍ଜେଇ ଜବତ ହୋଇଛି । ପୋଲିସ ଗଞ୍ଜେଇ ସହ ଦୁଇ ଅଭିଯୁକ୍ତ ଯଥା ସେମିଳିଗୁଡା ଥାନା ଅନ୍ତର୍ଗତ କଙ୍ଗରା ଗ୍ରାମର ଗୁରୁ ଖରା ତଥା ଗଞ୍ଜାମର ଗଙ୍ଗପୁର ଥାନା ଅନ୍ତର୍ଗତ ଝଡ଼ବନ୍ଧା ଗ୍ରାମର ରୋହିତ ଜେନାଙ୍କୁ ଗିରଫ କରିଥିଲେ । ବିଡିଓ ତଥା ଦାୟିତ୍ୱାଧୀନ ମାଜିଷ୍ଟ୍ରେଟ ଦୁର୍ଗା ପ୍ରସାଦ ବୋରାଙ୍କ ଉପସ୍ଥିତିରେ ପୋଲିସ ବୋଲେରୋ ସହ ୩୨୫ କେଜି ଅବୈଧ ଗଞ୍ଜେଇ ଜବତ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ପାଡୁଆ ଥାନା ପୋଲିସ ଏହି ମାମଲାରେ ଏନଡିପିଏସ ଧାରା ୟୁ/ଏସ୍ ୨୦ ଅନୁସାରେ କେସ ନଂ -୧୫୨ ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛନ୍ତି । ପାଡୁଆ ଏଏସଆଇ ଟୁନା ସବରଙ୍କୁ ଏହି ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଥିବା ଜଣାପଡିଛି ।

# ନବୀନଙ୍କ ସମୟରେ ରାଜ୍ୟର ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ଭୂପିନ୍ଦର ଯାଦବ ରବିବାର ଟ୍ୱିଟ ମାଧ୍ୟମରେ ପ୍ରକାଶ କରିଥିବା ଇଣ୍ଡିଆ ଷ୍ଟେଟ ଫରେଷ୍ଟ ରିପୋର୍ଟର ତଥ୍ୟ ଅନୁଯାୟୀ ୨୦୨୩ ମସିହାରେ ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଂଚଳ ଓ ବୃକ୍ଷ ଆଚ୍ଛାଦିତ ଅଂଚଳ ବୃଦ୍ଧି କ୍ଷେତ୍ରରେ ଓଡିଶା ଦେଶର ସମସ୍ତ ରାଜ୍ୟ ମାନଙ୍କ ତୁଳନାରେ ଉଭୟ କ୍ଷେତ୍ରରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି। ବିଜୁ ଜନତା ଦଳ ତରଫରୁ ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ଃ ଲେନିନ ମହାନ୍ତି କହିଛନ୍ତି, ଗତ କିଛି ବର୍ଷ ଧରି ଲଗାତର ଭାବେ ଏହି ଦୁଇ କ୍ଷେତ୍ରରେ ଓଡିଶା ପ୍ରଭାଶାଳୀ ପ୍ରଦର୍ଶନ କରି ଆସୁଛି ଓ ଏହା ନବୀନ ସରକାରଙ୍କ ଅନେକ ଉପଲବ୍ଧି ମଧ୍ୟରୁ ଅନ୍ୟତମ ଓ ଆଜି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଯାଦବଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ ଏହାର ସ୍ୱୀକାରୋକ୍ତି। ଶ୍ରୀ ଯାଦବ ପ୍ରଦାନ କରିଥିବା ତଥ୍ୟ ଅନୁଯାୟୀ, ୨୦୨୩ ମସିହାରେ, ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଂଚଳ ବୃଦ୍ଧି କ୍ଷେତ୍ରରେ ସ୍ଥାନ ପାଇଥିବା ପ୍ରଥମ ତିନୋଟି ରାଜ୍ୟ ମଧ୍ୟରେ ପ୍ରଥମ ସ୍ଥାନରେ ଛତିଶଗଡ଼ ୬୮୪ ବର୍ଗ କିଲୋମିଟର, ଯୁଗ୍ମ ଦ୍ୱିତୀୟ ସ୍ଥାନରେ ଉତ୍ତର ପ୍ରଦେଶ ଓ ଓଡିଶା ଉଭୟ ୫୫୯ ବର୍ଗ କିଲୋମିଟର ଓ ତୃତୀୟ ସ୍ଥାନରେ ରାଜସ୍ଥାନ ୩୯୪ ବର୍ଗ କିଲୋମିଟର ବୃଦ୍ଧି ରେକର୍ଡ କରିଛି। ସେହିପରି, ବୃକ୍ଷ ଆଚ୍ଛାଦିତ ଅଂଚଳ ବୃଦ୍ଧି କ୍ଷେତ୍ରରେ ୨୪୨ ବର୍ଗ କିଲୋମିଟର ବୃଦ୍ଧି କରି ପ୍ରଥମ ସ୍ଥାନରେ ମିଜୋରାମ, ୧୮୦ ବର୍ଗ କିଲୋମିଟର ବୃଦ୍ଧି କରି ଗୁଜୁରାଟ ଦ୍ୱିତୀୟ ସ୍ଥାନରେ ଓ ୧୫୨ ବର୍ଗ କିଲୋମିଟର ବୃଦ୍ଧି କରି ଓଡିଶା ତୃତୀୟ ସ୍ଥାନରେ ରହିଛି। କେନ୍ଦ୍ର ମନ୍ତ୍ରୀ ଶ୍ରୀ ଯାଦବଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ ଜାତୀୟ ସ୍ତରରେ ଓଡିଶାର ପ୍ରଦର୍ଶନକୁ ସ୍ପଷ୍ଟ ଦର୍ଶାଉଛି। ଶ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁ କେବଳ ଜଙ୍ଗଲ ଅଭିବୃଦ୍ଧି କ୍ଷେତ୍ରରେ ନୁହେଁ, ଅନ୍ୟାନ୍ୟ ବିଭିନ୍ନ କ୍ଷେତ୍ରରେ ଜାତୀୟ ସ୍ତରରେ ଅନ୍ୟ ରାଜ୍ୟ ମାନଙ୍କ ତୁଳନାରେ ଭଲ ପ୍ରଦର୍ଶନ କରିଛି। ଏଥିପାଇଁ କେନ୍ଦ୍ର ସରକାର, ନୀତି ଆୟୋଗ ଓ ଆରବିଆଇ ଭଳି ସଂସ୍ଥା ନବୀନ ସରକାରଙ୍କ ଉପଲବ୍ଧିକୁ ସ୍ୱୀକାର କରିଛନ୍ତି ବୋଲି ଡ଼ଃ ମହାନ୍ତି କହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କୁଏତରେ ପ୍ରବାସୀ...

ସେଠାକୁ ଦୁଇ ଦିନିଆ ଗସ୍ତରେ ଯାଇଛନ୍ତି ମୋଦି । କୁଏତ ସିଟିରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ଭିତରେ ପ୍ରଧାନମନ୍ତ୍ରୀଙ୍କୁ ହୋଟେଲରେ ଜୋରଦାର ସ୍ୱାଗତ କରାଯାଇଥିଲା । ଏହାପରେ ଶେଖ ସାଦ ଅଲ ବଦ୍ଲୁ ଇନଡୋର ସ୍ପୋର୍ଟସ କମ୍ପ୍ଲେକ୍ସରେ ସେ ହାଲା ମୋଦି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ୨୪ରୁ ବର୍ଷା...

୨୫ ତାରିଖରେ ୧୧ ଜିଲ୍ଲାରେ ହାଲୁକା ବର୍ଷା ସମ୍ଭାବନା ରହିଛି ।

ରାଜ୍ୟରେ ଗତ କିଛିଦିନ ହେବ ପାଣିପାଗରେ ପରିବର୍ତ୍ତନ ଦେଖାଯାଉଛି । ୫ଦିନର ବର୍ଷାପାଗ ପରେ ରବିବାରଠୁ ଏଥିରେ ପରିବର୍ତ୍ତନ ହୋଇଛି । ଶୁଖିଲା ପାଗ ଆରମ୍ଭ ହେବା ଫଳରେ ଚାଷୀମାନଙ୍କୁ ଆଶ୍ୱସ୍ତି ମିଳିଛି । ଧାନ ଫସଲ ଅମଳ ସମୟ ହୋଇଥିବାରୁ ଚାଷୀମାନେ ସୋମବାରଠାରୁ ଫସଲର ରକ୍ଷଣାବେକ୍ଷଣ କରିବାକୁ ଚିନ୍ତା କରୁଛନ୍ତି । ଏହାରି ମଧ୍ୟରେ ସମ୍ଭାବିତ ବର୍ଷା ପୁଣି ଥରେ ଚାଷୀମାନଙ୍କର ଚିନ୍ତା ବଢ଼ାଇ ଦେଇଛି ।

ପାଣିପାଗ ବିଭାଗର ସୂଚନା ଅନୁସାରେ ବର୍ଷା ବ୍ୟତୀତ କୁହୁଡ଼ି ହେବାର ଯଥେଷ୍ଟ ସମ୍ଭାବନା ରହିଛି । ସୋମବାର ଘନ କୁହୁଡ଼ି ନେଇ ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । କେନ୍ଦୁଝର, ସୁନ୍ଦରଗଡ, ଝାରସୁଗୁଡ଼ା, ଅନୁଗୁଳ ଓ କଳାହାଣ୍ଡି ଜିଲ୍ଲାରେ କୁହୁଡ଼ି ପଡ଼ିପାରେ । ଏସବୁ ଜିଲ୍ଲାରେ ଦୃଶ୍ୟମାନ ଦୂରତା ୫୦ ମିଟର ତଳକୁ ଖସିପାରେ ।

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ, ଡିସେମ୍ବର ୨୭ରୁ ୨୮ ତାରିଖ ଯାଏଁ ପାଗ ଶୁଖିଲା ରହିବ । ୨୯ ତାରିଖରୁ ପୁଣି କୋହଲା ପାଗ ସହ ବର୍ଷା ସମ୍ଭାବନା ରହିଥିବା ବେଳେ ଆଗାମୀ ୩ ଦିନ ପରେ ଶୀତର ପ୍ରଭାବ ବଢ଼ିବ ।

ସୂଚନାଯୋଗ୍ୟ, ଗତ ୧୭ ତାରିଖ ଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇଥିଲା । ଡିସେମ୍ବର ୨୦ ଓ ୨୧ରେ ଉପକୂଳ ଓଡ଼ିଶାରେ ବର୍ଷା ଜାରି ରହିଥିଲା । କଟକ ଜିଲ୍ଲା କଣ୍ଟାପଡ଼ାରେ ସର୍ବାଧିକ ୪୫ମିମି ବର୍ଷା ରେକର୍ଡ ହୋଇଥିଲା । ଜଗତସିଂହପୁରରେ ୧୩.୬ ସର୍ବନିମ୍ନ ତାପମାତ୍ରା ଓ ପାହାଡିଆ ଅଞ୍ଚଳ କୋରାପୁଟ ଜିଲ୍ଲାର ସିମିଳିଗୁଡାରେ ୧୦.୬ ସର୍ବନିମ୍ନ ତାପମାତ୍ରା ରେକର୍ଡ କରାଯାଇଥିଲା ।

## ପ୍ରଧାନମନ୍ତ୍ରୀ ମୋଦିଙ୍କୁ ...

ବିଦେଶ ରାଜ ପରିବାରର ସଦସ୍ୟଙ୍କୁ ପ୍ରଦାନ କରାଯାଇଥାଏ । ପ୍ରଧାନମନ୍ତ୍ରୀ ମୋଦିଙ୍କ ପୂର୍ବରୁ ବିଲ କ୍ଲିଣ୍ଟନ, ପ୍ରିନ୍ସ ଚାର୍ଲ୍ସ ଓ ଜର୍ଜ ବୁଶଙ୍କ ଭଳି ବ୍ୟକ୍ତି ବିଶେଷ କୁଏତର ଏହି ସର୍ବୋଚ୍ଚ ସମ୍ମାନ ପାଇ ସାରିଛନ୍ତି । କୁଏତ ଗସ୍ତର ଦ୍ୱିତୀୟ ଦିନରେ ମୋଦି ଏହି ସମ୍ମାନ ଗ୍ରହଣ କରିବା ପରେ ତାଙ୍କୁ ବୟାନ ପ୍ୟାଲେସଠାରେ ଔପଚାରିକ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା । ଏହି ସମୟରେ ସେଠାରେ କୁଏତର ଏମିର (ପ୍ରିନ୍ସ) ଶେଖ ମିଶାଲ ଅଲ-ଅହମଦ ଅଲ-ଜାବେର ଅଲ-ଶବା ମଧ୍ୟ ଉପସ୍ଥିତ ଥିଲେ, ଯାହାଙ୍କ ନିମନ୍ତ୍ରଣରେ ପ୍ରଧାନମନ୍ତ୍ରୀ ମୋଦି ଦୁଇ ଦିନିଆ ଗଲ୍ଫ ରାଷ୍ଟ୍ର ଗସ୍ତରେ ଯାଇଛନ୍ତି ।

କୁଏତରେ ଥିବା ଭାରତୀୟ ସମୁଦାୟ ହେଉଛନ୍ତି ବିଶ୍ୱର ସବୁଠାରୁ ବଡ଼ ପ୍ରବାସୀ ଭାରତୀୟ ସମୁଦାୟ । ଦୀର୍ଘ ୪୩ ବର୍ଷ ପରେ ପ୍ରଥମ ଥର ପାଇଁ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀ କୁଏତ ଗସ୍ତରେ ଯାଇଥିବାରୁ ସେଠାରେ ଥିବା ଭାରତୀୟ ନାଗରିକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା । ପ୍ରଧାନମନ୍ତ୍ରୀ ମୋଦି ସେଠାରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରିବାକୁ ପ୍ରବାସୀ ଭାରତୀୟ ସମୁଦାୟଙ୍କ ପକ୍ଷରୁ ହାଲା ମୋଦି (ସ୍ୱାଗତ ମୋଦି) କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଓଡ଼ିଶାରେ ଆୟୋଜନ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମକୁ ଆସିବାକୁ ପ୍ରଧାନମନ୍ତ୍ରୀ ସେଠାରେ ଭାରତୀୟ ସମୁଦାୟଙ୍କୁ ନିମନ୍ତ୍ରଣ କରିଥିଲେ ।

## ନୂଆବର୍ଷରୁ ...

ପାହାଚ ଦେଇ ଭିତରକୁ ଆସିବେ । ଶ୍ରୀଜୀଉଙ୍କୁ ଦର୍ଶନ କରି ସାରିକି ଘଣ୍ଟି ଦ୍ୱାର ଓ ଗାରଦ ଦ୍ୱାର ଦେଇ ସେମାନେ ବାହାରକୁ ବାହାରିବେ । ଏଭଳି ବ୍ୟବସ୍ଥା କରାଯାଉଛି । ମହିଳା, ଛୋଟ ପିଲା ଓ ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ଦର୍ଶନ କିପରି ସୁଗମ ହେବ ସେଥି ପାଇଁ ଭିନ୍ନ ଏକ ବ୍ୟବସ୍ଥା କରାଯାଉଛି । ଘଣ୍ଟି ଦ୍ୱାରରେ ମହିଳା ଓ ବରିଷ୍ଠ ନାଗରିକ ପ୍ରସ୍ଥାନ କରିବେ ଓ ଗାରଦ ଦ୍ୱାରରେ ପୁରୁଷମାନେ ଦର୍ଶନ କରି ବାହାରିବେ । ଏଥିପାଇଁ ବ୍ୟବସ୍ଥା କରାଯାଉଛି । ଯେଉଁ ଜାଗାରେ ବାଡ଼ ଲଗାଯାଉଛି ମୁଁ ଓ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଘଣ୍ଟାଏରୁ ଅଧିକ ଯାଇ ତା'ର ସମୀକ୍ଷା କରିଥିଲୁ । ଏହି କାମ ବି ଶୀଘ୍ର ସରିବ ବୋଲି ଆଇନ ମନ୍ତ୍ରୀ କହିଛନ୍ତି । ସେବାୟତ ବିନାୟକ ଦାସ ମହାପାତ୍ର କହିଛନ୍ତି, ବ୍ୟବସ୍ଥା ଯାହା କରାଯାଉଛି ଭକ୍ତମାନେ ନିଶ୍ଚିତ ଉପକୃତ ହେବେ । ଏନେଇ ସମସ୍ତଙ୍କ ସାଙ୍ଗରେ ବିଚାର ବିମର୍ଶ କରାଯାଇ କରାଯିବାର ଦରକାର ଥିଲା ।

# ସାମ୍ବାଦିକମାନଙ୍କୁ ସୁରକ୍ଷା, ସୁବିଧା ଓ ଅଧିକାର ପ୍ରଦାନ କରିବା ଆମର ଦାୟିତ୍ୱ : କେନ୍ଦ୍ର ଶିକ୍ଷାମନ୍ତ୍ରୀ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଓଡ଼ିଶାରେ ସାମ୍ବାଦିକ ବନ୍ଧୁମାନେ ଖବର ପ୍ରସାରଣ ସହ ବିଭିନ୍ନ କାର୍ଯ୍ୟରେ ଗୁରୁ ଦାୟିତ୍ୱ ନିର୍ବାହ କରୁଛନ୍ତି । ଓଡ଼ିଶାର ଅଧିକାରରେ ସାମ୍ବାଦିକ ବନ୍ଧୁମାନଙ୍କର ବି ଦାୟିତ୍ୱ ଅଛି । ଏହି ସାମ୍ବାଦିକ ବନ୍ଧୁମାନଙ୍କର ସୁରକ୍ଷା, ଅଧିକାର ଓ ସୁବିଧା ପାଇଁ ସାମ୍ବାଦିକ ସୁରକ୍ଷା ଅଧିନିୟମ ଆଣିବା ସହ ସେମାନଙ୍କୁ ବିଧିବିଦ୍ଧ ଭାବରେ ମାନ୍ୟତା ପ୍ରଦାନ କରିବା ତଥା ପେନସନ ବ୍ୟବସ୍ଥା କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଓଡ଼ିଶା ସାମ୍ବାଦିକ ୟୁନିୟନ(ଓୟୁଜେ)ର ୫୩ତମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ସାମ୍ବାଦିକମାନଙ୍କ ସ୍ୱାର୍ଥ, ସୁରକ୍ଷା ଓ ସଂଘର୍ଷକୁ ସବୁବେଳେ ଗୁରୁତ୍ୱ ଦେଇ ଆସୁଥିବା ଓଡ଼ିଶା ସାମ୍ବାଦିକ ୟୁନିୟନର କାର୍ଯ୍ୟ ପ୍ରଶଂସନୀୟ । ଆମ ଦେଶର ସମ୍ବିଧାନର ଗୌରବମୟ ୭୫ ବର୍ଷ ପୂର୍ତ୍ତି ହୋଇଛି । ତେବେ ସମ୍ବିଧାନ ପ୍ରଣୟନ ହେବା ପରେ ଦେଶରେ ପ୍ରଥମ କରି ଯେଉଁ ନିର୍ବାଚନ ହୋଇଥିଲା, ତାହା ପୂର୍ବରୁ ସମ୍ବିଧାନ ସଂଶୋଧନ କରାଗଲା । ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ସମ୍ବିଧାନର ସଂଶୋଧନ କରାଇଥିଲେ, ଯାହାର ବଡ ଶିକାର ହୋଇଥିଲେ ସାମ୍ବାଦିକ । ବାକ୍ ସ୍ୱାଧୀନତାକୁ ସଂଶୋଧନ କରାଗଲା, ଯେଉଁ ସଂଶୋଧନ ଥିଲା ସମାଲୋଚନାରୁ ବଞ୍ଚିବା ପାଇଁ । ଶ୍ରୀ ପ୍ରଧାନ ଆହରି କହିଛନ୍ତି ଯେ ଆମ ଦେଶ ହେଉଛି ଗଣତାନ୍ତ୍ରିକ ରାଷ୍ଟ୍ର । ଏହି ଗଣତନ୍ତ୍ରର କିଛି ସର୍ତ୍ତ ଅଛି । ସର୍ତ୍ତ ହେଉଛି ୫ ବର୍ଷରେ ଥରେ ଜନପ୍ରତିନିଧିଙ୍କ ପାଇଁ ପରୀକ୍ଷା ସଦୃଶ ନିର୍ବାଚନ ହେବ । ସମସ୍ତ ଜନପ୍ରତିନିଧିମାନେ ଗଣତନ୍ତ୍ରର ପୂଜାରୀ । ଅନେକ କଳ୍ପନା ଓ ଯୋଜନାକୁ ନେଇ ସେମାନେ ସମାଜ ପାଖକୁ ଯାଆନ୍ତି । ତେବେ ତାହା ଠିକ୍ ନା ଭୁଲ ତାହାକୁ ଦେଖାଇବାର ଦାୟିତ୍ୱ ସାମ୍ବାଦିକମାନଙ୍କର । ଜନପ୍ରତିନିଧିଙ୍କ କଥାର ନିର୍ଣ୍ଣୟ ସମାଜ କରିବ । ମାତ୍ର ଆଜି ଦଳେ ଲୋକ ସତ୍ୟକୁ ସାମ୍ନା କରିବାର ସାହସ ରଖୁନାହାନ୍ତି । ହାରିଲେ ଇଭିଏମକୁ ଦୋଷ ଦେଉଛନ୍ତି । ପ୍ରଜାତନ୍ତ୍ରକୁ ସମ୍ମାନ ଦେବା ଆମର କର୍ତ୍ତବ୍ୟ। ଏହିପରି ଭାବରେ ଗତ ନିର୍ବାଚନରେ ଓଡ଼ିଆ ଅସ୍ମିତା ଓ ଓଡ଼ିଆ ଲୋକଙ୍କ ସୁରକ୍ଷା ପାଇଁ ନିର୍ବାଚନ ଥିଲା । ଓଡ଼ିଆ ଲୋକ ଜିତିବ ନା ହାରିବ, ତାହା ହିଁ ଥିଲା ମୂଳ ପ୍ରସଙ୍ଗ, ଯେଉଁଥିରେ ସାମ୍ବାଦିକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ତେବେ ଗଣତନ୍ତ୍ରରେ କୌଣସି ବିଜୟ ସ୍ଥାୟୀ ନୁହେଁ । ସ୍ଥାୟୀ ବିଜୟ ଦୀର୍ଘକାଳୀନ ହେଲେ ସ୍ୱେଚ୍ଛାଚାରିତା ବଢିଯିବ । ଓଡ଼ିଶାରେ ଶାସନ କ୍ଷମତା ପରିବର୍ତ୍ତନ କରାଇବାରେ ସାମ୍ବାଦିକମାନଙ୍କର ଭୂମିକା ରହିଥିଲା । ସାମ୍ବାଦିକମାନଙ୍କୁ ସତ କହିବା ସହ ସମାଲୋଚନା କରିବା ଏବଂ ଜଣେ ଜଣେ ସାହସୀ ହେବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି । ଓଡ଼ିଶା ଏକ ସମୃଦ୍ଧ, ବୌଦ୍ଧିକସମ୍ପନ୍ନ ଏବଂ ବଳଶାଳୀ ରାଜ୍ୟ । ଆମେ କଳିଙ୍ଗ ଯୁଦ୍ଧ ଲଢିଥିଲୁ । କଳିଙ୍ଗ ଯୁଦ୍ଧରେ ଓଡ଼ିଆଙ୍କ ସାମୂହିକ ଏକତା ଓ ଇଚ୍ଛାଶକ୍ତି ଅଶୋକଙ୍କ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ କରିଥିଲା । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କାଞ୍ଚି ବିଜୟ କରିଥିଲେ । ରାଜା କପିଳେନ୍ଦ୍ର ଦେବଙ୍କ ବିଶାଳ ସାମ୍ରାଜ୍ୟ ଗୋଦାରୁ ଗୋଦାବରୀ ପର୍ଯ୍ୟନ୍ତ ବ୍ୟାପିଥିଲା । ବିଶ୍ୱ ମହାରଣାଙ୍କ ଦ୍ୱାରା କୋଣାର୍କ ମନ୍ଦିର ନିର୍ମାଣ ହୋଇଥିଲା। କୋଣାର୍କ ମନ୍ଦିରରେ ମୁଣ୍ଡି ମାରି ଧର୍ମପଦ ବାରଶହ ବଢେଇଙ୍କ ଜୀବନ ରକ୍ଷା କରିଥିଲେ । ଓଡ଼ିଶାର ବୀରତ୍ୱ ଏବଂ ଓଡ଼ିଆ ଜାତିର ସମ୍ପନ୍ନତା ଏବଂ ବୁଦ୍ଧିକୁ ପ୍ରତିଫଳିତ କରୁଛି । ଓଡ଼ିଶାର ପ୍ରଗତି ଆଗାମୀ ଦିନରେ କଣ ହେବ ? ଓଡ଼ିଶାର ପୁଞ୍ଜି ହେଲା ବୌଦ୍ଧିକ କ୍ଷମତା । ଓଡ଼ିଆ ଲୋକମାନଙ୍କ ପରିଶ୍ରମର ପାରାକାଷ୍ଠାର ଅନେକ ଉଦାହରଣ ରହିଛି । ସାରଳା ଦାସଙ୍କ ଓଡ଼ିଆ ମହାଭାରତ, ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣ, ପଠାଣୀ ସାମନ୍ତଙ୍କ ଅଗାଧ ପାଣ୍ଡିତ୍ୟ, ଓଡ଼ିଶାର ଉତ୍କୃଷ୍ଟ କଳା, ପୋଥି, ଭାସ୍କର୍ଯ୍ୟ ଆମର ଅନନ୍ୟ ବିଭବ । ଏହି ସବୁର ପ୍ରଚାର ପ୍ରସାର ସହ ବିଶ୍ୱବିଦିତ କରାଇବା ଦାୟିତ୍ୱ ହେଉଛି ସାମ୍ବାଦିକମାନଙ୍କର । ଆଗାମୀ ଦିନରେ ରାଜ୍ୟରେ ପ୍ରଥମ ଥର ପାଇଁ ପ୍ରବାସୀ ଭାରତୀୟ ସମାରୋହ ଅନୁଷ୍ଠିତ ହେବାକୁ ଯାଉଛି । ପୂର୍ବରୁ ଓଡ଼ିଶାରେ ନୌସେନା ଦିବସ ପାଳନ ହୋଇଛି । ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ମଧ୍ୟ ଏଠାରେ ଆୟୋଜନ ହେବାକୁ ଯାଉଛି । ଓଡ଼ିଶାର ସୁଦୀର୍ଘ ବେଳାଭୂମିରେ ଥିବା ସମ୍ଭାବନାକୁ ଉପଯୋଗ କରିବା ସହ ବଣମଲ୍ଲିଙ୍କୁ ଲୋକଲୋଚନକୁ ଆଣିବା ସାମ୍ବାଦିକମାନଙ୍କର ଦାୟିତ୍ୱ ହେଉ । କଳାହାଣ୍ଡି ଜିଲ୍ଲାରେ ଦୁଇ ପୁଅ ଝିଅ ଇଞ୍ଜିନିୟରିଂ ପଢ଼ି ସାରିବା ପରେ ଛେଳି ଫାର୍ମ କରିଛନ୍ତି ଏହି ବିଷୟକୁ ନେଇ ଆମେ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ଦରକାର। ସାମ୍ବାଦିକତା ମାଧ୍ୟମରେ ଓଡ଼ିଶାର ବଣମଲ୍ଲିମାନଙ୍କୁ ଆଗକୁ ଆଣିବାର ଆବଶ୍ୟକତା ଅଛି ଯାହା ଫଳରେ ଓଡିଶା ବୈଭବଶାଳୀ ଓ ବିକଶିତ ଓଡ଼ିଶା ଗଠନ ହୋଇପାରିବ । ଆମର ବୈଭବକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ସାମ୍ବାଦିକ ବନ୍ଧୁମାନେ ଆଗାମୀ ଦିନରେ ନିରନ୍ତର ପ୍ରୟାସ ଜାରି ରଖିବେ । ୨୦୩୬ ଓ ୨୦୪୭ ସମୟ ଅବଧି ମଧ୍ୟରେ ଓଡ଼ିଶାକୁ ଅଗ୍ରଣୀ ଅଞ୍ଚଳ ତିଆରି କରିବାରେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ବଡ ଭୂମିକା ରହିବ । ଅଧିକାର ସେତେବେଳେ ପୂରା ହେବ, ଯେତେବେଳେ ଜଣେ ଦାୟିତ୍ୱ ନେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ପ୍ରତିଭାବାନ ଯୁବ ସାମ୍ବାଦିକମାନଙ୍କୁ ସାମ୍ବାଦିକ ପୁରସ୍କାରରେ ସମ୍ମାନିତ କରିଥିଲେ ।


ଭୁବନେଶ୍ୱର
୨୩ ଡିସେମ୍ବର
ସୋମବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/25-27

# ରାଷ୍ଟ୍ରୀୟ ମହତ୍ତ୍ୱ ସ୍ମାରକୀ କପିଳେଶ୍ୱର ମନ୍ଦିର ଅବହେଳିତ

**ଭୁବନେଶ୍ୱର, ୨୨/୧୨ ନ୍ୟୁଜ ବ୍ୟୁରୋ**

ଦେଢ଼ ବର୍ଷ ତଳେ ପ୍ରାଚୀନ ଶୈବପୀଠ କପିଳେଶ୍ୱର ମନ୍ଦିରକୁ କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ 'ରାଷ୍ଟ୍ରୀୟ ମହତ୍ତ୍ୱ ସ୍ମାରକୀ' ଘୋଷଣା କଲା। ନେତା-ନେତା, ଦଳ-ଦଳ ଭିତରେ ଶ୍ରେୟ ନେବାକୁ ପ୍ରତିଯୋଗିତା ଚାଲିଲା। ଖୁସିରେ ଆତ୍ମହରା ହେଲେ ସ୍ଥାନୀୟ ବାସିନ୍ଦା ଓ ସେବାୟତ। ଆଶାଥିଲା ଏଏସ୍ଆଇ ଅଧୀନକୁ ଯିବା ପରେ ମନ୍ଦିରର ଭାଗ୍ୟ ବଦଳିଯିବ। କିନ୍ତୁ ଦେଢ଼ ବର୍ଷ ପରେ ବି ମନ୍ଦିର କାମ ହେଲାନାହିଁ। ପଞ୍ଚଦଶ ଶତାବ୍ଦୀର ଏହି ମନ୍ଦିର ଏବେ ବି ଅବହେଳିତ। କପିଳେଶ୍ୱର ମନ୍ଦିର ସମେତ ବେଢ଼ାରେ ଥିବା ପ୍ରଥମ ଓ ଦ୍ୱିତୀୟ କପିଳେଶ୍ୱର, ମୁଖ୍ୟ ଠାକୁରାଣୀ ଚତୁର୍ଭୁଜା ଦୁର୍ଗା, ମା' ପାର୍ବତୀ ଓ ଅନ୍ୟ ସମସ୍ତ ମନ୍ଦିରରେ ଖୋଦେଇ ହୋଇଥିବା ବିରଳ କାରୁକାର୍ଯ୍ୟସବୁ ଲିଭି ଗଲାଣି। ବର୍ଷ ବର୍ଷ ଧରି ଖରା ଓ ବର୍ଷାରେ ମନ୍ଦିର ଫିକା ପଡ଼ିଗଲାଣି। ସାମାନ୍ୟ ବର୍ଷାହେଲେ ମୁଖ୍ୟମନ୍ଦିରର ଜଗମୋହନ, ଭଣ୍ଡାରଗୃହ, ନାଟମଣ୍ଡପ, ରୋଷଘର (ଅଛିଣ୍ଡା ପାହାଚ) ସମେତ ଗର୍ଭଗୃହ ସାରା ପାଣି ଗଳୁଛି। ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ



ଥିବା ମଣିକର୍ଣ୍ଣିକା ପୁଷ୍କରିଣୀ ଓ ଠାକୁରଙ୍କ ନୀତି ପାଇଁ ପାଣି ଯାଉଥିବା ବାମ୍ଫି ଅବହେଳିତ ହୋଇପଡ଼ିଛି। ଏଏସ୍ଆଇ ଅଧୀନକୁ ମନ୍ଦିର ଯିବା ପୂର୍ବରୁ ମନ୍ଦିର କାମ ପାଇଁ ସେବାୟତମାନେ ଦାବି କରିଥିଲେ ହେଁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଆଖି ବୁଜି ଦେଇଥିଲା। ତେଣୁ ଏଏସ୍ଆଇ ହାତକୁ ନେବାପାଇଁ ସେବାୟତମାନେ ସାଂସଦଙ୍କୁ ନିବେଦନ କରିଥିଲେ। ଏଏସ୍ଆଇ ହାତକୁ ଯିବା ପରେ ଲୋକ ଦେଖାଣିଆ ଭାବେ ମନ୍ଦିରକୁ ସଫା କରାଯାଇଥିଲା। କିନ୍ତୁ ଅନ୍ୟାନ୍ୟ କାମ ଏପର୍ଯ୍ୟନ୍ତ କରାଯାଇନାହିଁ। ଯାହାକୁ ନେଇ ସେବାୟତମାନେ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସେବାୟତମାନେ ମନ୍ଦିର ସୁରକ୍ଷା ଓ ସଂରକ୍ଷଣ ପାଇଁ ଏଏସ୍ଆଇକୁ ଚିଠି ଲେଖି ଜଣାଇଛନ୍ତି। କପିଳେଶ୍ୱର ମନ୍ଦିରକୁ ଏକାମ୍ର ପ୍ରକଳ୍ପରେ ସାମିଲ କରିବାକୁ ଦାବି ହେବା ପରେ ବିଜେଡି ସରକାର ଯୋଜନା କରିଥିଲେ। ୫୦ବର୍ଷ ପାଇଁ ମନ୍ଦିରକୁ ଯେପରି ଅର୍ଥର ଅଭାବ ରହିବନି ସେନେଇ ସ୍ଥାୟୀ ବ୍ୟବସ୍ଥା ସହ ପାରିପାର୍ଶ୍ୱିକ ବିକାଶର ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏନ୍ଏଚ୍-୩୧୬ ଠାରୁ କପିଳେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଚଉଡ଼ା ରାସ୍ତା ନିର୍ମାଣ ପାଇଁ ୫୦କୋଟିର ଖର୍ଚ୍ଚ ଅଟକଳ କରିଥିଲେ। ସରକାର ବଦଳିବା ପରେ ଏସବୁ ଶୀତଳ ଭଣ୍ଡାରରେ। ସେବାୟତ ଅରବିନ୍ଦ ମଲିଆ କହିଛନ୍ତି ଏଏସ୍ଆଇ ନେବା ପରେ ସକାଳ ଓ ସନ୍ଧ୍ୟାରେ କେବଳ ମନ୍ଦିର ପରିସରକୁ ସଫା କରାଯାଉଛି। ୨୫ଟି ବିନ୍ଦୁରେ କାମ କରିବାକୁ ଏଏସ୍ଆଇକୁ ପରାମର୍ଶ ଦିଆଯାଇଛି। କର୍ପୋରେଟର ଚନ୍ଦ୍ରଶେଖର ମଲିଆ କହିଛନ୍ତି ରକ୍ଷଣାବେକ୍ଷଣ ଅଭାବରୁ ମନ୍ଦିର ଅବସ୍ଥା ଭଲ ନାହିଁ। ଏଏସ୍ଆଇ ତୁରନ୍ତ ଏସବୁ ସମସ୍ୟାର ସମାଧାନ କରୁ।

# ପ୍ରାକ୍ ବଜେଟ୍ ପ୍ରସ୍ତୁତି ବୈଠକରେ ବିଭିନ୍ନ ଦାବି ଜଣାଇଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୨୨/୧୨ ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଦିନ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରାକ୍ ବଜେଟ୍ ପ୍ରସ୍ତୁତି ବୈଠକରେ ରାଜ୍ୟ ପକ୍ଷରୁ ବିଭିନ୍ନ ଦାବି ରଖିଛନ୍ତି। ଓଡ଼ିଶାର ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ ଅଧିକ ଅର୍ଥର ଆବଶ୍ୟକତା ଥିବା ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଥିବା ସୂଚନା ମିଳିଛି। ପୁଞ୍ଜି ନିବେଶ ପାଇଁ ସ୍ୱତନ୍ତ୍ର ଆର୍ଥିକ ସହାୟତା, ସହରୀକରଣ ପାଇଁ ମାଷ୍ଟରପ୍ଲାନ ସହାୟତା, ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀ ଗୋପାଳପୁରରେ ସ୍ୱତନ୍ତ୍ର ଅର୍ଥନୈତିକ କରିଡର ଏବଂ ଝାରସୁଗୁଡ଼ାରେ ଇଣ୍ଡଷ୍ଟ୍ରିଆଲ ଟାଉନସିପ୍ ପାଇଁ ମଧ୍ୟ ଦାବି କରି ଥିବା ଜଣାପଡିଛି। ଓଡ଼ିଶାରେ ପର୍ଯ୍ୟଟନ କ୍ଷେତ୍ରରେ ଅଧିକ ପୁଞ୍ଜି ନିବେଶ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଦେବାକୁ କେନ୍ଦ୍ରକୁ ନିବେଦନ କରିଛନ୍ତି। ଏହାବ୍ୟତୀତ ଜଳ ଜୀବନ ମିଶନ ଅଧୀନରେ ଅଧିକ ଅର୍ଥ ଏବଂ ବାକି ପଡ଼ିଥିବା ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ପ୍ରାକ୍ ବଜେଟ୍ ପ୍ରସ୍ତୁତି ବୈଠକରେ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ରଖିଥିବା ସୂଚନା ମିଳିଛି। ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ, ୨୦୨୫-୨୬ ଆର୍ଥିକ ବର୍ଷର ପ୍ରାକ୍ ବଜେଟ୍ ପ୍ରସ୍ତୁତି ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ନେତୃତ୍ୱରେ ବସିଥିଲା ବୈଠକ। ଏଥିରେ ବିଭିନ୍ନ ରାଜ୍ୟର ଅର୍ଥମନ୍ତ୍ରୀ ମଧ୍ୟ ଯୋଗଦେଇଥିଲେ।

# ଡ. ଅଚ୍ୟୁତ ସାମନ୍ତଙ୍କୁ ୬୪ତମ ସମ୍ମାନସୂଚକ ଡକ୍ଟରେଟ୍



**ଭୁବନେଶ୍ୱର, ୨୨।୧୨ ନ୍ୟୁଜ ବ୍ୟୁରୋ**

ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ କର୍ଣ୍ଣାଟକର ଖ୍ୟାତି ସମ୍ପନ୍ନ ଆଲାଏନ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। ରବିବାର ଆଲାଏନ୍ସ ବିଶ୍ୱବିଦ୍ୟାଳୟର ୧୩ତମ ସମାବର୍ତ୍ତନ ସମାରୋହ ଅବସରରେ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ହେଉଛି ଡ. ଅଚ୍ୟୁତ ସାମନ୍ତଙ୍କ ୬୪ତମ ସମ୍ମାନସୂଚକ ଡକ୍ଟରେଟ୍। ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ସମ୍ମାନ ଗ୍ରହଣ କରି ଡ. ସାମନ୍ତ କହିଛନ୍ତି, ବିଗତ ୩ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ମୁଁ ନିରନ୍ତର ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିଆସୁଛି। ଏହି ସମ୍ମାନ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ ବୋଲି ଡ. ସାମନ୍ତ କହିଛନ୍ତି। ଏହା ପୂର୍ବରୁ ସମାଜସେବା ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ବିଶ୍ୱର ବିଭିନ୍ନ ଦେଶର ବହୁ ସମ୍ମାନଜନକ ବିଶ୍ୱବିଦ୍ୟାଳୟ ଓ ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ ଡ.ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡ଼ିଗ୍ରୀ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଡ.ଅଚ୍ୟୁତ ସାମନ୍ତଙ୍କ ସହ ଗୋଆ ରାଜ୍ୟପାଳ ପି. ଏସ୍. ଶ୍ରୀଧରନ୍ ପିଲାଇ, ନୀତି ଆୟୋଗ ସଦସ୍ୟ ତଥା ଜବାହରଲାଲ୍ ନେହରୁ ବିଶ୍ୱବିଦ୍ୟାଳୟ କୁଳାଧିପତି ପଦ୍ମ ଭୂଷଣ ଡ. ବିଜୟ କୁମାର ସାରସ୍ୱତ, ଭାରତୀୟ ଖେଳକୁଦ ସଂଘର ଉପସଭାପତି ପଦ୍ମଶ୍ରୀ ଅଞ୍ଜୁ ବବି ଜର୍ଜଙ୍କୁ ମଧ୍ୟ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କର୍ଣ୍ଣାଟକ ବିଧାନ ପରିଷଦ ଅଧ୍ୟକ୍ଷ ବାସବରାଜ ଶିବଲିଙ୍ଗାପ୍ପା ହେରାଟି, କର୍ଣ୍ଣାଟକ ସରକାରଙ୍କ ଗ୍ରାମାଞ୍ଚଳ ବିକାଶ ଓ ପଞ୍ଚାୟତିରାଜ, ଆଇଟି ଓ ବିଟି ବିଭାଗ ମନ୍ତ୍ରୀ ପ୍ରିୟାଙ୍କ ମଲ୍ଲିକାର୍ଜୁନ ଖଡ଼ଗେ, ଏରୋନଟିକ ଡେଭେଲପମେଣ୍ଟ ଏଜେନ୍ସୀ ଗଭର୍ଣ୍ଣିଂ ବଡ଼ି ଅଧକ୍ଷ ଡ. ଜି ସତୀଶ ରେଡ୍ଡୀ ଓ ଆଲାଏନ୍ସ ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ପ୍ରେମାନନ୍ଦ ସେଟ୍ଟୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ବୋଲି ସୂଚନା ମିଳିଛି।

# ଆରପାରିରେ ଭୁବନେଶ୍ୱର ମଧ୍ୟ ପୂର୍ବତନ ବିଧାୟକ ବିଜୟ କୁମାର ମହାନ୍ତି



**ଭୁବନେଶ୍ୱର, ୨୨।୧୨ ନ୍ୟୁଜ ବ୍ୟୁରୋ**

ଆରପାରିରେ ଭୁବନେଶ୍ୱର ମଧ୍ୟ ପୂର୍ବତନ ବିଧାୟକ ବିଜୟ କୁମାର ମହାନ୍ତି। ୬୩ ବର୍ଷ ବୟସରେ ବିଜୟ ମହାନ୍ତିଙ୍କ ଦେହାନ୍ତ ହୋଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ବିଜେଡି ଟିକେଟରେ ଦୁଇଥର ବିଧାୟକ ହୋଇଥିଲେ। ଏଥିସହ ଦୁଇ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୯ ଓ ୨୦୧୪ ନିର୍ବାଚନରେ ବିଜୟୀ ହୋଇଥିଲେ। ୧୯୬୪ ମସିହା ଅକ୍ଟୋବର ୩ ତାରିଖରେ ବିଜୟ ମହାନ୍ତିଙ୍କ ଜନ୍ମ ହୋଇଥିଲା। ପିଲାବେଳରୁ ରାଜନୀତି ପ୍ରତି ବିଜୟଙ୍କ ଦୁର୍ବଳତା ରହିଥିଲା। ଏହିକ୍ରମରେ ପ୍ରଥମେ ବିଜୁ ଜନତା ଦଳର ଜଣେ କର୍ମୀ ଭାବେ ସାମିଲ ହୋଇଥିଲେ। ପରେ ତାଙ୍କର ଦକ୍ଷତା ଏବଂ କାର୍ଯ୍ୟଶୈଳୀ ଦେଖି ବିଭିନ୍ନ ପଦ ପଦବୀ ଦିଆଯାଇଥିଲା। ୧୯୮୨ ମସିହାରେ ଛାତ୍ର ଜନତା ଦଳର ପ୍ରଥମେ ସଚିବ ଭାବେ କାମ କରିଥିଲେ। ଏହାପରେ ୧୯୮୮ରୁ ୯୨ ପର୍ଯ୍ୟନ୍ତ (ଭୁବନେଶ୍ୱର) ଯୁବ ଜନତା ଦଳର ସଭାପତି, ୧୯୯୨ରୁ ୯୮ ଯାଏଁ ବିଜେଡିର ସଚିବ ରହିଥିଲେ। ପରବର୍ତ୍ତୀ ସମୟରେ ସେ ଅନେକ ପଦପଦବୀ ସମ୍ଭାଳିଥିଲେ। ଶେଷରେ ୨୦୦୯ ବିଧାନସଭା ନିର୍ବାଚନରେ ବିଜେଡି ବିଜୟ ମହାନ୍ତିଙ୍କୁ ଭୁବନେଶ୍ୱର ମଧ୍ୟ ଆସନରୁ ଟିକେଟ ଦେଇଥିଲା। ଆଉ ସେ ଦଳର ମାନ ରଖି ବିଜୟୀ ହୋଇଥିଲେ। ଏହାପରେ ୨୦୧୪ରେ ପୁଣି ଥରେ ଦଳ ତାଙ୍କ ଉପରେ ଭରସା କରିଥିଲା। ଆଉ ସେହି ସମାନ ଆସନରୁ ବିଧାୟକ ଟିକେଟ ବି ଦେଇଥିଲା। ଏଥର ବି ଦଳକୁ ନିରାଶ କରିନଥିଲେ ବିଜୟ ମହାନ୍ତି। ରେକର୍ଡ ସଂଖ୍ୟକରେ ନିଜ ପ୍ରତିଦ୍ୱନ୍ଦୀଙ୍କୁ ହରାଇ ୨ୟ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ହେଲେ ୨୦୧୯ରେ ଦଳ ତାଙ୍କୁ ଟିକେଟରୁ ବାଦ୍ ଦେଇଥିଲା। ତାଙ୍କ ବଦଳରେ ମଧ୍ୟ ଆସନ ଲାଗି ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି)ର ପୂର୍ବତନ ମେୟର ତଥା ବରିଷ୍ଠ ନେତା ଅନନ୍ତ ନାରାୟଣ ଜେନାଙ୍କୁ ଟିକେଟ ଦେଇଥିଲେ ସୁପ୍ରିମୋ।

## ବାଚସ୍ପତିଙ୍କ ଶୋକପ୍ରକାଶ...

**ଭୁବନେଶ୍ୱର, ୨୨/୧୨ ନ୍ୟୁଜ ବ୍ୟୁରୋ**

ପୂର୍ବତନ ବିଧାୟକ ବିଜୟ କୁମାର ମହାନ୍ତିଙ୍କ ପରଲୋକରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଶୋକ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ପୂର୍ବତନ ବିଧାୟକ ସମାଜସେବୀ ବିଜୟ କୁମାର ମହାନ୍ତିଙ୍କ ପରଲୋକ ଖବର ପାଇ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ। ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ ଲଗାତାର ଭାବେ ଦୁଇ ଦୁଇ ଥର ବିଧାନସଭାକୁ ନିର୍ବାଚିତ ହୋଇ ବିଧାୟକ ଭାବେ ତାଙ୍କ ଦାୟିତ୍ୱ ତୁଲାଇ ଥିଲେ। ସମାଜର ତଳସ୍ତରେ ଥିବା ଜନ ସାଧାରଣଙ୍କର ସ୍ୱାର୍ଥକୁ ସେ ସବୁବେଳେ ଗୁରୁତ୍ୱ ଦେଇ ଆସୁଥିଲେ। ତାଙ୍କର ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରୁଛି ବୋଲି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଏକ ଶୋକବାର୍ତ୍ତାରେ ଜଣାଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର ୨୨।୧୨ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ବିଜୟ ମହାନ୍ତିଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ସ୍ୱର୍ଗତ ମହାନ୍ତି ଜଣେ ଦକ୍ଷ ସଂଗଠକ, ସମାଜସେବୀ ଓ ପରୋପକାରୀ ବ୍ୟକ୍ତି ଭାବେ ସମସ୍ତଙ୍କର ପ୍ରିୟ ଭାଜନ ଥିଲେ। ୨୦୦୯ ଏବଂ ୨୦୧୪ରେ କ୍ରମାଗତ ଭାବେ ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ସେ ତାଙ୍କ ଲୋକପ୍ରିୟତାକୁ ପ୍ରମାଣିତ କରିଛନ୍ତି। ଛାତ୍ର ରାଜନୀତିରୁ ରାଜନୈତିକ କ୍ୟାରିୟର ଆରମ୍ଭ କରି ଭୁବନେଶ୍ୱର ଯୁବ ବର୍ଗଙ୍କ ପାଖରେ ବାଦଲ ଭାଇ ଭାବେ ସେ ପରିଚିତ ଥିଲେ। ସମାଜର ଗରିବ ଓ ଅବହେଳିତଙ୍କ କଲ୍ୟାଣ ସାଧନକୁ ସେ ସର୍ବଦା ପ୍ରାଧାନ୍ୟ ଦେଉଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ଗଭୀର ସମବେଦନା ଜଣାଇଛନ୍ତି।

# ଚାଷୀଙ୍କୁ ପର୍ଯ୍ୟାପ୍ତ ପରିମାଣରେ କ୍ଷୟକ୍ଷତି ପ୍ରଦାନ କରାଯିବ : ରାଜସ୍ୱ ମନ୍ତ୍ରୀ

**ଭୁବନେଶ୍ୱର, ୨୨।୧୨ ନ୍ୟୁଜ ବ୍ୟୁରୋ**

ଅଦିନିଆ ବର୍ଷାରେ ହୋଇଥିବା କ୍ଷୟକ୍ଷତିର ଆକଳନ ହେବ। ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ଶନିବାର ଯାଏଁ ବର୍ଷା ଲାଗି ରହିଥିଲା। ଫଳରେ କ୍ଷୟକ୍ଷତି ଆକଳନ ହୋଇ ପାରିନାହିଁ। ମନ୍ତ୍ରୀ ବିଭୂତି ଜେନାଙ୍କୁ ଏନେଇ ଦାୟିତ୍ୱ ଦିଆଯାଇଛି। ମନ୍ତ୍ରୀ ବିଭୂତି ଜେନା ସେହି ଅଞ୍ଚଳରେ ଅଛନ୍ତି। ସମସ୍ତ ଜିଲ୍ଲାପାଳ ତଥା ଆରଡିସିଙ୍କୁ ତଦାରଖ ପାଇଁ ଦାୟିତ୍ୱ ଦିଆଯାଇଛି। କ୍ଷୟକ୍ଷତି ଆକଳନ ଉଦାରତାର ସହ କରିବା ପାଇଁ କୁହାଯାଇଛି। ଏହାସହ ଚାଷୀଙ୍କୁ ପର୍ଯ୍ୟାପ୍ତ ପରିମାଣରେ କ୍ଷୟକ୍ଷତି ପ୍ରଦାନ କରାଯିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି।


## ଶ୍ରୀମନ୍ଦିର ସମ୍ମୁଖରେ ଭକ୍ତ-ସେବାୟତ ଧସ୍ତାଧସ୍ତି : ଅଟକାଇ ପାରିଲାନି ପୋଲିସ

**ପୁରୀ, ୨୨/୧୨ ନ୍ୟୁଜ ବ୍ୟୁରୋ**

ପୁରୀ ଶ୍ରୀମନ୍ଦିର ସମ୍ମୁଖରେ ଅଭାବନୀୟ ଦୃଶ୍ୟ। ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ୍‌ରେ ଭକ୍ତ-ସେବାୟତ ଧସ୍ତାଧସ୍ତି ହୋଇଛନ୍ତି। ପୋଲିସ ସମ୍ମୁଖରେ ଏଭଳି ଘଟଣା ଘଟିଥିବା ଜଣାପଡିଛି। ସୂଚନା ମୁତାବକ, ରବିବାର ମଧ୍ୟାହ୍ନ ସମୟରେ ଶ୍ରୀମନ୍ଦିରରେ ଦର୍ଶନ ପାଇଁ ଭକ୍ତଙ୍କ ଭିଡ ଲାଗିଥିଲା। ଏହି ସମୟରେ ସିଂହଦ୍ୱାର ସମ୍ମୁଖରେ ଘଟିଲା ଅଭାବନୀୟ ଘଟଣା। କୌଣସି କାରଣକୁ ନେଇ ଭକ୍ତ ଏବଂ ସେବାୟତଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଦର୍ଶନ ପାଇଁ ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ୍‌ରେ ପ୍ରବେଶ ଉଦ୍ୟମ ବେଳେ ଭକ୍ତଙ୍କ ସହ ସେବାୟତଙ୍କ ଠେଲାପେଲା ହୋଇଥିଲା। ପୋଲିସ ଘଟଣାସ୍ଥଳରେ ଥାଇ ମଧ୍ୟ ବିବାଦକୁ ଅଟକାଇ ପାରିନଥିଲେ।

### ଜୀନତ୍ ଉପରେ ଓଡ଼ିଶା ଓ ପଶ୍ଚିମବଙ୍ଗ ବନବିଭାଗର କଡ଼ା ନଜର

# ପଶ୍ଚିମବଙ୍ଗରୁ ଟ୍ରାଙ୍କୁଲାଇଜ୍ କରି ଓଡ଼ିଶା ଆସିବ ଜୀନତ୍




**ଶିମିଳିପାଳ, ୨୨।୧୨ ନ୍ୟୁଜ ବ୍ୟୁରୋ**

ମହାରାଷ୍ଟ୍ରରୁ ଶିମିଳିପାଳ ଆସିଥିବା ଦୁଇ ବାଘୁଣୀ ସମ୍ପର୍କରେ ଅପଡେଟ୍ ଦେଲା ଏସ୍‌ଟିଆର। ଶିମିଳିପାଳ କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ, ଦୁଇ ବାଘୁଣୀ ଏବେ ସମ୍ପୂର୍ଣ୍ଣ ସୁସ୍ଥ ଓ ସକ୍ରିୟ ଭାବେ ବୁଲାବୁଲି କରୁଛନ୍ତି। ଯମୁନା ଏବେବି' ଶିମିଳିପାଳ ଲାଣ୍ଡସ୍କେପ ଅର୍ଥାତ୍ କୁଳଡିହା ଓ ଶିମିଳିପାଳ ଅଭୟାରଣ୍ୟରେ ବିଚରଣ କରୁଥିବା ବେଳେ ଜୀନତ୍ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗର ଝାଡ଼ଗ୍ରାମ ଜଙ୍ଗଲରେ ରହିଛି। ତେଣୁ ଜୀନତ୍‌କୁ ଉଭୟ ଓଡ଼ିଶା ଓ ପଶ୍ଚିମବଙ୍ଗର ବନବିଭାଗ କଡ଼ା ନଜର ରଖିଛନ୍ତି। ତାକୁ ଟ୍ରାଙ୍କୁଲାଇଜ୍ କରି ସୁସ୍ଥ ଭାବେ ଶିମିଳିପାଳକୁ ଫେରାଇ ଆଣିବା ପାଇଁ ପ୍ରୟାସ ଜାରି ରହିଥିବା କହିଛନ୍ତି ଶିମିଳିପାଳ କ୍ଷେତ୍ର ନିର୍ଦ୍ଦେଶକ ଡା. ପ୍ରକାଶ ଚାନ୍ଦ ଗୋଗୀନେନି। ଜୀନତ୍‌କୁ ନେଇ ଗତ ୧୫ ଦିନ ହେଲାଣି ଚିନ୍ତାରେ ଅଛନ୍ତି ୩ ରାଜ୍ୟର ବନ ବିଭାଗ। ବର୍ତ୍ତମାନ ପଶ୍ଚିମବଙ୍ଗରେ ମଧ୍ୟ ଝାଡ଼ଖଣ୍ଡ ଭଳି ଭୟର ବାତାବରଣ ରହିଛି। ପର୍ଯ୍ୟଟନ ଋତୁରେ ବାଘ ଆତଙ୍କ ଲାଗି ଝାଡ଼ଗ୍ରାମ ଜଙ୍ଗଲ ଅଞ୍ଚଳର ସମସ୍ତ ପିକ୍‌ନିକ ସ୍ପଟ୍‌କୁ ବନ୍ଦ ରଖିଛି ସ୍ଥାନୀୟ ପ୍ରଶାସନ। ତେଣୁ ପରିସ୍ଥିତିକୁ ନଜରରେ ରଖି ଏକ ସ୍ୱତନ୍ତ୍ର ଦଳ ଜୀନତ୍‌ର ଗତିବିଧିକୁ ଟ୍ରାକିଂ କରୁଛନ୍ତି। ସୁଯୋଗ ପାଇବା ମାତ୍ର ତାକୁ ଟ୍ରାଙ୍କୁଲାଇଜ୍ କରି ପୁଣି ଶିମିଳିପାଳ ଫେରାଇ ଅଣାଯିବ ବୋଲି ଏସ୍‌ଟିଆର ପକ୍ଷରୁ ସୂଚନା ଦିଆଯାଇଛି।

# ଭରତପୁର ଥାନାରେ ହଙ୍ଗାମା ମାମଲା: ଆରମ୍ଭ ହେଲା ସାକ୍ଷ୍ୟ ପ୍ରମାଣ

**ଭୁବନେଶ୍ୱର, ୨୨/୧୨ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ଭରତପୁର ଥାନା ବିବାଦ ମାମଲାରେ ମେଜରଙ୍କ ବାନ୍ଧବୀଙ୍କୁ ୫ ଘଣ୍ଟା ଜେରା କରାଯାଇଛି। କମିଶନ ଜଷ୍ଟିସ ଚିତ୍ତରଞ୍ଜନ ଦାସଙ୍କ ଅଧକ୍ଷତାରେ ବାନ୍ଧବୀଙ୍କୁ ଜେରା ହୋଇଥିଲା। ଭୁବନେଶ୍ୱର ସ୍ପେସିଆଲ ସର୍କିଟ୍ ହାଉସରେ ଜଷ୍ଟିସ୍ ଚିତ୍ତରଞ୍ଜନ ଦାସଙ୍କ ସ୍ୱତନ୍ତ୍ର କୋର୍ଟରେ ଏହି ପ୍ରକ୍ରିୟା ଚାଲିଥିଲା। କମିଶନ ଜଷ୍ଟିସ ଚିତ୍ତରଞ୍ଜନ ଦାସଙ୍କ ସମ୍ମୁଖରେ ସେ ଉପସ୍ଥିତ ରହିଛନ୍ତି। ଭରତପୁର ଥାନା ଭିତରେ ହୋଇଥିବା ଘଟଣା ବେଳର ସମସ୍ତ ଭିଡିଓ ଗୁଡ଼ିକ କମିଶନ ଶ୍ରୀ ଦାସଙ୍କୁ ଦିଆଯାଇଛି। ନିଲମ୍ବିତ ପୋଲିସ କର୍ମଚାରୀ ଏବଂ ସେନା ଅଧିକାରୀଙ୍କ ବାନ୍ଧବୀଙ୍କ ନିକଟରେ ଥିବା ଭିଡିଓ ଗୁଡ଼ିକ କମିଶନ ନିକଟରେ ହସ୍ତଗତ କରାଯାଇଛି। କୋର୍ଟରେ ଜଷ୍ଟିସଙ୍କ ସମ୍ମୁଖରେ ଭରତପୁର ଥାନା ଭିତରେ ହୋଇଥିବା ଘଟଣାରେ ଭିଡିଓ




ଫୁଟେଜ ଦେଖାହୋଇଥିଲା। ଏହାପରେ ଗୋଟିଏ ପରେ ଗୋଟିଏ ପ୍ରଶ୍ନ ବାନ୍ଧବୀଙ୍କୁ ପଚାରିଥିଲେ ଜଷ୍ଟିସ। ଲଗାତାର ଭାବେ ୧୧ଟାରୁ ୪ଟା ୩୦ ଯାଏଁ ୫ ଘଣ୍ଟା ଧରି ଚାଲିଥିଲା ଜେରା। ଏଥିରେ ସେନା ଅଧିକାରୀ ଅନୁପସ୍ଥିତ ଥିଲେ କେବଳ ବାନ୍ଧବୀଙ୍କୁ ଜେରା ହୋଇଥିଲା। ଜେରା ବେଳେ ସେ ସମସ୍ତ ଉତ୍ତର ଦେଇଥିଲେ। ତାଙ୍କ ସହ ଥିଲେ ଓକିଲ ଯଶଓ୍ୱନ୍ତ ଦାସ। ସେହିପରି ସମୟ ଅଧିକ ଲାଗିବାରୁ ରବିବାର ଏହି ଶୁଣାଣି ପ୍ରକିୟା ବନ୍ଦ କରାଯାଇଥିଲା। ପାଞ୍ଚ ଘଣ୍ଟା ମଧ୍ୟରେ ଜଷ୍ଟିସଙ୍କ ସମ୍ମୁଖରେ ରଖାଯାଇଥିଲା ଭିଡିଓ ଓ କିଛି ଗୁରୁତ୍ୱପୂର୍ଣ୍ଣ ଫାଇଲ। ଏପଟେ ସେହି ରାତିରେ ଡ୍ୟୁଟିରେ ଥିବା ୫ ଜଣ ନିଲମ୍ବିତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରଥମେ ପୂର୍ବତନ ଭରତପୁର ଥାନା ଅଧିକାରୀ ଦୀନକୃଷ୍ଣ ମିଶ୍ର ଏବଂ ଅନ୍ୟ ୪ ଜଣ ନିଲମ୍ବିତ ପୋଲିସ କର୍ମଚାରୀଙ୍କୁ ଡକାଯାଇଥିଲା। ଏହାପରେ ସେମାନଙ୍କୁ ବାହାରକୁ ପଠାଇ ଦିଆଯାଇଥିଲା। କେବଳ ଜଷ୍ଟିସଙ୍କ ନିକଟରେ ବାନ୍ଧବୀ ଏବଂ ତାଙ୍କ ଓକିଲ ଉପସ୍ଥିତ ରହିଥିଲେ। ଏପଟେ ନିଲମ୍ବିତ ୫ ପୋଲିସ କର୍ମଚାରୀଙ୍କ ଓକିଲ ସୌର ଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ଏହି ପ୍ରକ୍ରିୟା ଚାଲିଥିଲା। ଅଧିକ ଲମ୍ବା ତାଲିକା ଥିବାରୁ ଜଣଙ୍କ ପରେ ଜଣଙ୍କୁ ଜେରା ହେବ। ପ୍ରକୃତ ତଥ୍ୟ ପାଇବାକୁ ଜଷ୍ଟିସ୍ ଦାସ ଏହି ପ୍ରକ୍ରିୟା ଅବଲମ୍ବନ କରିଛନ୍ତି ବୋଲି କହିଛନ୍ତି।

ଏହି ପ୍ରକ୍ରିୟା ଡିସେମ୍ବର ୨୨ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ସେପ୍ଟେମ୍ବର ୧୩ ରୁ ୧୬ ତାରିଖ ଭିତରେ ଭରତପୁର ଥାନାରେ ରେକର୍ଡ ହୋଇଥିବା ଷ୍ଟେସନ ଡାଏରୀ ଗୁଡିକ ମଧ୍ୟ କମିଶନଙ୍କଠାରେ ଦାଖଲ ହୋଇଛି। କମିଶନଙ୍କ ନିକଟରେ ମୋଟ ୫୨୫ଟି ସତ୍ୟପାଠ ଦାଖଲ ହୋଇଛି। ସେଥିରୁ ୪୫ଟି ସତ୍ୟପାଠକୁ ଶୁଣାଣି ପାଇଁ ଚୟନ କରାଯାଇଛି। ନଭେମ୍ବର ୧୯ ତାରିଖରେ ଜଷ୍ଟିସ୍ ଶ୍ରୀ ଦାଶ ନିଜେ ଭରତପୁର ଥାନାକୁ ଯାଇ ତଦନ୍ତ କରିଥିଲେ।

# ଓୟୁଏଟିକୁ ଘାରିଛି ଅଧ୍ୟାପକ ଚିନ୍ତା: ଦୁଇ ବର୍ଷରେ ଖାଲି ହେବ ପ୍ରଫେସର ପଦ, ଅବସର ନେବେ ୩୯ ପ୍ରଫେସର

**ଭୁବନେଶ୍ୱର, ୨୨/୧୨ ନ୍ୟୁଜ ବ୍ୟୁରୋ**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) କୁ ଘାରିଛି ଅଧ୍ୟାପକ ଚିନ୍ତା। ଆସନ୍ତା ଶିକ୍ଷାବର୍ଷ(୨୦୨୫-୨୬)ରେ ଓୟୁଏଟି ଅନ୍ତର୍ଗତ କୃଷି, ପ୍ରାଣୀ ଚିକିତ୍ସା ବିଜ୍ଞାନ (ଭେଟେରିନାରୀ) ଓ କୃଷି ଯାନ୍ତ୍ରିକ (ଏଗ୍ରି ଇଞ୍ଜିନିୟରିଂ)ରେ କାର୍ଯ୍ୟରତ ୩୯ ଜଣ ବରିଷ୍ଠ ପ୍ରଫେସର ଅବସର ନେବେ। ଏହାପରେ ଏହି ବିଶ୍ୱବିଦ୍ୟାଳୟର ଭାଗ୍ୟ କେବଳ ଆସୋସିଏଟ୍ ଓ ଆସିଷ୍ଟାଣ୍ଟ ପ୍ରଫେସରଙ୍କ ଉପରେ ନିର୍ଭର କରିବ। ଗତ ୬ ବର୍ଷ ହେବ ବିଶ୍ୱବିଦ୍ୟାଳୟରେ କ୍ୟାରିଅର ଆଡ୍‌ଭାନ୍ସମେଣ୍ଟ ସ୍କିମ୍ (ସିଏଏସ୍)ରେ ସହଯୋଗୀ ଓ ସହକାରୀ ପ୍ରଫେସରଙ୍କୁ ପଦୋନ୍ନତି ମିଳୁନି। ଫଳରେ ସେମାନେ ଯେଉଁଠି ଥିଲେ ସେହିଠାରେ ଅଛନ୍ତି। ତେଣୁ ଛାତ୍ରଛାତ୍ରୀମାନଙ୍କୁ ଗବେଷଣା, ଶିକ୍ଷା ଓ ସଂପ୍ରସାରଣ ଉପରେ ଗୁଣାତ୍ମକ ଶିକ୍ଷା କେମିତି ଦିଆଯିବ ତାକୁ ନେଇ ଚିନ୍ତାରେ ଅଛନ୍ତି କର୍ତ୍ତୃପକ୍ଷ। ୧୫ରୁ ୨୦ ବର୍ଷ ଧରି ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଅଭିଜ୍ଞତାସମ୍ପନ୍ନ ପ୍ରଫେସର ରହିଲେ



ବିଶ୍ୱବିଦ୍ୟାଳୟ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ ର୍‍ୟାଙ୍କିଂ ଫ୍ରେମ୍‌ୱାର୍କ (ଏନଆଇଆରଏଫ୍) ରେ ଉତ୍ତମ ସ୍ଥାନ ପାଇବାକୁ ଯୋଗ୍ୟ ବିବେଚିତ ହେବ। କାରଣ ଗତବର୍ଷ ଏହି ବିଶ୍ୱବିଦ୍ୟାଳୟ ଏନଆଇଆରଏଫ୍‌ରେ ୧୫ତମ ସ୍ଥାନରେ ଥିଲା। ହେଲେ ପ୍ରଫେସର ଖାଲି ହୋଇଗଲେ ଆଗାମୀ ଦିନରେ ଓୟୁଏଟି ଏନଆଇଆରଏଫ୍‌ରେ ଏହି ସ୍ଥାନ ପାଇବନି। କେବଳ ସେତିକି ନୁହେଁ, ବାରମ୍ବାର ଦାବି ସତ୍ତ୍ୱେ ପ୍ରଫେସରମାନଙ୍କ ଅବସର ବୟସ ସୀମା ବଢୁନି। ବର୍ତ୍ତମାନ ଅବସର ବୟସ ସୀମା ୬୦ ରହିଛି। ପୂର୍ବରୁ ଓୟୁଏଟି ଶିକ୍ଷକ ନିଯୁକ୍ତ କରୁଥିଲା। ହେଲେ ୨୦୨୦ରୁ ଓପିଏସ୍‌ସିକୁ ସରକାର ଏହି ଦାୟିତ୍ୱ ଦେଲେ। ଯାହାକୁ ନେଇ ୟୁଜିସି (ୟୁନିଭର୍ସିଟି ଗ୍ରାଣ୍ଟ କମିଶନ୍) ଏହା ବିରୋଧରେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେଲା। ଫଳରେ ୪ବର୍ଷ ହେବ ଅଧ୍ୟାପକ ନିଯୁକ୍ତି ବନ୍ଦ ପଡ଼ିଛି। ବର୍ତ୍ତମାନ ଓୟୁଏଟି ଅଧୀନରେ ଭୁବନେଶ୍ୱରରେ ତିନିଟି ଶିକ୍ଷାନୁଷ୍ଠାନ ରହିଛି। ସେଥିମଧ୍ୟରେ କୃଷି (ଏଗ୍ରିକଲଚର), ପ୍ରାଣୀ ଚିକିତ୍ସା ବିଜ୍ଞାନ (ଭେଟେରିନାରୀ) ଓ କୃଷି ଯାନ୍ତ୍ରିକ (ଏଗ୍ରି ଇଞ୍ଜିନିୟରିଂ) ଏବଂ ବନ ମହାବିଦ୍ୟାଳୟ ଅଛି। ଏଠାରେ ମୋଟ ପ୍ରଫେସର ପଦବୀ ହେଉଛି ୪୫। ସେଥିମଧ୍ୟରୁ ବନ ମହାବିଦ୍ୟାଳୟରେ ପ୍ରଫେସର ସଂଖ୍ୟା ହେଉଛି ୫। ଏଠାରେ କୌଣସି ପ୍ରଫେସର ନଥିବା ବେଳେ ୨୦୨୪ ଶେଷ ସୁଦ୍ଧା ଅନ୍ୟ ତିନି ଶିକ୍ଷାନୁଷ୍ଠାନ (କୃଷି, ପ୍ରାଣୀ ବିଜ୍ଞାନ ଓ କୃଷି ଯାନ୍ତ୍ରିକ)ରେ ମାତ୍ର ୮ଜଣ ପ୍ରଫେସର ଅଛନ୍ତି। ୨୦୨୫ ଶେଷ ସୁଦ୍ଧା ୨ ଜଣ ପ୍ରଫେସର ଓ ୨୦୨୬ ଶେଷ ସୁଦ୍ଧା ଜଣେ ପ୍ରଫେସର ଥିବେ। ୩୯ ଜଣ ପ୍ରଫେସର ଅବସର ନେଇଯିବେ। ଅନ୍ୟ ଶିକ୍ଷାନୁଷ୍ଠାନ ମଧ୍ୟରେ ଓୟୁଏଟି ଅନ୍ତର୍ଗତ କମ୍ୟୁନିଟି ବିଜ୍ଞାନ ମହାବିଦ୍ୟାଳୟ, ମୌଳିକ ବିଜ୍ଞାନ(ବେସିକ୍ ସାଇନ୍ସ) ମହାବିଦ୍ୟାଳୟ, ଚିପିଲିମା ଓ ଭବାନୀପାଟଣା କୃଷି ମହାବିଦ୍ୟାଳୟ, ଚିପିଲିମା ଉଦ୍ୟାନକୃଷି ମହାବିଦ୍ୟାଳୟ, ରଙ୍ଗେଇଲୁଣ୍ଡା ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟ, କୃଷି ବ୍ୟବସାୟ ପରିଚାଳନା ବିଭାଗ, ଆଞ୍ଚଳିକ ଗବେଷଣା ଓ ବୈଷୟିକ ଜ୍ଞାନ ସଂପ୍ରସାରଣ କେନ୍ଦ୍ର ଓ ସର୍ବଭାରତୀୟ ସମନ୍ୱୟ କୃଷି ଗବେଷଣା ପ୍ରକଳ୍ପ ମଧ୍ୟ ଅଛି। ଏସବୁ ସ୍ଥାନରେ ପ୍ରଫେସର ପଦବୀ ସଂଖ୍ୟା ମଧ୍ୟ ୪୦। ହେଲେ ୩୮ ପଦବୀ ଖାଲି ପଡ଼ିଛି ବୋଲି ବିଧାନସଭା ତଥ୍ୟ କହୁଛି। ଅପରପକ୍ଷେ, ଓୟୁଏଟିର ସମସ୍ତ ଶିକ୍ଷାନୁଷ୍ଠାନରେ ୨୧୮ ସହଯୋଗୀ ପ୍ରଫେସର (ଆସୋସିଏଟ୍)ଙ୍କ ମଧ୍ୟରୁ ୧୩୩ ଏବଂ ୪୩୧ ସହକାରୀ ପ୍ରଫେସର (ଆସିଷ୍ଟାଣ୍ଟ)ଙ୍କ ମଧ୍ୟରୁ ୧୮୨ ପଦବୀ ଖାଲି ଅଛି। ଓୟୁଏଟିରୁ ଛାତ୍ରଛାତ୍ରୀଙ୍କୁ ଶସ୍ୟ, ମତ୍ସ୍ୟ, ପ୍ରାଣୀ, ଉଦ୍ଭିଦ, କୃଷି ଯନ୍ତ୍ରପାତି, ଉଦ୍ୟାନ କୃଷି, ବନୀକରଣ ଉପରେ ଶିକ୍ଷାଦାନ ମିଳୁଛି। ଛାତ୍ରଛାତ୍ରୀମାନେ ଏଠାରେ ୟୁଜି ସହ ପିଜି କରୁଛନ୍ତି। ପିଏଚ୍‌ଡି ମଧ୍ୟ ଚାଲିଛି। ତେଣୁ ପ୍ରଫେସରମାନଙ୍କ ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ। ତେବେ ୨୦୧୮ରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍କୋରକାର୍ଡ ହେବା ସହ ସିଏଏସ୍ ମାଧ୍ୟମରେ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ପଦୋନ୍ନତି ମିଳୁଥିଲା। ସେମାନେ ପରବର୍ତ୍ତୀ ସମୟରେ ପ୍ରଫେସର ହେଉଥିଲେ। ଏହି ବ୍ୟବସ୍ଥା ସେହି ସମୟରେ ବନ୍ଦ ହୋଇଗଲା। ଏବେ ଯେଉଁମାନେ ଆସିଷ୍ଟାଣ୍ଟ ପ୍ରଫେସର ଅଛନ୍ତି ସେମାନଙ୍କର ପ୍ରଫେସର ହେବାର ଯୋଗ୍ୟତା ନାହିଁ।

# ଉପକୂଳ ମୁହାଁ ଅଲିଭ ରିଡ୍‌ଲେ କଇଁଛ : ସୁରକ୍ଷା ପାଇଁ ଦିଆଗଲା ପ୍ରଶିକ୍ଷଣ

**ଟାଙ୍ଗି ୨୨।୧୨ ନ୍ୟୁଜ ବ୍ୟୁରୋ**

ଉପକୂଳ ମୁହାଁ ହୋଇଛନ୍ତି ଅଲିଭ ରିଡ୍‌ଲେ କଇଁଛ। ସମୁଦ୍ର କୂଳକୁ ଆସୁଥିବା ଅଲିଭ ରିଡ୍‌ଲେ କଇଁଛମାନଙ୍କୁ କିପରି ସୁରକ୍ଷା ଦିଆଯିବ ସେନେଇ ଏକ ପ୍ରଶିକ୍ଷଣ ଶିବିର କରାଯାଇଥିଲା। ଏହି କର୍ମଶାଳାରେ ବନ କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରାଯିବା ସହିତ ସଚେତନତା କରାଇଥିଲେ ପ୍ରଶିକ୍ଷକ। ଅଭିଜ୍ଞତାପୂର୍ଣ୍ଣ ପ୍ରଶିକ୍ଷକ ଓ ରିସର୍ଚ୍ଚ ପର୍ସନ ଏହି ପ୍ରଶିକ୍ଷଣ ଦେଇଥିଲେ। ଗଭୀର ସମୁଦ୍ର ଭିତରେ ଏବେ ସାମୁଦ୍ରିକ କଇଁଛମାନଙ୍କ ପ୍ରଜନନ ସମୟ ଚାଲିଥିବା କାରଣରୁ ଏବେ ଠାରୁ ସେମାନଙ୍କ ସୁରକ୍ଷା ଆବଶ୍ୟକତା ପଡୁଛି। କିଭଳି ସୁରକ୍ଷା ଦିଆଯାଇ ପାରିବ ଲୋକମାନଙ୍କୁ କିଭଳି ସଚେତନ କରାଯିବ, ଏହି ଅଲିଭ ରିଡ୍‌ଲେ କଇଁଛ କିଭଳି ଅଣ୍ଡା ଦେଉଛନ୍ତି ଓ କିଭଳି ଅଲିଭ ରିଡ୍‌ଲେ କଇଁଛ ଶାବକ ଜନ୍ମ ନେଉଛନ୍ତି ସେସବୁର ତଥ୍ୟ ସମ୍ବଳିତ ସୂଚନା ଏହି ପ୍ରଶିକ୍ଷଣ ଶିବିରରେ ଦିଆଯାଇଥିଲା। ବନ୍ୟପ୍ରାଣୀ ସୁରକ୍ଷା ବାହିନୀର କର୍ମଚାରୀମାନଙ୍କୁ



ଟ୍ରେନିଂ ଦେଇଥିଲେ ପ୍ରଶିକ୍ଷକ ଓ ଚିଲିକା ବନ୍ୟପ୍ରାଣୀ ଡିଭିଜନର ଡିଏଫ୍‌ଓ ଅମ୍ଲାନ ନାୟକ। ଚିଲିକା ବନ୍ୟପ୍ରାଣୀ ଡିଭିଜନର ନୂଆପଡ଼ା, ସାତପଡ଼ା ଏବଂ ରମ୍ଭା ରେଞ୍ଜ ଅଧୀନରେ ଥିବା ସମୁଦ୍ର ବେଳାମାର୍ଗକୁ ଆସୁଥିବା ଅଲିଭ ରିଡ୍‌ଲେ କଇଁଛମାନଙ୍କ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ଚିଲିକା ବନ୍ୟପ୍ରାଣୀ ଡିଭିଜନର ଡିଏଫ୍‌ଓ ଏହି ସୂଚନା ଦେଇଛନ୍ତି। ପୁରୀ ଜିଲ୍ଲାର କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟ ପରିସରରେ ଏହି ଟ୍ରେନିଂ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା।